ଧରିତ୍ରୀ 52 Years

ପୃଷ୍ଠା-୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୪/୨୦୨୬ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, February 14/2026 | Page 16 | ₹ 7.00 | DHENKANAL

୫୨ଶ ଭାଗ ୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 82 | ମୂଲ୍ୟ ₹୭/-



KHIMJI TRUST SINCE 1936

KHIMJI®
JEWELLERS SINCE 1936




90 YEARS
TRUST IS TIMELESS

**BHUBANESWAR:** JANPATH, CHANDRASEKHARPUR, SAMANTARAPUR, SOUBHAGYA NAGAR • **ANGUL:** SHANKAR CINEMA HALL ROAD • **BERHAMPUR:** VENKATRAJU ARCADE, SANO BAZAR • **CUTTACK:** 558/834, CANTONMENT ROAD • **JAJPUR ROAD:** BANK STREET ROAD • **JHARSUGUDA:** SARBAHAL ROAD, MARWARI PARA **PURI:** OPP. POLICE LINE, VIP ROAD • **ROURKELA:** KESAR BHAWAN, MAIN ROAD • **SAMBALPUR:** (OPENING SHORTLY)

100% BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme

Khimjijewellers.com | 1800 3131 777 | FOLLOW US ON:

SCAN TO KNOW MORE


KHIMJI TRUST SINCE 1936
KHIMJI®
JEWELLERS SINCE 1936
'Anniversary Sale'
Celebrating Anniversary of our Flagship Store at 621 Janpath, Bhubaneswar.
FLAT 45% OFF*
*T&C Apply.
ON GOLD & DIAMOND JEWELLERY MAKING CHARGES
Offer valid from 14th to 21st February
Offer available at all our showrooms across Odisha
90 YEARS
TRUST IS TIMELESS
BHUBANESWAR: JANPATH, CHANDRASEKHARPUR, SAMANTARAPUR, SOUBHAGYA NAGAR • ANGUL: SHANKAR CINEMA HALL ROAD • BERHAMPUR: VENKATRAJU ARCADE, SANO BAZAR • CUTTACK: 558/834, CANTONMENT ROAD • JAJPUR ROAD: BANK STREET ROAD • JHARSUGUDA: SARBAHAL ROAD, MARWARI PARA
PURI: OPP. POLICE LINE, VIP ROAD • ROURKELA: KESAR BHAWAN, MAIN ROAD • SAMBALPUR: (OPENING SHORTLY)
100% BIS Hallmarked HUID Pure Gold Jewellery
Fair Price Policy
Tested And Certified Diamonds
Lifetime Buyback Guarantee
100% Exchange Of Old Gold
Free Insurance On Diamonds
Safe Gold Purchase Scheme
Khimjijewellers.com
1800 3131 777
FOLLOW US ON:
SCAN TO KNOW MORE

ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୪/୨୦୨୬ | Bhubaneswar, Saturday, February 14/2026





ନବରଙ୍ଗପୁର ମଣ୍ଡେଇ ପଡ଼ିଆରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

## ଅଷ୍ଟ୍ରେଲିଆକୁ ହରାଇଲା ଜିମ୍ବାୱେ

**କଲମ୍ବୋ, ୧୩।୨ (ପି.ଟି.)**

ଦଳଗତ ପ୍ରଦର୍ଶନ ଯୋଗୁ ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଆଘାତଜନିତ ସମସ୍ୟାରେ ଥିବା ଅଷ୍ଟ୍ରେଲିଆ ବିପକ୍ଷରେ ଚମକପ୍ରଦ ୨୩ ରନରେ ବିଜୟ ହାସଲ କରି ଏକ ବିପର୍ଯ୍ୟୟ ସୃଷ୍ଟି କରିଛି ଜିମ୍ବାୱେ। ଆଫ୍ରିକୀୟ ଦେଶ ଟୁର୍ନାମେଣ୍ଟରେ ଏଥରକୁ ମିଶାଇ ଏହି ଫର୍ମାଟର ଅନ୍ୟତମ ପାରମ୍ପରିକ ହେଭିୱେଟ୍‌କୁ ଦ୍ୱିତୀୟ ଥର ପରାସ୍ତ କରିଛି। ପୂର୍ବରୁ ୨୦୦୭ ସଂସ୍କରଣରେ କେପ୍‌ଟାଉନ୍‌ରେ ଏକ ଲୋ ସ୍କୋରିଂ ମ୍ୟାଚରେ ଗୋଟିଏ ବଲ୍ ବାକିଥାଇ ଅଷ୍ଟ୍ରେଲିଆକୁ ୫ ଉଇକେଟରେ ହରାଇ ଦେଇଥିଲା ପ୍ରସ୍ପର ଉତ୍ସେୟାଙ୍କ ନେତୃତ୍ୱାଧୀନ ଜିମ୍ବାୱେ। ଟୁର୍ନାମେଣ୍ଟର ୨୦୨୬ ସଂସ୍କରଣରେ ଶୁକ୍ରବାର ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାୱେ ନିର୍ଦ୍ଧାରିତ ଓଭରରେ ୨ଉଇକେଟ ବିନିମୟରେ ୧୬୯ ରନ୍ କରିଥିଲା। ଓପନର ବ୍ରାଏନ୍ ବେନେଟ୍ (୫୬ ବଲ୍‌ରୁ ୬୪*) ଓ ତାଡିୱାନ୍‌ସି ମାରୁମାନି (୨୧ ବଲ୍‌ରୁ ୩୫) ଦଳକୁ ଭଲ ଆରମ୍ଭ ଦେଇଥିଲେ। ଦୁହେଁ ପାର୍ଟନରଶିପ୍‌ରେ ୭.୩ ଓଭରରେ ୬୧ ରନ ଯୋଗ କରିଥିଲେ। ର୍‌ୟାନ ବର୍ଲ (୩୦ ବଲ୍‌ରୁ ୩୫) ଏବଂ ଅଧିନାୟକ ସିକନ୍ଦର ରାଜା (୧୩ ବଲ୍‌ରୁ ୨୫*)ଙ୍କର ମଧ୍ୟ ଉପଯୋଗୀ ଅବଦାନ ଥିଲା। ଅଷ୍ଟ୍ରେଲିଆ ତରଫରୁ କାମେରୁନ୍ ☞ପୃଷ୍ଠା-୨

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଶୁଭାରମ୍ଭ

## ନବରଙ୍ଗପୁର ବିକାଶକୁ ମିଳିଲା ନୂଆ ଗତିଃ ମୁଖ୍ୟମନ୍ତ୍ରୀ

**▪ ୪୬ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର, ଉଦ୍‌ଘାଟନ**

**▪ ଜୟପୁର-ଗୋପାଳପୁର, ନବରଙ୍ଗପୁର-ଜୟପୁରକୁ ହେବ ୬ ଲେନ୍ ବିଶିଷ୍ଟ ରାସ୍ତା**

**ନବରଙ୍ଗପୁର ମଣ୍ଡେଇ ପଡ଼ିଆରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହାସହ ନବରଙ୍ଗପୁର ମେଡିକାଲ କଲେଜ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜିଲାବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ପ୍ରାୟ ୪୪୬ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୧୭୭ଟି ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରେ ୬୮ କୋଟି ଟଙ୍କାର ୧୧୨ଟି ପ୍ରକଳ୍ପର ଉଦ୍‌ଘାଟନ ସହ ୩୭୮ କୋଟି ଟଙ୍କାର ୬୫ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି, ଯାହାକି ନବରଙ୍ଗପୁରର ବିକାଶକୁ ନୂଆ ଗତି ଦେଇଛି। ଶିକ୍ଷା, ସ୍ୱାସ୍ଥ୍ୟସେବା, ସଡ଼କ ଓ ସେତୁ ନିର୍ମାଣ, ହଷ୍ଟେଲ, ଅଙ୍ଗନୱାଡି କେନ୍ଦ୍ର ଓ ବନ ସୁରକ୍ଷା ସମିତି ସହିତ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପ ନବରଙ୍ଗପୁରକୁ ଉନ୍ନତିର ନୂତନ ଶିଖରକୁ ନେଇଯିବ ସରକାର ଆଶା ରଖିଛନ୍ତି।**

**ନବରଙ୍ଗପୁର, ୧୩।୨ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନ ଓ ବଳିଦାନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମନେପକାଇ ଶ୍ରଦ୍ଧାଞ୍ଜଳି ଜଣାଇବା ସହ କହିଛନ୍ତି, ଓଡ଼ିଶା ହେଉଛି କଳା ସଂସ୍କୃତି ଓ ପରମ୍ପରାର ରାଜ୍ୟ। ଅଭାବ ଯୋଗୁ ଲୋକେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଯାଇ ପାରୁ ନ ଥିଲେ। ଏଣିକି ପ୍ରଭୁଙ୍କ ଡାକରା ଆସିବା ପରେ ୬୦ ବର୍ଷରୁ ୭୫ ବର୍ଷ ବୟସ୍କ ଓ ବିଧବା ଶ୍ରୀଜଗନ୍ନାଥ ଯୋଜନାରେ ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ସରକାରଙ୍କ ପକ୍ଷରୁ ରହିବା, ଖାଇବା ଓ ଯାତାୟାତ ସମସ୍ତ ଖର୍ଚ୍ଚ ବହନ କରାଯିବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି, ସମସ୍ତଙ୍କର ମହାପ୍ରଭୁଙ୍କ ଦର୍ଶନ ଇଚ୍ଛା ଥାଏ। ଜଗନ୍ନାଥ ଦର୍ଶନ ଯୋଜନାରେ ଯେଉଁ ବରିଷ୍ଠ ନାଗରିକମାନେ ପୁରୀ ଯିବେ ସେମାନେ ବୃନ୍ଦାବତୀ ଭବନରେ ରହିବେ। ସମସ୍ତ ଖର୍ଚ୍ଚ ଦାୟିତ୍ୱ ସରକାରଙ୍କର। ଜନକଲ୍ୟାଣ ରାଷ୍ଟ୍ରରେ ଜନସାଧାରଣଙ୍କ ସୁବିଧା ପାଇଁ ଏହି ଯୋଜନା କରାଯାଇଛି ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୫ ଜଣ ତୀର୍ଥଯାତ୍ରୀଙ୍କୁ କିଟ୍ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମାଝୀ ପତାକା ଦେଖାଇ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ କରିବା ପରେ ଜିଲାରୁ ୧୪୮ ତୀର୍ଥଯାତ୍ରୀ ପୁରୀ ଅଭିମୁଖେ ବସ୍ ଯୋଗେ ଯାତ୍ରା କରିଛନ୍ତି।

ନବରଙ୍ଗପୁରର ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜିଲାରେ ଶିଳ୍ପ ପ୍ରତିଷ୍ଠା ହେବ। ନବରଙ୍ଗପୁର ରାଜଧାନୀରୁ ବହୁ ଦୂରରେ। ମିଶନ ପାୱାର ମାଧ୍ୟମରେ ୨୦୨୭ ସୁଦ୍ଧା ସମସ୍ତ ଗାଁକୁ ପକ୍କାରାସ୍ତା, ପ୍ରତି ଘରକୁ ପାଇପ୍ ଯୋଗେ ପାନୀୟଜଳ ଓ ବିଦ୍ୟୁତ୍ ସଂଯୋଗୀକରଣ କାର୍ଯ୍ୟ କରାଯିବ। ନବରଙ୍ଗପୁର-ଜୁନାଗଡ଼ ଓ ନବରଙ୍ଗପୁର-ଜୟପୁର ରେଳପଥ ପାଇଁ ଏମ୍‌ପି ବଳଭଦ୍ର ମାଝୀ ଓ ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାଁଙ୍କୁ ଦାୟିତ୍ୱ ଦିଆଯାଇଛି। ଲୋକ ସଭା ଓ ରାଜ୍ୟ ସଭା ଅଧିବେଶନ ସମୟରେ ରେଳମନ୍ତ୍ରୀଙ୍କୁ ଭେଟି ପ୍ରକଳ୍ପ କାର୍ଯ୍ୟ ଆଗେଇ ନେବାକୁ କୁହାଯିବ। ବିଧାନସଭା ଅଧିବେଶନ ପରେ ରେଳ ପ୍ରକଳ୍ପ କାର୍ଯ୍ୟ ପାଇଁ ଦିଲ୍ଲୀ ଯିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଧିକାରୀ, ଅମିନ, ଆର୍‌ଆଇ ନିଯୁକ୍ତି ହୋଇଛନ୍ତି। ସେହିପରି ଜୟପୁର-ଗୋପାଳପୁର, ଜୟପୁର-ନବରଙ୍ଗପୁର ପାଇଁ ୬ ଥାକିଆ ରାସ୍ତା ନିର୍ମାଣ ହେବ। ଏନେଇ ଡିପିଆର୍ ପ୍ରସ୍ତୁତ କରାଯାଉଛି। ଏହି ରାସ୍ତା ରାଜ୍ୟ ସରକାର କରିବେ। ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ମଧ୍ୟ ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ୧୮ ମାସ ମଧ୍ୟରେ କଥା ଦେଇ କଥା ରଖିଛନ୍ତି ସରକାର। ପ୍ରତି ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ହେବ। ୨୨୦୦ ବିଦ୍ୟାଳୟ ପାଇଁ ସରକାର ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରିବା ସହ ବରପୁତ୍ରମାନଙ୍କ ଗାଁର ☞ପୃଷ୍ଠା-୨

## କାହ୍ନୁ ଲେଙ୍କାଙ୍କ ପରଲୋକ



**ଭୁବନେଶ୍ୱର/ଫୁଲନଖରା, ୧୩।୨ (ରବିନାରାୟଣ ଜେନା/ସତ୍ୟରଞ୍ଜନ ଦାସମହାପାତ୍ର)**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପିସିସିର ପୂର୍ବତନ ସଭାପତି କାହ୍ନୁ ଚରଣ ଲେଙ୍କାଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୮୬ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ଅସୁସ୍ଥ ହୋଇପଡ଼ିଥିଲେ। ହୃଦ୍‌ଘାତରେ ତାଙ୍କର ଦେହାନ୍ତ ହୋଇଥିବା ପୁଅ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି। ୧୯୩୯ ମାର୍ଚ୍ଚ ୨ ତାରିଖରେ କଟକ ଜିଲା ସଦର ବ୍ଲକ ଖଣ୍ଡେଇତା ପଞ୍ଚାୟତ ଅରଡ଼ ଗ୍ରାମରେ କାହ୍ନୁଚରଣ ଲେଙ୍କା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବିକଳ୍ପ ଶେଷ**

## ମେଡିକାଲ କଲେଜ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ନବରଙ୍ଗପୁର, ୧୩।୨ (ସଦାଶିବ ପ୍ରହରାଜ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ନବରଙ୍ଗପୁର ଜିଲାରେ ଏକ ମେଡିକାଲ କଲେଜ ସ୍ଥାପନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ନବରଙ୍ଗପୁରରେ ମେଡିକାଲ କଲେଜ ଓ ହସ୍ପିଟାଲ ୫୦ ଏକରରୁ ଊର୍ଦ୍ଧ୍ୱ ଜମିରେ ନିର୍ମାଣ ହେବ। ୧୦୦ ଛାତ୍ରୀଛାତ୍ର ପଢ଼ିବା ସହିତ ୪୨୦ ଶଯ୍ୟା ରହିବ। ଫଳରେ ଏହି ଜିଲାର ଲୋକେ ଆଉ ବାହାର ରାଜ୍ୟକୁ ଯାଇ ଖର୍ଚ୍ଚାନ୍ତ ହେବେନାହିଁ । ଏଠାରେ ଉତ୍ତମ ସ୍ୱାସ୍ଥ୍ୟସେବା ମିଳିବ। ଉପାନ୍ତ ଅଞ୍ଚଳ ମଧ୍ୟ ଭୁବନେଶ୍ୱର ଓ କଟକ ଭଳି ବିକଶିତ ହେବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ଭାଷଣରେ କହିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ନବରଙ୍ଗପୁର ସମେତ ରାଜ୍ୟରେ ୯ଟି ମେଡିକାଲ କଲେଜ ସ୍ଥାପନ ହେବ। ମେଡିକାଲ ଶିକ୍ଷା, ସ୍ୱାସ୍ଥ୍ୟସେବା ଜନସାଧାରଣ ପାଇବେ। ୨୦୨୪-୨୫ ବର୍ଷରେ ରାଜ୍ୟରେ ୨୦୦ ମେଡିକାଲ ସିଟ୍ ବଢ଼ିଛି। ପ୍ରତିବର୍ଷ ପାରାମେଡିକାଲ ସିଟ୍ ସଂଖ୍ୟା ମଧ୍ୟ ବଢ଼ିବ।

## ବୋର୍‌ୱେଲରେ ପଡ଼ି ଦେଢ଼ବର୍ଷର ଶିଶୁକନ୍ୟା ମୃତ

**ପୁରୀ, ୧୩।୨ (ଅଜିତ୍ କୁମାର ମହାନ୍ତି)**

ପୁରୀରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଖେଳୁଥିବା ବେଳେ ବୋର୍‌ୱେଲରେ ଖସିପଡ଼ି ଦେଢ଼ବର୍ଷର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ମୃତ ଶିଶୁକନ୍ୟା ନରେନ୍ଦ୍ରକୋଣ ମଙ୍ଗଳାସାହିର ଅଜୟ ନାୟକଙ୍କ ଝିଅ। ଏହି ଦୁଃଖଦ ଘଟଣାକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଶିଶୁକନ୍ୟା ଜଣକ ତାଙ୍କ ମାମୁଘର ରାୟବାହାଦୁର ଲେନ୍ ବୁଲିବାକୁ ଆସିଥିଲେ। ଶୁକ୍ରବାର ମଧ୍ୟାହ୍ନ ସମୟରେ ଶିଶୁକନ୍ୟା ଜଣକ ଖେଳୁଥିବା ବେଳେ ସଦର ମୁଖ୍ୟ ଚିକିତ୍ସାଳୟର ନୂଆ କୋଠା କାମ ପାଇଁ ଖୋଳାଯାଇଥିବା ବୋର୍‌ୱେଲ ଭିତରେ ଖସି ପଡ଼ିଥିଲେ। ଏ ନେଇ ସ୍ଥାନୀୟ ଲୋକ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଘଟଣାସ୍ଥଳରେ କୁମ୍ଭାରପଡ଼ା ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଶିଶୁକନ୍ୟାକୁ ଉଦ୍ଧାର କରାଯିବା ପରେ ଚିକିତ୍ସା ପାଇଁ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା ☞ପୃଷ୍ଠା-୨

# ଚାଷୀ କାନ୍ଦୁଛନ୍ତି, ମହିଳା ଅସୁରକ୍ଷିତ

## ବିଜେଡିର ବିକ୍ଷୋଭ ଶୋଭାଯାତ୍ରା ଓ ପ୍ରତିବାଦ



ବିକ୍ଷୋଭ ଓ ପ୍ରତିବାଦ ସଭାରେ ବିଜେଡି ନେତୃବୃନ୍ଦ ।

**ଢେଙ୍କାନାଳ, ୧୩।୨ (ରତନ ନାୟାର)**

ଢେଙ୍କାନାଳ ଜିଲା ବିଜେଡି ପକ୍ଷରୁ ଶୁକ୍ରବାର ଜିଲାରେ ଚାଷୀମାରଣ ନୀତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ପ୍ରତିଶ୍ରୁତି ଖିଲାପ ବିରୋଧରେ ଏକ ବିକ୍ଷୋଭ ଶୋଭାଯାତ୍ରା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ସହରସ୍ଥିତ ବାଜିଚୌକଠାରୁ ବହୁ ସଂଖ୍ୟାରେ ବିଜେଡି ନେତୃବୃନ୍ଦ ଓ କର୍ମୀ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରତିବାଦ ସଭା କରିଥିଲେ ।

ରାଜ୍ୟ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଆୟୋଜିତ ଏହି ପ୍ରତିବାଦ ସଭାରେ ରାଜ୍ୟରେ ଶାସକ ଭାଜପା ସରକାରଙ୍କ ଉପରେ ବିଜେଡି ନେତୃବୃନ୍ଦ ବର୍ଷିଥିଲେ । ଜିଲା ବିଜେଡି ସଭାପତି ଡା. ନୃସିଂହ ଚରଣ ସାହୁ ସଭାପତିତ୍ୱ କରି କହିଲେ, ଜିଲାରେ ସମସ୍ତ ଧାନମଣ୍ଡି ଦଲାଲଙ୍କ ଅକ୍ତିଆରରେ । ଚାଷୀ ଧାନ ବିକ୍ରି କରି ନ ପାରି ହତାଶ ହୋଇଛନ୍ତି। ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କହିଥିଲେ, ଢେଙ୍କାନାଳ ଜିଲାରେ ଚାଷୀ କାନ୍ଦୁଥିବା ବେଳେ ମହିଳାମାନେ ଅସୁରକ୍ଷିତ ମଣୁଛନ୍ତି। ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଲୋଚାପଲି ଗ୍ରାମରେ ଦନ୍ତାହାତୀ ୩ ଜଣ ମହିଳାଙ୍କୁ ମାରିବା ଘଟଣାରେ ବନଖଣ୍ଡ ଅଧିକାରୀ ଏହାକୁ ରାସ୍ତା ଦୁର୍ଘଟଣା କହିବା ନିନ୍ଦନୀୟ। ଏହାକୁ ନେଇ ବିଜେଡି ନିନ୍ଦା ପ୍ରସ୍ତାବ ଆଣିଛି। ଏଥିରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଆମେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛୁ । ଉକ୍ତ ଅଞ୍ଚଳରେ ହାତୀ ଉପଦ୍ରବ କରୁଥିବା ବେଳେ କପିଳାସ ରେଞ୍ଜ ଓ ସଦର ରେଞ୍ଜ ଅଧିକାରୀମାନେ ନିଜ ସୀମା ମାପିବାରେ ବ୍ୟସ୍ତ ଘଟଣା ଦୁଃଖଦାୟକ । ଆସନ୍ତା ପଞ୍ଚାୟତ ନିର୍ବାଚନରେ ବିଜେଡି ବିପୁଳ ବିଜୟ ହାସଲ କରିବ ବୋଲି ପୂର୍ବତନ ବିଧାୟକ କହିଥିଲେ। ☞ପୃଷ୍ଠା-୨

# ୩,୮୨୬ କୋଟିରୁ ଭାଜପାକୁ ୮୨%

**ଇଲେକ୍ଟୋରାଲ ଟ୍ରଷ୍ଟ**

ADR Association for Democratic Reforms

**ନୂଆଦିଲ୍ଲୀ, ୧୩।୨ (ପି.ଟି.)**

୨୦୨୪-୨୫ ଆର୍ଥିକ ବର୍ଷରେ ଇଲେକ୍ଟୋରାଲ ଟ୍ରଷ୍ଟଗୁଡ଼ିକ ମୋଟ ୩,୮୨୬.୩୪ କୋଟି ଟଙ୍କା ସଂଗ୍ରହ କରିଥିବାବେଳେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ୩,୮୨୬.୩୫ କୋଟି ଟଙ୍କା ଆବଣ୍ଟନ କରିଥିଲେ। ମୋଟ ସଂଗୃହୀତ ପାଣ୍ଠିର ୮୨ ପ୍ରତିଶତରୁ ଅଧିକ କେବଳ ଭାଜପାକୁ ମିଳିଥିବା ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଶୁକ୍ରବାର କହିଛି। ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ ହୋଇଥିବା ଚାନ୍ଦା ଦସ୍ତାବିଜଗୁଡ଼ିକର ଅନୁଶୀଳନ କରିବା ପରେ ଏଡିଆର୍ ସଦ୍ୟ ରିପୋର୍ଟରେ କହିଛି, ୨୦ ପଞ୍ଜୀକୃତ ଇଲେକ୍ଟୋରାଲ ଟ୍ରଷ୍ଟ ମଧ୍ୟରୁ ୧୦ଟି ଉପରୋକ୍ତ ଆର୍ଥିକ ବର୍ଷରେ ସଂଗ୍ରହ କରିଥିବା ଚାନ୍ଦା ସମ୍ପର୍କରେ ଘୋଷଣା କରିଛନ୍ତି। ଚାନ୍ଦା ସମ୍ପର୍କିତ ଦସ୍ତାବିଜ୍ ଦାଖଲ ସମୟସୀମା ଅତିକ୍ରାନ୍ତ ହେବାର ୩ ମାସ ପରେ ମଧ୍ୟ ୫ଟି ଟ୍ରଷ୍ଟର ରିପୋର୍ଟ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇନାହିଁ।

ଏଡିଆର୍ ସୂଚନା ଅନୁଯାୟୀ, କର୍ପୋରେଶନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୩,୮୨୬.୩୪୧୭ କୋଟି ଟଙ୍କା ସଂଗୃହୀତ ହୋଇଥିବାବେଳେ ରାଜନୈତିକ ଦଳଗୁଡ଼ିକୁ ୩,୮୨୬.୩୫୨୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଶାସକ ଭାଜପା ଉକ୍ତ ଅର୍ଥରୁ ୩,୧୫୭.୬୫୪୯ କୋଟି ଟଙ୍କା ପାଇଛି, ଯାହାକି ଇଲେକ୍ଟୋରାଲ ଟ୍ରଷ୍ଟଗୁଡ଼ିକ ମୋଟ ଆବଣ୍ଟନ କରିଥିବା ପାଣ୍ଠିର ୮୨.୫୨ ପ୍ରତିଶତ। ଭାରତୀୟ ଜାତୀୟ କଂଗ୍ରେସ ୨୯୮.୭୭୯୫ କୋଟି ଟଙ୍କା ଅର୍ଥାତ୍ ୭.୮୧ ପ୍ରତିଶତ ପାଇଥିବାବେଳେ ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ(ଏଆଇଟିସି) ୧୦୨ କୋଟି ଟଙ୍କା (୨.୬୭%) ପାଇଛି। ଅନ୍ୟ ୯ଟି ଦଳଙ୍କୁ ମୋଟ ୨୬୭.୯୧୭୮ କୋଟି ଟଙ୍କା ମିଳିଛି।

ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ ୧୫ଟି ରାଜନୈତିକ ଦଳଙ୍କୁ ସର୍ବାଧିକ ୨,୬୬୮.୪୬୪୭ କୋଟି ଟଙ୍କା ପ୍ରଦାନ କରିଥିବାବେଳେ ପ୍ରୋଗ୍ରେସିଭ୍ ଇଲେକ୍ଟୋରାଲ ଟ୍ରଷ୍ଟ ୧୦ଟି ଦଳଙ୍କୁ ୯୧୪.୯୭ କୋଟି ଟଙ୍କା ପ୍ରଦାନ କରିଛି। ସେହିବର୍ଷ ୨୨୮ଟି କର୍ପୋରେଟ୍ ବା ବ୍ୟବସାୟିକ ପ୍ରତିଷ୍ଠାନ ୩,୬୩୬.୮୧୯ କୋଟି ଟଙ୍କା ଚାନ୍ଦା ଦେଇଥିବାବେଳେ ୯୯ ଜଣ ବ୍ୟକ୍ତିବିଶେଷ ମୋଟ ୧୮୭.୬୨୨୭ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। ସର୍ବାଧିକ ଚାନ୍ଦା ଦେଇଥିବା ୧୦ଟି ସଂସ୍ଥାରୁ ମୋଟ ୧,୯୦୮.୮୬୨୧ କୋଟି ଟଙ୍କା ମିଳିଛି, ଯାହାକି ମୋଟ ଚାନ୍ଦାର ୪୯.୮୯ ପ୍ରତିଶତ। ଏଲେଭେଟେଡ୍ ଆଭେନ୍ୟୁ ରିଏଲିଟି ଏଲ୍‌ଏଲ୍‌ପି ଏକାକୀ ସର୍ବାଧିକ ୫୦୦ କୋଟି ଟଙ୍କା ଚାନ୍ଦା ଦେଇଥିବାବେଳେ ଏହା ପଛକୁ ଟାଟା ସନ୍ସ ପ୍ରା.ଲିଃ ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମାତୃ ପିତୃ ପୂଜନ ଦିବସ, ସ୍ଥାନ: ନହରକଣ୍ଟା ସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ ଟା ୩୦ ।
- ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ବାଲିଅନ୍ତା କୁଶଗାଡିଆ ମଠ ପରିସର, ସମୟ: ପୂର୍ବାହ୍ନ ୧୧ ଟା।
- ୧୨ତମ ଭୁବନେଶ୍ୱର ରେଡିଓ ମେଳା, ସ୍ଥାନ: ଏକାମ୍ର ହାଟ, ସମୟ: ଅପରାହ୍ନ ୪ଟା।

## କଟକ

- ସତ୍ୟବାଦୀ କଳାମନ୍ଦିରର ୩୨ତମ ବାର୍ଷିକ ଉତ୍ସବ ଓ ଖଣ୍ଟୁଆ ସମ୍ମାନ ୨୦୨୬ ପ୍ରଦାନ ସମାରୋହ, ସ୍ଥାନ: ଶ୍ରୀ ଶ୍ରୀ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ, ନୂଆପାଟଣା, ତିଗିରିଆ, ସମୟ: ଅପରାହ୍ନ ୨ଟା।
- ଓଡ଼ିଶା କବାଡି ଆସୋସିଏଶନ୍ ପକ୍ଷରୁ ୭୩ତମ ବରିଷ୍ଠ ରାଜ୍ୟ କବାଡି ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସ, ଅପରାହ୍ନ ୫ଟା।
- ଚତୁର୍ଦ୍ଦଶ ଶିଶିର ମେଳାର ଦଶମ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା

- ହିନ୍ଦୁ ଜାଗରଣ ମଞ୍ଚ ପ୍ରସ୍ତୁତି ବୈଠକ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ଅଖିଳ ଭାରତୀୟ ଅଧିବକ୍ତା ପରିଷଦର ଯୁବ ସମ୍ମିଳନୀ, ସ୍ଥାନ: ଆୟୁଷ୍ମାନ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାବା କାଶୀବିଶେଶ୍ୱରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ଜହତା, ରୂପ୍‌ସା, ସମୟ: ଅପରାହ୍ନ ୪ଟା।
- ଭାଗବତ କଥାମୃତ ପ୍ରବଚନ ସଭା ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଗୋଛାୟତ କମ୍ପ୍ଲେକ୍ସ, ରୂପ୍‌ସା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଜାତୀୟ ସେମିନାରର ଉଦ୍‌ଯାପନୀ, ସ୍ଥାନ: ପିଜି ଡିପାର୍ଟମେଣ୍ଟ, ଭଦ୍ରକ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସନ୍ଥପୁରା, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଅଟଳ ବିହାରୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଳିକିରି ନୋଡାଲ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଶନି ମନ୍ଦିରରେ ମାନସିକ ମେଳା ଏବଂ ଭଜନ ସଂକୀର୍ତ୍ତନ , ସ୍ଥାନ : ମୋଟରାଗଡିଆ, ହାଟଡ଼ିହୀ, ସମୟ : ସକାଳ ୭ ଟା ଏବଂ ସନ୍ଧ୍ୟା ୬ ଟା।
- କବିର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କିରିବୁରୁ ଛକ କ୍ରିକେଟ ପଡ଼ିଆ, ବଡ଼ବିଲ, ସମୟ: ସକାଳ ୮ଟା।
- ମାତୃପିତୃ ପୂଜନ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ: ବିଷ୍ଣୁପୁର, ଜଳକଳଙ୍ଗ, ହାଟଡ଼ିହୀ, ସମୟ: ଅପରାହ୍ନ ୩ ଟା।

## ଜଗତ୍‌ସିଂହପୁର

- ଆଇଏଏସ୍ ପ୍ରଶିକ୍ଷାର୍ଥୀଙ୍କ ପାରାଦୀପ ଗସ୍ତ ଓ ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ ବନ୍ଦର, ପୋତାଶ୍ରୟ, ସମୟ: ପୂର୍ବାହ୍ନ ୧୦ଟା।
- ବାୟା ଅବଧୂତ କଲେଜର ବାର୍ଷିକୋତ୍ସବ, ସ୍ଥାନ: କନିମୂଳ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା।
- ଏରସମା ବ୍ଲକ ଅନ୍ତର୍ଗତ ସିହା ପ୍ରିମିୟର ଲିଗ୍ ଉଦଘାଟନ, ସ୍ଥାନ: ସିହା ଏସ୍‌ଭିଏମ୍ କ୍ଲବ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ରଘୁପତି ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ନାଉସିରା, ତିର୍ତ୍ତୋଲ
- ସମୟ: ଅପରାହ୍ନ ୨ଟା।

## କେନ୍ଦ୍ରାପଡ଼ା

- ନେତାଜୀ ଯୁବ ପରିଷଦ ପକ୍ଷରୁ ପିତୃମାତୃ ପୂଜନ ଦିବସ, ସ୍ଥାନ: ପେଟଛେଲା, ମହାକାଳପଡା, ସମୟ: ସକାଳ ୯ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଟେଲିକମ ଗ୍ରାଉଣ୍ଡ, ମହୀପାଳ, କେନ୍ଦ୍ରାପଡ଼ା ସହର ଓ ବ୍ରାହ୍ମଣୀ ମହୋତ୍ସବ ପଡିଆ, ନାହିଆଡିଆ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ଜିଲା ବିଜେଡି ପକ୍ଷରୁ ପାଟକୁରା ନିର୍ବାଚନମଣ୍ଡଳୀସ୍ତରୀୟ କର୍ମୀ ସମାବେଶ, ସ୍ଥାନ: ଡଗର ପଡିଆ, ପଲେଇ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଗଣିତ ବିଭାଗର ଆଲୋଚନା ଚକ୍ର, ସ୍ଥାନ: ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ଏନସି ହାଇସ୍କୁଲର ପ୍ଲାଟିନମ ଜୁବୁଲି ଉତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ସି ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୨ଟା।
- ୨୭ତମ ଜାତୀୟ ସଂହତି ଉତ୍ସବ, ସ୍ଥାନ : ବ୍ୟାସନଗର ଗୋଶାଳା ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଅଭୟେଶ୍ୱର ମନ୍ଦିରରେ ରାମଚରିତ ମାନସ ପାଠ, ସ୍ଥାନ: ଯାଜପୁରରୋଡ ନହକା ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ଭୈମୀ ଏକାଦଶୀ ମେଳାର ୧୭ତମ ଦିବସ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ୨୩ ତମ ଦିବସ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଭାଷା, ସାହିତ୍ୟ ସଂସ୍କୃତି ପାଇଁ ଏକଦିବସୀୟ ଜାତୀୟ ଆଲୋଚନା ଚକ୍ର, ସ୍ଥାନ: ଖଣ୍ଡପଡ଼ା ବ୍ଲକର ନଟବରଶାସନ ବେଦ ଶାସ୍ତ୍ର ପାଠଶାଳା, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ଆତ୍ମରକ୍ଷା କୌଶଳ ଶିବିରର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧମ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆଚାର୍ଯ୍ୟ ବିକାଶ ଦିବସ, ସ୍ଥାନ: ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ରାତ୍ରକାଳୀନ ସର୍ଟ ଗ୍ରାଉଣ୍ଡ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ମା' ଦକ୍ଷିଣକାଳୀ ଖେଳ ପଡିଆ, ସମୟ: ସନ୍ଧ୍ୟା ୬ରୁ ରାତ୍ର ୧୧ଟା।

## କୋରାପୁଟ

- ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ନନ୍ଦପୁର ବ୍ଲକ୍ ସଦର ମହକୁମା, ସମୟ: ପୂର୍ବାହ୍ନ ୧୧ଟା।
- ଜଙ୍ଗଲରେ ନିଆଁ ନିବାରଣ ନେଇ ବନ ବିଭାଗର ଖବରଦାତା ସମ୍ମିଳନୀ, ସ୍ଥାନ: କୋରାପୁଟ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶହୀଦଙ୍କ ସ୍ମୃତିରେ ଦୀପ ପ୍ରଜ୍ୱଳନ, ସ୍ଥାନ: ବାଞ୍ଜାଲାପୁଟ ଧବଳେଶ୍ୱର ମନ୍ଦିର, ସମୟ:ଅପରାହ୍ନ ୩ ଟାରୁ ୫ଟା।

## ମାଲକାନଗିରି

- ମାତୃପିତୃ ପୂଜନ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାଲିମେଳା, ସମୟ: ସନ୍ଧ୍ୟା ୬ଟା

## ସମ୍ବଲପୁର

- ଅନୁସୂଚିତ ଜାତି ଓ ଜନଜାତି କ୍ରିୟାନୁଷ୍ଠାନ କମିଟିର ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଜିଲା ବରିଷ୍ଠ କ୍ରୀଡା ସଂଘ ଆୟୋଜିତ ତୃତୀୟ ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- କଲମ ଟ୍ରଷ୍ଟ ପକ୍ଷରୁ ସାହିତ୍ୟ ଆସର, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।
- ଜିଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ: ପିଏଡି ପଡିଆ, ସମୟ: ସନ୍ଧ୍ୟା ୬ଟା।
- ସ୍ୱପ୍ନେଶ୍ୱର ବାବା ଶୈବପୀଠରେ ମହାଶିବରାତ୍ରୀ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋବିନ୍ଦଟୋଲା, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଏକଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ସରକାରୀ ମହାବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ମାସିକ ରଚନା ସନ୍ଧ୍ୟା ଆଲୋଚନାଚକ୍ର 'ପିଲାଙ୍କ ଉପରେ ସ୍ମାର୍ଟଫୋନ୍‌ର ପ୍ରଭାବ', ସ୍ଥାନ: ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୫ଟା ୪୫ ମିନିଟ।

## ବରଗଡ଼

- ବଳିଦାନ ଦିବସ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସକାଳ ୮ଟା ୩୦।
- ପଦ୍ମପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଆର୍. ବି. ହାଇସ୍କୁଲ ଖେଳପଡିଆ, ସମୟ: ଅପରାହ୍ନ ୨ଟା ୩୦।
- ଧନୁଯାତ୍ରାର ସ୍ଥାୟୀ ରାଜମହଲ ନିର୍ମାଣ ପାଇଁ ପୂଜାର୍ଚ୍ଚନା, ସ୍ଥାନ: ରଙ୍ଗ ମହଲ ପଡିଆ, ବରଗଡ଼, ସମୟ: ଅପରାହ୍ନ ୫ଟା।
- କେନ୍ଦ୍ରୀୟ ବଜେଟ୍ ଉପରେ ଆଲୋଚନାଚକ୍ର, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଦ୍ୱିଦିବସୀୟ ଆଲୋଚନା ଚକ୍ର ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଶିବରାତ୍ରି ପାଇଁ ଜାଗର ମହୋତ୍ସବ, ସ୍ଥାନ: ଜୁନାଗଡ଼ ବ୍ଲକ ଚିଚୈଗୁଡା ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ଅପରାହ୍ନ ୫ଟା।
- କେସିଙ୍ଗା ମହାବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମହାଶିବରାତ୍ରି ଉପଲକ୍ଷେ ରୁଦ୍ରଯଜ୍ଞ, କଳସ ଯାତ୍ରା, ସୂର୍ଯ୍ୟପୂଜା, ସ୍ଥାନ: କେସିଙ୍ଗା ବ୍ଲକ ଗୁର୍ଜିମୁଣ୍ଡା ଯୋଗମାୟା ପୀଠ ଯଜ୍ଞ ମଣ୍ଡପ, ସମୟ: ସକାଳ ୯ଟା।
- ଶିବରାତ୍ରି ଉପଲକ୍ଷେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ, କଳସ ଯାତ୍ରା, ସ୍ଥାନ: କେସିଙ୍ଗା ବ୍ଲକ କସ୍ତୁପଡା ଯଜ୍ଞ ମଣ୍ଡପ, ସମୟ: ସକାଳ ୯ଟା।

## ସୁବର୍ଣ୍ଣପୁର

- ମା'ପଟ୍ଟେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ଦେବୀଙ୍କ ମହାସ୍ନାନ ଓ ହୋମଯଜ୍ଞ, ସ୍ଥାନ: ବୀରମହାରାଜପୁର, ଭୁଦୋବର ଗ୍ରାମ, ସମୟ: ସକାଳ ୮ଟା ୩୦।
- ମାତୃ ପିତୃ ସମ୍ମିଳନୀ ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସୁବର୍ଣ୍ଣପୁର ସହର ପଟାଭାଡି ସ୍ଥିତ କୋଶଳ ହାଇସ୍କୁଲ, ସମୟ: ପୂର୍ବାହ୍ନ ୯ଟା।
- ବୁଢାରଜା ଯୁବ ସମାଜସେବୀ ସଙ୍ଗଠନ ପକ୍ଷରୁ ୧୪ ତମ ରକ୍ତଦାନ ଶିବିର, ସ୍ଥାନ: ସୁବର୍ଣ୍ଣପୁର ସହର ବୁଢାରଜା ଛକ, ସମୟ: ପୂର୍ବାହ୍ନ ୯ଟା।
- ମା' ମଉଳି ମଙ୍ଗଳା କ୍ରିକେଟ କପ୍‌ର ଦ୍ୱିତୀୟ ଦିବସ, ସ୍ଥାନ: କଦଳୀପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମା' କରମସାନି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: ଲୁଡୁରପଙ୍କ ହାଇସ୍କୁଲ ପଡ଼ିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଅଲ ଇଣ୍ଡିଆ ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ଡୁଙ୍ଗୁରିପାଲି ସ୍ଥିତ ରାମପୁର ରୋଡ଼ ନିକଟ ରାଧାକୃଷ୍ଣ ଖେଳ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆର୍ଥିକ, ମାନସିକ ଏବଂ ସାମାଜିକ ସ୍ଥିତି ଭଲ ରହିବ। ଆନୁଷ୍ଠାନିକ କାମରେ ବନ୍ଧୁମିଳନ ସହିତ କିଛି ସମୟ ଅତିବାହିତ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସହାୟତାରେ ବିବାଦ ସମାଧାନର ରାସ୍ତା ସୁଗମ ହେବ। ବାରମ୍ବାର ପ୍ରତିରୋଧର ସାମ୍ନା କରି କଷ୍ଟ ସ୍ୱୀକାର ପୂର୍ବକ କାମଟିକୁ ପୂର୍ଣ୍ଣାଙ୍ଗ କରିବାକୁ ଚେଷ୍ଟା କରିପାରନ୍ତି।

**ବୃଷ** ବର୍ତ୍ତମାନର ପରିସ୍ଥିତି ଆପଣଙ୍କୁ କର୍ମଧାରାରେ ପରିବର୍ତ୍ତନ ଆଣିବାକୁ ବାଧ କରିବ। ପାରିବାରିକ ସମସ୍ୟା ମଧ୍ୟରେ ବ୍ୟତିବ୍ୟସ୍ତ ହୋଇପାରନ୍ତି। ସହକର୍ମୀଙ୍କ ସହଯୋଗରୁ ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ନୂତନ ବନ୍ଧୁସମ୍ପର୍କ ସ୍ଥାପନ ଦିଗରେ ଆଉ ଦୁଇ ପାଦ ଆଗକୁ ବଢ଼ିପାରନ୍ତି।

**ମିଥୁନ** ସହକର୍ମୀଙ୍କ ଦ୍ୱାରା ଅଟକିଥିବା କାମ କଥା ଚିନ୍ତାକରି ଅନ୍ୟମନସ୍କ ରହିପାରନ୍ତି। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ବିତର୍କ ସୃଷ୍ଟି ହୋଇପାରେ। ଯାନବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କାମରେ ସମସ୍ୟା ଲାଗି ରହିବ। ପଡ଼ୋଶୀଙ୍କ ସହ ଏକ ସାମାନ୍ୟ କାରଣରୁ ବିତର୍କଜନିତ କଳହ ଘଟିପାରେ।

**କର୍କଟ** କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ସାଙ୍ଗକୁ ଅଭିଳଷିତ କାର୍ଯ୍ୟ ହାସଲ କରିବେ। ପାରିବାରିକ ଶୃଙ୍ଖଳା ରକ୍ଷା ଦିଗରେ ଅଭିଜ୍ଞତା ଓ ଦୂରଦର୍ଶିତା ବହୁ ମାତ୍ରାରେ ସାହାଯ୍ୟ କରିବ। ପ୍ରଶାସନ, ଅଦାଲତ, ସଭାସମିତି ଓ ଧର୍ମାନୁଷ୍ଠାନ ଦିଗରୁ ଉପକୃତ ହେବେ। ପ୍ରତିବନ୍ଧକ କାରଣରୁ ଆଜିର କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ।

**ସିଂହ** ପରିବାରରେ ଭୁଲ୍ ବୁଝାମଣା ବଢ଼ି ଚାଲିଥିବାରୁ ସମ୍ପର୍କ ହାନି ଆଶଙ୍କା ରହିଛି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିପାରେ। ସାମାଜିକ ସ୍ତରରେ ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ପରୋକ୍ଷ ଶତ୍ରୁତା କିମ୍ବା କ୍ରନିକ୍ ରୋଗଜନିତ ପୀଡ଼ା ଅନୁଭବ କରିପାରନ୍ତି।

**କନ୍ୟା** ଅତୀତର ବିବାଦକୁ କେନ୍ଦ୍ରକରି ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି। କ୍ରୀଡ଼ା, ସଙ୍ଗୀତ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବାରୁ ମାନସିକ ସ୍ଥିରତା ରହି ନ ପାରେ। ବନ୍ଧୁଙ୍କ ସହାୟତାରେ ହସ୍ତା ନକ୍ଷତ୍ରର କର୍ମକ୍ଷେତ୍ରରେ ଟେନସନ୍ ଦୂର ହୋଇଯିବ। ସ୍ଥଗିତ କାମକୁ ସମ୍ପନ୍ନ କରିବା କ୍ଷେତ୍ରରେ କ୍ଳାନ୍ତ ଅନୁଭବ କରିପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ସଫଳତା ହାସଲ କରିବାରେ ନିକଟସ୍ଥ ବନ୍ଧୁମାନେ ସାହାଯ୍ୟ କରିବେ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଓ ବିଶୃଙ୍ଖଳିତ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ଆଲୋଚନା ପ୍ରସଙ୍ଗରେ ମତଦ୍ୱୈଧ କିମ୍ବା ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା** କର୍ମକ୍ଷେତ୍ରରେ ଜଞ୍ଜାଳ ବୃଦ୍ଧି ଘଟିଥିବାରୁ ଜମା ଫୁରୁସତ୍ ପାଇପାରିବେ ନାହିଁ। ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବାର ସୂଚନା ରହିଛି। ନିଜର ପରିଜନ କିମ୍ବା ବନ୍ଧୁଙ୍କଠାରୁ ମିଥ୍ୟା ଗୁଜବ ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ। ପିଲାମାନଙ୍କ ସକାଶେ କିଛିଟା ଅନ୍ତର୍ଦ୍ୱନ୍ଦ୍ୱ ଭିତର ଦେଇ ଗତି କରିପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ ଅଟକିଥିବା କାମ ହାସଲରେ ସଫଳ ହେବେ। କୌଣସି ବ୍ୟକ୍ତିଠାରୁ କିଛି ଅସମର୍ଥିତ କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଏଥିପାଇଁ ଜଣାଶୁଣା ବ୍ୟକ୍ତିଙ୍କ ପରାମର୍ଶ ଗ୍ରହଣଯୋଗ୍ୟ ହେବ। ଆଜିର ପ୍ରତ୍ୟୁଷ ଯାତ୍ରା, ଆନୁଷ୍ଠାନିକ କାର୍ଯ୍ୟ ଏବଂ ବନ୍ଧୁମିଳନରୁ ଖୁସି ଅନୁଭବ କରିବେ।

**ମକର** ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇଲେ ମଧ୍ୟ ଅସ୍ଥିରତା ଦେଖାଦେବାର ସମ୍ଭାବନା ରହିଛି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା ବିଫଳ ହେବ ନାହିଁ। ପରିବାରରେ ପରସ୍ପର ମତପାର୍ଥକ୍ୟ କାରଣରୁ ଶାନ୍ତି ଭଗ୍ନ ହୋଇପାରେ। ସଭାସମିତିରେ ବନ୍ଧୁମିଳନ, ସ୍ଥଗିତ କାର୍ଯ୍ୟ, ବିକ୍ରୟ ବାଣିଜ୍ୟ କ୍ଷେତ୍ରରେ ଉପକୃତ ହୋଇପାରିବେ।

**କୁମ୍ଭ** କର୍ମକ୍ଷେତ୍ରରେ ବିବାଦୀୟ କଥାରେ ମୁଣ୍ଡ ପୂରାଇଲେ ସମସ୍ୟା ଭିତରକୁ ଟାଣି ହୋଇଯିବେ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେଇ କାମ ହାସଲରେ ସାହାଯ୍ୟ କରିବେ। ପରିବାରରେ ପିଲାମାନଙ୍କ କୃତି ଏବଂ କୃତିତ୍ୱରୁ ନିଜକୁ ଗୌରବାନ୍ୱିତ ମନେକରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ସୁଧୁରିଯିବାର ସୂଚନା ରହିଛି।

**ମୀନ** କର୍ମକ୍ଷେତ୍ରରେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ବିବ୍ରତ ହେବେ। ପରୋକ୍ଷ ଶତ୍ରୁତାରୁ ସାମାଜିକ ସ୍ତରରେ ନୀଚ ବର୍ଗଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିରୋଧ ଦୂରେଇ ଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ।

ଆଜି ଫେବୃୟାରୀ ୧୪ ତାରିଖ, ଫାଲ୍‌ଗୁନ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶନିବାର। ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୫ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୯।୧୦ ଗତେ ଘ.୧୦।୩୫ ମଧ୍ୟେ ରାହୁ କାଳ।

## ଅଷ୍ଟ୍ରେଲିଆକୁ ..

ଗ୍ରୀନ୍ (୧/୬) ଓ ମାର୍କସ ଷ୍ଟୋଇନିସ (୧/୧୭) ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଅଷ୍ଟ୍ରେଲିଆର ଟପ୍ ଅର୍ଡର ବିଫଳ ହେବା ପରେ ମ୍ୟାଟ୍ ରେନ୍‌ଶ (୪୪ ବଲ୍‌ରୁ ୬୫ରନ) ଓ ଗ୍ଲେନ ମାକ୍ସୱେଲ୍ (୩୨ ବଲ୍‌ରୁ ୩୧) ଚମତ୍କାର ବ୍ୟାଟିଂ କରିବା ଦ୍ୱାରା ଅଷ୍ଟ୍ରେଲିଆ ୧୯.୩ ଓଭରରେ ୧୪୬ ରନ କରିବାରେ ସମର୍ଥ ହୋଇଥିଲା। ଜିମ୍ବାୱେ ତରଫରୁ ଡାହାଣହାତୀ ଫାଷ୍ଟ ବୋଲର ବ୍ଲେସିଂ ମୁଜାରାବାନି (୪/୧୫) ତାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରିଥିବାବେଳେ ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ ବ୍ରାଡ୍ ଇଭାନ୍ସ (୩/୩୨)।

**ସଂକ୍ଷିପ୍ତ ସ୍କୋର**

ଜିମ୍ବାୱେ: ୨୦ ଓଭରରେ ୧୬୯/୨ (ବ୍ରାଏନ୍ ବେନେଟ୍- ୬୪*, ଟାଡିୱାନ୍‌ସି ମାରୁମାନି-୩୫, ରିୟାନ ବର୍ଲ ; କାମେରୁନ୍ ଗ୍ରୀନ୍-୧/୬)। ଅଷ୍ଟ୍ରେଲିଆ: ୧୯.୩ଓଭରରେ ୧୪୬ଅଲ୍‌ଆଉଟ (ମ୍ୟାଟ୍‌ରେନ୍‌ଶ-୬୫, ଗ୍ଲେନ ମାକ୍ସୱେଲ-୩୧ ; ବ୍ଲେସିଂ ମୁଜାରାବାନି-୪/୧୭ ଓ ବ୍ରାଡ୍‌ଇଭାନ୍ସ-୩/୨୩)।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆପଣା ସମ୍ପଦ ପରକୁ ଦେଇ, ଶିବ ବୁଲୁଛନ୍ତି ଲଙ୍ଗଳା ହୋଇ।**

ନିଜର ଅଧିକାର ପରକୁ ଦେବା ଉଚିତ ନୁହେଁ, କାରଣ ଏପରି କରିବା ଦ୍ୱାରା ବ୍ୟକ୍ତି ନିଜର ନିଜତ୍ୱ ହରାଇ ବସିବାର ଆଶଙ୍କା ରହିଥାଏ। ସେହିପରି ନିଜର ବ୍ୟକ୍ତିଗତ ସମ୍ପଦ ଅନ୍ୟକୁ ଦାନ କରି ନିଜେ କଷ୍ଟ ଭୋଗିବା ବା ଅବହେଳିତ ହେବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଗତ ଚଢ଼େଇକୁ ବେସର ବଟା।**

ଆକାଶରେ ଉଡୁଥିବା ଚଢେଇକୁ ଧରିବା ତଥା ତାକୁ ମାରି ତା'ର ମାଂସ ତରକାରି ପାଇଁ ବେସର ବାଟିବାକୁ ବରାଦ କରିବା ନିଶ୍ଚିତ ଭାବେ ଏହା ବୋକା ଲୋକର କାର୍ଯ୍ୟ ବୋଲି କୁହାଯାଇଥାଏ। କାରଣ ଉଡ଼ନ୍ତା ଚଢ଼େଇକୁ ଧରିବା ଏକ ଅନିଶ୍ଚିତ କଥା ହୋଇଥିବା ବେଳେ ସେ ଦିଗକୁ ଦୃଷ୍ଟି ନ ଦେଇ ଉକ୍ତ ଚଢ଼େଇର ମାଂସ ପାଇଁ ବେସର ବାଟି ରଖିବା ଅତ୍ୟନ୍ତ ନିରର୍ଥକ କାର୍ଯ୍ୟ ବୋଲି ବୁଝିବାକୁ ହୋଇଥାଏ। ତେଣୁ ଅନିଶ୍ଚିତ କାର୍ଯ୍ୟ ପାଇଁ ଆଗରୁ ପ୍ରସ୍ତୁତ ହେବା ଆଦୌ ଉଚିତ ହୁଏନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## କାହ୍ନୁ ଲେଙ୍କାଙ୍କ ...

ଜନ୍ମଗ୍ରହଣ କରିଥିଲେ। ୧୯୭୧, ୧୯୭୪, ୧୯୮୦ ଓ ୧୯୯୫ରେ ଚୌଦ୍ୱାର ଆସନରୁ ଚାରିଥର ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ରାଜ୍ୟ ସଭା ସଦସ୍ୟ ଥିବା ସହ ରେଳ ରାଷ୍ଟ୍ରମନ୍ତ୍ରୀ ଥିଲେ। କାହ୍ନୁଚରଣ ଲେଙ୍କାଙ୍କ ପରଲୋକରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ବହୁ ମନ୍ତ୍ରୀ ଓ ରାଜନୈତିକ ବ୍ୟକ୍ତିବିଶେଷ ଶୋକପ୍ରକାଶ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ସାଂସଦ କାହ୍ନୁ ଚରଣ ଲେଙ୍କାଙ୍କ ଦେହାନ୍ତ ବିଷୟରେ ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ। ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ସେହିପରି ବିରୋଧୀଦଳ ନେତା କହିଛନ୍ତି, କାହ୍ନୁ ଚରଣଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ଦୁଃଖିତ। ଦୀର୍ଘଦିନର ରାଜନୈତିକ ଜୀବନରେ ଲୋକଙ୍କ ସେବା ତଥା ଉନ୍ନତି ପାଇଁ ତାଙ୍କର କାର୍ଯ୍ୟ ସର୍ବଦା ଅବିସ୍ମରଣୀୟ ରହିବ। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ନବୀନ ସମବେଦନା ଜଣାଇଛନ୍ତି।

ଏହି ପରିପ୍ରେକ୍ଷୀରେ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ମରଶରୀରକୁ ବିଧାନସଭା ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ବାଚସ୍ପତି ସୁରମା ପାଢ଼ୀଙ୍କ ସହିତ ଭାଜପା ବିଧାୟକ ବାବୁ ସିଂହ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ କାହ୍ନୁଚରଣ ଲେଙ୍କାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବାଚସ୍ପତି କହିଥିଲେ, କାହ୍ନୁଚରଣ ଲେଙ୍କା ଜଣେ ସାଧାରଣ କୃଷକ ପରିବାରରୁ ଆସି ରାଜ୍ୟ ଓ କେନ୍ଦ୍ରରେ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିପାରିଥିଲେ। ନିଜର ସାଙ୍ଗଠନିକ ଦକ୍ଷତା, ସମାଜ କଲ୍ୟାଣମୂଳକ କାର୍ଯ୍ୟ ଓ ପରୋପକାରୀ ମନୋଭାବ ଯୋଗୁ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ। ପୂର୍ବତଟ ରେଳବାଇର ବିକାଶ ଏବଂ କୃଷକମାନଙ୍କ କଲ୍ୟାଣ ଦିଗରେ ତାଙ୍କର କାର୍ଯ୍ୟ ଅବିସ୍ମରଣୀୟ ରହିବ। ଏହି ଅବସରରେ ବାଚସ୍ପତି ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଥିଲେ।

ସେହିପରି ତାଙ୍କର ପାର୍ଥିବ ଶରୀର କଂଗ୍ରେସ ଭବନ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସ୍ୱର୍ଗତ ଲେଙ୍କାଙ୍କ ମରଶରୀରରେ ଦଳୀୟ ପତାକା ପକାଇ ଶେଷ ସମ୍ମାନ ଜଣାଇଥିଲେ। ଏହାସହିତ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ପିସିସି କାର୍ଯ୍ୟାଳୟରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ଶ୍ରୀକାନ୍ତ ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ରାମଚନ୍ଦ୍ର ଖୁଣ୍ଟିଆ, ସମୀର କୁମାର ରାଉତରାୟ ପ୍ରମୁଖ ସ୍ୱର୍ଗତ ଲେଙ୍କାଙ୍କ ମରଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସେ ଭୁବନେଶ୍ୱରର ବିଜେବି ନଗରରେ ରହୁଥିଲେ। ତାଙ୍କର ସ୍ତ୍ରୀ ବିଜୟଲକ୍ଷ୍ମୀ ଲେଙ୍କା, ପୁଅ ଗୁରୁପ୍ରସାଦ ଲେଙ୍କାଙ୍କ ସମେତ ୨ ପୁଅ, ୨ ଝିଅ, ବୋହୂ, ଜ୍ୱାଇଁଙ୍କ ସମେତ ନାତିନାତୁଣୀ ଅଛନ୍ତି। ଭୁବନେଶ୍ୱରରୁ ତାଙ୍କ ମରଶରୀରକୁ ଜନ୍ମସ୍ଥାନ ଅରଡ଼ ଗ୍ରାମକୁ ନିଆଯାଇଥିଲା। ଶୋଭାଯାତ୍ରା ଯାଉଥିବା ବେଳେ ଶଙ୍ଖତ୍ରାସ, ମହୀଧରପଡ଼ା, ତ୍ରିନାଥ ବଜାର, ଫୁଲନଖରା ଛକଠାରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ସ୍ଥାନୀୟ ଜନସାଧାରଣ ପୁଷ୍ପମାଲ୍ୟ ଅର୍ପଣ କରି ଶେଷସମ୍ମାନ ଜଣାଇଥିଲେ। ଶୋଭାଯାତ୍ରା ଜନ୍ମସ୍ଥାନ ଅରଡ଼ ଗ୍ରାମ ପରିକ୍ରମା କରିବା ପରେ ମରଶରୀରକୁ ଶେଷକୃତ୍ୟ ପାଇଁ ପୁରୀ ନିଆଯାଇଥିଲା।

## ଶ୍ରୀଜଗନ୍ନାଥ ଦର୍ଶନ ...

ବିକାଶ ପାଇଁ ୧୫ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ କହଛନ୍ତି, ଡବଲ ଇଞ୍ଜିନ ସରକାର ଯାହା କଥା ଦେଇଥିଲେ ତାହା ପୂରଣ କରୁଛନ୍ତି। ବିକାଶ ହେବ ଓ ଲୋକଙ୍କ ସ୍ୱପ୍ନ ସାକାର ହେବ ବୋଲି ସେ କହିଛନ୍ତି। ଏହି ଅବସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୬ ହିତାଧିକାରୀଙ୍କୁ ୭ ଲକ୍ଷ ୨୮ ହଜାର ୪୦୦ ଟଙ୍କା ଆର୍ଥିକ ସହାୟତା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୪ ହିତାଧିକାରୀଙ୍କୁ ୨ ଲକ୍ଷ ୫୩ ହଜାର ୫ ଶହ ଟଙ୍କା ଓ ପ୍ରମାଣପତ୍ର, ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଛି। ସମସ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାଁ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ନରସିଂହ ଭତରା, କୋଟପାଡ଼ ବିଧାୟକ ରୂପୁ ଭତରା, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍., ପର୍ଯ୍ୟଟନ ବିଭାଗର ଶାସନ ସଚିବ ବଳବନ୍ତ ସିଂ, ନବରଙ୍ଗପୁର ଜିଲାପାଳ ମହେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ମଞ୍ଚରେ ସମସ୍ତ ଅତିଥି ଓ ବିଧାୟକମାନଙ୍କୁ ଭାଷଣ ଦେବାକୁ ସୁଯୋଗ ମିଳିଥିବା ବେଳେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ସୁଯୋଗ ଦିଆଯାଇ ନ ଥିଲା। ଏହାକୁ ନେଇ ଜିଲାର ବହୁ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହୋଇଛି।

## ୩,୮୨୬ କୋଟିରୁ ...

୩୦୮.୧୩୨୪ କୋଟି, ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ ଲିଃ ୨୧୭.୬୨୧୬ କୋଟି, ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଃ ୧୭୫ କୋଟି ଟଙ୍କା ଚାନ୍ଦା ଦେଇଛି। ସେକ୍ଟର ଅନୁଯାୟୀ ଦେଖିଲେ ଉତ୍ପାଦନ ସେକ୍ଟର ସର୍ବାଧିକ ୧,୦୬୩.୧୨୮ କୋଟି ଟଙ୍କା (୨୭.୭୮%) ଚାନ୍ଦା ପ୍ରଦାନ କରିଥିବାବେଳେ ରିଅଲ ଇଷ୍ଟେଟ୍ ୬୨୯.୧୭ କୋଟି ଟଙ୍କା (୧୬.୪୪%) ଏବଂ ଯୋଗାଯୋଗ/ଆଇଟି/ଟେଲିକମ୍ ୪୫୧.୮୫୮୨ କୋଟି (୧୧.୮୧%) ଦେଇଛି। ରାଜ୍ୟୱାରି ଦେଖିଲେ, ମହାରାଷ୍ଟ୍ରରୁ ସର୍ବାଧିକ ୧,୨୨୫.୪୨୯୩ କୋଟି, ତେଲଙ୍ଗାନା ୩୫୮.୨୫ କୋଟି, ହରିୟାଣା ୨୧୨.୯ କୋଟି, ପଶ୍ଚିମବଙ୍ଗ ୨୦୩.୮୫୩୮ କୋଟି ଏବଂ ଗୁଜରାଟ ୨୦୦.୫୦ କୋଟି ଟଙ୍କା ଚାନ୍ଦା ସଂଗୃହୀତ ହୋଇଛି। ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟକୁ ମୋଟ ୧,୦୬୫.୨୦୪୮ କୋଟି ଟଙ୍କା ଚାନ୍ଦା ପ୍ରଦାନ କରିଥିବା ବ୍ୟକ୍ତିବିଶେଷଙ୍କ ଠିକଣା ପ୍ରକାଶ କରାଯାଇ ନାହିଁ। ୧୫ଟି ଟ୍ରଷ୍ଟ ମଧ୍ୟରୁ ୫ଟିକୁ ଉପରୋକ୍ତ ବର୍ଷରେ ଆଦୌ ଚାନ୍ଦା ମିଳି ନ ଥିବାବେଳେ ଅନ୍ୟ ୫ ଟ୍ରଷ୍ଟର ଚାନ୍ଦା ସମ୍ପର୍କରେ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ତଥ୍ୟ ନାହିଁ। ଉକ୍ତ ଟ୍ରଷ୍ଟଗୁଡ଼ିକ ହେଲେ ସ୍ୱଦେଶୀ ଇଲେକ୍ଟୋରାଲ ଟ୍ରଷ୍ଟ, ଏବି ଜେନେରାଲ ଇଲେକ୍ଟୋରାଲ ଟ୍ରଷ୍ଟ, ପିଡି ଜେନେରାଲ ଇଲେକ୍ଟୋରାଲ ଟ୍ରଷ୍ଟ, ଜନତା ନିର୍ବାଚନ ଇଲେକ୍ଟୋରାଲ ଟ୍ରଷ୍ଟ ଏବଂ ଇଣ୍ଡିପେଣ୍ଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ। ହାର୍ମୋନି ଇଲେକ୍ଟୋରାଲ ଟ୍ରଷ୍ଟ ମୋଟ ୩୫.୫୫ କୋଟି ଟଙ୍କା ଚାନ୍ଦା ସଂଗ୍ରହ କରିଥିବାବେଳେ ୩୫.୬୫ କୋଟି ଟଙ୍କା ପ୍ରଦାନ କରିଛି, ଅର୍ଥାତ୍ ସଂଗ୍ରହୀତ ଅର୍ଥ ତୁଳନାରେ ୧୦ ଲକ୍ଷ ଟଙ୍କା ଅଧିକ ଦେଇଛି।

## ବୋର୍‌ୱେଲରେ ପଡ଼ି ...

କରିଥିଲେ। କୁମ୍ଭାରପଡ଼ା ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ଶିଶୁକନ୍ୟାର ମାମୁଙ୍କ ଅଭିଯୋଗ ଅନୁଯାୟୀ, ମେଡିକାଲ କୋଠା ନିର୍ମାଣ କରୁଥିବା ଶ୍ରମିକଙ୍କୁ ସେ ବାରମ୍ବାର ବୋର୍‌ୱେଲ୍ ପୋତିବା ପାଇଁ କହିଥିଲେ। କିନ୍ତୁ କୋଠା ନିର୍ମାଣ ଦାୟିତ୍ୱରେ ଥିବା ବ୍ୟକ୍ତିମାନେ କୌଣସି ପଦକ୍ଷେପ ନେଇ ନ ଥିବାରୁ ଆଜି ତାଙ୍କ ଦେଢ଼ବର୍ଷର ଭାଣିଜୀଙ୍କର ପ୍ରାଣ ଚାଲିଯାଇଛି ବୋଲି ଅଭିଯୋଗ କରିଛନ୍ତି।

## ଚାଷୀ କାନ୍ଦୁଛନ୍ତି...

ପୂର୍ବତନ ଏମ୍‌ପି ମହେଶ ସାହୁ କହିଥିଲେ, ଜିଲାରେ ଥାନା, ଫାଣ୍ଡି, ବ୍ଲକ ଏବଂ ସମସ୍ତ ସରକାରୀ କାର୍ଯ୍ୟାଳୟ ଶାସକ ଦଳ ନେତାଙ୍କ କବ୍‌ଜାରେ। ଦେଢ଼ବର୍ଷ ମଧ୍ୟରେ ରାଜ୍ୟ ସରକାର ୨୦ହେକ୍ଟର ଚାଷ ଜମିକୁ ପାଣି ମଡ଼ାଇପାରିଲେ ନାହିଁ। ମେଡିକାଲ କଲେଜର ଶୁଭ ପଡ଼ିଲା ନାହିଁ । ଖଣିଜ ପାଣ୍ଠି ଓ ବିଧାୟକ ପାଣ୍ଠି ବାଣ୍ଟି ପାରିଲେ ନାହିଁ। ଏ ସରକାର ସମୟରେ ପାଠ ପଢିଲେ ଚାକିରି ନାହିଁ, ଉତ୍ପାଦନ କଲେ ବିକ୍ରି ନାହିଁ ବୋଲି ପୂର୍ବତନ ଏମ୍‌ପି କହିଥିଲେ। ରାଜ୍ୟ ଛାତ୍ର ବିଜେଡି ସଭାପତି ଇପ୍‌ସିତା ସାହୁ କହିଥିଲେ, ପୂର୍ବରୁ ନବୀନ ସରକାର ସମୟରେ ଚାଷୀମାନେ ଓଡ଼ିଶାର ମେରୁଦଣ୍ଡ ଥିଲେ । ବର୍ତ୍ତମାନ ସରକାରଙ୍କ ସମୟରେ ଚାଷୀମାରଣ ନୀତିରେ ମିଲର ଓ ଅଧିକାରୀଙ୍କ ମଧ୍ୟରେ ଭାବପୀରତି ଚାଲିଛି। କଟ୍‌ନି ଛଟ୍‌ନି ନାମରେ ୧୦ରୁ ୧୨କେଜି ଧାନ କଟୁଛି। ଏହି ଆନ୍ଦୋଳନ ସମଗ୍ର ଓଡ଼ିଶାରେ ଚାଲିବ। ଜଗତସିଂହପୁର ଜିଲା ବିଜେଡି ସଭାପତି ପ୍ରଶାନ୍ତ ମୁଦୁଲି କହିଥିଲେ, ଚାଷୀ କାନ୍ଦୁଥିବା ବେଳେ ଜିଲାରେ ମହୋତ୍ସବ ହେଉଛି।

ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରୋତ୍ତମ ସାହୁ, ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ସତ୍ୟଜିତ ପଟ୍ଟନାୟକ, ସଞ୍ଜୀବ ପୃଷ୍ଟି ଓ ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ଅନିଶ ରଥ, ଜିଲା ଛାତ୍ର ବିଜେଡି ସଭାପତି ଆର୍ଯ୍ୟନ ଦାସଙ୍କ ସମେତ ଜିଲା ଉପସଭାପତି ଦେବାଶିଷ ମିଶ୍ର ଓ ଶୁଭ ପ୍ରସାଦ ପଣ୍ଡା, ସାଗରିକା ମିଶ୍ର, ବିନୋଦ ମହାନ୍ତି, ସୁରଜ ମହାପାତ୍ର, ଅଜୟ ଭଞ୍ଜ, ତିଲୋତ୍ତମ ଚୌଧୁରୀ, ସସ୍ମିତା ମହାନ୍ତି, ଗୋପାଳଚନ୍ଦ୍ର ପାତ୍ର, ସୁକାନ୍ତ ମିଶ୍ର, ବିଶ୍ୱନାଥ ବେହେରା, ଧର୍ମାନନ୍ଦ ବରାଳ, ଅଶୋକ କୁମାର ପରିଡା, ମମତାଞ୍ଜଳି ବେହେରା, ଗଙ୍ଗାଧର ରାଉତ, ଶ୍ରୀକାନ୍ତ ଧଳ, ରଞ୍ଜନ ନାୟକ, ପ୍ରଦୀପ ରାଉତ, ଶୁଭଦର୍ଶିନୀ ପରିଡ଼ା, ବଳରାମ ପରିଡ଼ାଙ୍କ ସମେତ ବହୁ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
ଧରିତ୍ରୀ 52 Years





ବାଲେଶ୍ୱର ଜିଲା ୧୬ନମ୍ବର ଜାତୀୟ ରାଜପଥ ବାହାନଗା ଓଭରବ୍ରିଜ୍ ଉପରେ ଶୁକ୍ରବାର ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ପୋଲ ଉପରୁ ଝୁଲି ରହିଛି।

# ପୋଲ ଉପରେ ଝୁଲି ରହିଲା ତୀର୍ଥଯାତ୍ରୀ ବସ୍

## ଡ୍ରାଇଭରଙ୍କ ମୃତ୍ୟୁ, ୧୦ଆହତ

**ବାହାନଗା, ୧୩।୨ (ଅରୂପ କୁମାର ଦାସ)**

ବାଲେଶ୍ୱର ଜିଲା ୧୬ନମ୍ବର ଜାତୀୟ ରାଜପଥ ବାହାନଗା ଓଭରବ୍ରିଜ୍ ଉପରେ ଶୁକ୍ରବାର ଭୋର ସମୟରେ ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବସ୍‌ଟି ଭାରସାମ୍ୟ ହରାଇ ଡିଭାଇଡରରେ ବାଡେଇ ହୋଇ ଚଢିଯିବାରୁ ଓଭରବ୍ରିଜ୍ ଉପରୁ ଝୁଲି ରହିଥିଲା। ଫଳରେ ଡ୍ରାଇଭର ତଳକୁ ଖସି ପଡି ପ୍ରାଣ ହରାଇଥିବାବେଳେ ୩ଜଣ ଯାତ୍ରୀ ଗୁରୁତର ଓ ୧୦ଜଣ ଯାତ୍ରୀ ଆହତ ହୋଇଛନ୍ତି। ମୃତ ଡ୍ରାଇଭର ହେଲେ ଏନ. ଶ୍ରୀନିବାସ ରାଓ (୫୫) ଓ ତାଙ୍କ ଘର ଆନ୍ଧ୍ରପ୍ରଦେଶର ବିଜୟନଗରମ୍‌ରେ।

କୋଲକାତା ନଦିଆରୁ ୪୦ ଯାତ୍ରୀ ନେଇ ଏହି ବସ୍ (ନଂ.ଏପି ୨୫ ଡବ୍ଲ୍ୟୁ ୯୯୨୯) ପୁରୀ ଯାଉଥିଲା। ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ବସ୍ ଡିଭାଇଡରରେ ଚଢିଯାଇ ଓଭରବ୍ରିଜ୍‌ରେ ଝୁଲି ରହିଥିଲା। ବାହାନଗା ବ୍ଲକ ଷଠୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରି ପ୍ରଥମେ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଖନ୍ତାପଡା ଥାନା ପୋଲିସ ଡ୍ରାଇଭରଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି। ସମସ୍ତ ତୀର୍ଥଯାତ୍ରୀଙ୍କ ଘର ଆନ୍ଧ୍ରପ୍ରଦେଶର ଜେନାରୁଲାମ ଜିଲାରେ। ସମସ୍ତେ କୋଲକତାର ନଦିଆରେ ପୂର୍ବ ପୁରୁଷମାନଙ୍କୁ ଶ୍ରାଦ୍ଧ ଦେଇ କୋଲକାତା ବୁଲାବୁଲି ପରେ ପୁରୀ ଜଗନ୍ନାଥ ଦର୍ଶନ କରିବାକୁ ଯାଉଥିଲେ। ଶନିବାର ଆନ୍ଧ୍ରପ୍ରଦେଶକୁ ଫେରିଥାନ୍ତେ।

# ୩ ଆସନ ନେବୁ: ତୋମାର

**ଭୁବନେଶ୍ୱର, ୧୩।୨ (ସୁନିତ୍ ମିଶ୍ର)**

୨୦୨୬ ଏପ୍ରିଲରେ ଖାଲି ହେବାକୁ ଥିବା ୪ ରାଜ୍ୟ ସଭା ଆସନରୁ ୩ଟି ଭାଜପା ଦଖଲ କରିବ। ସେଥିପାଇଁ ରଣନୀତି ପ୍ରସ୍ତୁତ ସରିଛି। ଦଳ କେଉଁମାନଙ୍କୁ ପ୍ରାର୍ଥୀ କରିବ ତା'ର ନିଷ୍ପତ୍ତି ସଂସଦୀୟ ବୋର୍ଡ ହିଁ ନେବ ବୋଲି ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ତୋମାର କହିଛନ୍ତି, କାହାକୁ ରାଜ୍ୟ ସଭା ପଠାଯିବ ତା'ର ନିଷ୍ପତ୍ତି କେନ୍ଦ୍ର ନେବ। ସେ କାମ ରାଜ୍ୟ ନେତାମାନଙ୍କର ନୁହେଁ। ଦଳର ରଣନୀତି ପ୍ରସ୍ତୁତ ହେଇସାରିଛି ୩ଟି ଆସନରେ ନିଶ୍ଚୟ ଭାଜପା ଜିତିବ ବୋଲି ଆଶା ଅଛି। ସମସ୍ତେ ଭାଜପା ସହ ଯିବାକୁ ଚାହୁଁଛନ୍ତି। ତେଣୁ ସମୟ ଆସିଲେ ୩ଟି ଯାକ ଆସନ ଭାଜପା କେମିତି ନେଲା ସମସ୍ତେ ଜାଣିବେ ବୋଲି ତୋମାର କହିଛନ୍ତି।

ସୂଚନାଯୋଗ୍ୟ, ବର୍ତ୍ତମାନ ରାଜ୍ୟ ସଭାରେ ଥିବା ମୁଜିବୁଲ୍ଲା ଖାନ (ମୁନା), ନିରଞ୍ଜନ ବିଶି, ସୁଜିତ୍ କୁମାର ଏବଂ ମମତା ମହନ୍ତଙ୍କ କାର୍ଯ୍ୟକାଳ ଶେଷ ହେବ। କିଛି ମାସ ତଳେ ମମତା ଏବଂ ସୁଜିତ୍ କୁମାର ବିଜେଡିରୁ ଛାଡ଼ିବା ସହିତ ରାଜ୍ୟ ସଭା ପଦରୁ ଇସ୍ତଫା ଦେଇଥିଲେ। ପରବର୍ତ୍ତୀ ସମୟରେ ଏହି ଦୁଇ ଆସନ ଲାଗି ଉପନିର୍ବାଚନ ହେବା ସହ ଭାଜପା ବିଜେଡିରୁ ଆସିଥିବା ୨ ଜଣଙ୍କୁ ପ୍ରାର୍ଥୀ କଲା ଏବଂ ଉଭୟ ପୁଣିଥରେ ରାଜ୍ୟ ସଭାକୁ ନିର୍ବାଚିତ ହେଲେ। ସଂଖ୍ୟା ଦୃଷ୍ଟିରୁ ବିଜେଡି ଗୋଟିଏ ଏବଂ ଭାଜପା ୨ଟି ଆସନରେ ବାଜିମାତ କରିବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଇପାରେ। ହେଲେ ଯେଉଁ ୪ର୍ଥ ଆସନ ରହିଛି ସେଥିପାଇଁ ସଂଖ୍ୟା ଦୃଷ୍ଟିରୁ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଏବଂ କଂଗ୍ରେସ ଭିତରେ ରାଜନୈତିକ ଲଢ଼େଇ ହେବ। ଏବେ ଏହି ଆସନକୁ ଭାଜପା ସୁନିଶ୍ଚିତ ଜିତିବ ବୋଲି ଆଗୁଆ ଦାବି କରିବା ଆରମ୍ଭ କରିଛି। କିଛିଦିନ ତଳେ ଭାଜପା ନେତା ତଥା ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ସମାନ ଦାବି କରିଥିଲେ।

# ମହୁମାଛି ଆକ୍ରମଣରେ ଜଣେ ମୃତ, ୫ ଆହତ

**ରାଜକନିକା, ୧୩।୨ (ସଞ୍ଜୟ କୁମାର ଦାଶ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ଜାଗୁଲାଇପଡ଼ା ଗାଁରେ ଶୁକ୍ରବାର ମଧ୍ୟାହ୍ନରେ ମହୁମାଛି ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୫ ଜଣ ଆହତ ହୋଇଛନ୍ତି। ୬ଜଣଙ୍କୁ ପ୍ରାଥମିକ ଅବସ୍ଥାରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ବୋଲି ଡା. ଜ୍ୟୋତିପ୍ରକାଶ ଦାଶ ସୂଚନା ଦେଇଛନ୍ତି। ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ବେଳେ ବାଟରେ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେ ଜାଗୁଲାଇପଡ଼ା ଗାଁର ବୈଲୋଚନ ବିଶ୍ୱାଳ(୭୬)।

ବୈଲୋଚନ ମଧ୍ୟାହ୍ନରେ ଗାଁ ମୁଣ୍ଡ ନଳକୂଅ ପାଖରେ ସ୍ନାନ ସାରି ଫେରିବା ବେଳେ ସଂଖ୍ୟାଧିକ ମହୁମାଛି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ବିଶ୍ୱାଳ ପ୍ରାଣବିକଳରେ ଦୌଡ଼ିବାବେଳେ ମହୁମାଛିଙ୍କ କବଳରୁ ରକ୍ଷା ନ ପାଇ ସେଠାରେ ପଡ଼ିଯାଇଥିଲେ। ତାଙ୍କୁ ଗ୍ରାମବାସୀ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲା। ତେବେ ଆମ୍ବୁଲାନ୍ସ ଯୋଗେ ଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ସୂଚନା ହସ୍ତଗତ ହୋଇଛି। ସେହିପରି ଜାଗୁଲାଇପଡ଼ା ଗାଁର ସୁଧୀର ସାହୁ ବାଇକ୍ ଯୋଗେ ଯାଉଥିବାବେଳେ, ସେହିବାଟ ଦେଇ ଯାଉଥିବା ୧୦ମ ଶ୍ରେଣୀ ଛାତ୍ରୀ ସୋନାଶ୍ରୀ ମହାନ୍ତି (୧୬), ୧୦ମ ଶ୍ରେଣୀ ଛାତ୍ର ପ୍ରିୟାଂଶୁ ପଲାଇ (୧୬) ମଧ୍ୟ ମହୁମାଛି ଆକ୍ରମଣର ଶିକାର ହୋଇଛନ୍ତି। ସେହିପରି ମାଟିଆ ଗାଁର ମହିଳା ଅର୍ଚ୍ଚନା ନାୟକ(୩୬) ଓ ଅନ୍ୟଜଣେ ମହୁମାଛି ଆକ୍ରମଣରେ ଆହତ ହୋଇଛନ୍ତି। ତେବେ ଜାଗୁଲାଇପଡ଼ା ଉପ୍ରା ବିଦ୍ୟାଳୟ ନିକଟ ଖେଳ ପଡ଼ିଆ ପାଖରେ ଥିବା ବଉଳ ଗଛରେ ବଡ଼ ମହୁମାଛି ଫେଣାକୁ ଭାଙ୍ଗିବାକୁ ବନବିଭାଗକୁ ଅନୁରୋଧ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି।







# ଗାଁ ରାସ୍ତାରେ କୋଇଲା ପରିବହନ ନିର୍ଦ୍ଦେଶକୁ ତୀବ୍ର ବିରୋଧ

## ପ୍ରଶାସନ-ଗ୍ରାମବାସୀ ସମନ୍ୱୟ ବୈଠକରେ ଉତ୍ତେଜନା

**ଛେଣ୍ଡିପଦା, ୧୩।୨ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦାସ୍ଥିତ ନୈନି କୋଇଲା ଖଣିରୁ କୋଇଲା ପରିବହନ ପାଇଁ ପ୍ରଶାସନ ପକ୍ଷରୁ ଶୁକ୍ରବାର କରାଯାଇଥିବା ସମନ୍ୱୟ ବୈଠକରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ଗାଁ ରାସ୍ତା ଦେଇ କୋଇଲା ପରିବହନ ପାଇଁ ପ୍ରଶାସନର ନିର୍ଦ୍ଦେଶନାମାକୁ ବୈଠକରେ ଉପସ୍ଥିତ ଗ୍ରାମବାସୀ ଓ ଜନପ୍ରତିନିଧି ତୀବ୍ର ବିରୋଧ କରିଥିଲେ।



ପ୍ରଶାସନ-ଗ୍ରାମବାସୀ ସମନ୍ୱୟ ବୈଠକରେ ଲୋକେ ବିରୋଧ ପ୍ରଦର୍ଶନ କରୁଛନ୍ତି।

ସୂଚନା ଅନୁଯାୟୀ, ଛେଣ୍ଡିପଦାସ୍ଥିତ ନୈନି କୋଇଲା ଖଣିରୁ କଣିହାଁସ୍ଥିତ ଜେଆଇଟିପିଏଲ୍‌କୁ କୋଇଲା ପରିବହନ କରାଯିବ। ଛେଣ୍ଡିପଦା, ଡାଇଭର, କଙ୍କୁରପାଳ, ଚାଙ୍ଗୁଡ଼ିଆ ଦେଇ ଏହି ପରିବହନ କରାଯିବା ପାଇଁ ଅନୁଗୋଳ ଜିଲାପାଳଙ୍କ ପକ୍ଷରୁ ଚିଠି ନଂ. ୩୧୫/୨୭।୦୧।୨୬ରେ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏ ସମ୍ପର୍କରେ ଜଣାପଡ଼ିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ଏ ନେଇ କେତୋଟି ଗ୍ରାମବାସୀ ଗାଁରେ ବୈଠକକରି ବିରୋଧ କରିବା ସହିତ ପାଳିକରି ଦିନରାତି ଗାଁ ରାସ୍ତା ଜଗିରହି ଭାରିଯାନ ଚଳାଚଳକୁ ବିରୋଧ କରିବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ଦିନକୁ ଦିନ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତେଜୁଥିବାରୁ ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ୪ଟି ଗ୍ରାମର ଗ୍ରାମ୍ୟ କମିଟି ଓ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ବ୍ଲକ ସଭାଗୃହ ଠାରେ ଏକ ସମନ୍ୱୟ ବୈଠକ ପାଇଁ ଛେଣ୍ଡିପଦା ତହସିଲଦାରଙ୍କ ପକ୍ଷରୁ ଚିଠି କରାଯାଇଥିଲା। ତଦନୁଯାୟୀ ଛେଣ୍ଡିପଦା ତହସିଲଦାର ମାନସ ରୟଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭାଗୃହ ଠାରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟଙ୍କ ସମେତ ଟ୍ରକ୍ ମାଲିକ ସଂଘ, ୪ଟି ଗ୍ରାମର ଗ୍ରାମ ସଭାପତି, ସରପଞ୍ଚ, ସମିତି ସଭ୍ୟ ଓ ବହୁ ଗ୍ରାମବାସୀ ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରୁ ଜନ ପ୍ରତିନିଧିମାନେ ଗାଁ ରାସ୍ତା ଦେଇ କୋଇଲା ଗାଡ଼ି ଚଳାଚଳକୁ ତୀବ୍ର ବିରୋଧ କରିଥିଲେ। ଯଦି ପ୍ରଶାସନ କୋଇଲା ଗାଡ଼ି ଗାଁ ରାସ୍ତାରେ ଚଳାଚଳ କରେ, ତେବେ ଲୋକଙ୍କ ଉପରେ ଟ୍ରକ୍ ଚଢ଼ାଇ ନେବା ପାଇଁ ଗ୍ରାମ୍ୟ କମିଟି ଠାରୁ ଆରମ୍ଭ କରି ବିଭିନ୍ନ ଲୋକ ପ୍ରତିନିଧି ଉତ୍ତ୍ୟକ୍ତ ହୋଇ ମତ ଦେଇଥିଲେ। ଫଳରେ ସମନ୍ୱୟ ବୈଠକରେ ଉତ୍ତେଜନା ସ୍ଥିତି ଦେଖା ଦେଇଥିଲା। ଏହାପରେ ଲୋକଙ୍କ ଦାବି ଅନୁଯାୟୀ କୋଇଲା ପରିବହନ ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିବା ସହିତ ବୈଠକ ଶେଷ ହୋଇଥିଲା।

ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡ଼ିକୁ ମାନିବାକୁ ତତ୍ପର ହେଉଥାଅ- ଜାଣିରଖ ଯେ, ତୁମେ ତତ୍‌କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ।-ଶ୍ରୀମା



# ବିକଳ୍ପ ଶେଷ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବର୍ଷ ବର୍ଷ ଧରି ସିଭିଲ ସର୍ଭିସ ପରୀକ୍ଷାରେ ବ୍ୟବସ୍ଥାଗତ ତ୍ରୁଟି ରହିଥିଲା। ପରୀକ୍ଷାରେ ପାସ୍ କରି ଆଇଏଏସ୍ କିମ୍ବା ଆଇପିଏସ୍‌ରେ ପ୍ରବେଶ କରିସାରିବା ପରେ ବି ଭଲ ର‍୍ୟାଙ୍କ, ପସନ୍ଦର କ୍ୟାଡର କିମ୍ବା ଅଧିକ ରଣନୀତିକ ନିଯୁକ୍ତି ଲକ୍ଷ୍ୟରେ ପୁଣିଥରେ ପରୀକ୍ଷା ଦେବାକୁ ଚେଷ୍ଟା କରିଥାନ୍ତି। ସେହି ବିକଳ୍ପ ଏବେ ଇତିହାସ ହୋଇଯାଇଛି। ୟୁନିଅନ ପବ୍ଲିକ ସର୍ଭିସ କମିଶନ (ୟୁପିଏସ୍‌ସି) ନିୟମଗୁଡ଼ିକୁ କଡ଼ାକଡ଼ି କରିଛି। ସଙ୍କେତ ଦେଇଛି ଯେ, ଯଦି ଆପଣଙ୍କୁ ଆଇଏଏସ୍ କିମ୍ବା ଆଇଏଫ୍‌ଏସ୍ ପଦବୀ ପ୍ରଦାନ କରାଯାଏ, ତେବେ ଦ୍ୱିତୀୟ ଥର ପାଇଁ କୌଣସି ଆଶା ରଖ ନାହିଁ। ପୁନଃ ପ୍ରଦର୍ଶନ ପାଇଁ ସୁଯୋଗ ନାହିଁ। ଯେଉଁ ଆଶାୟୀମାନେ ସେମାନଙ୍କର ପ୍ରଥମ ଚୟନକୁ ଲକ୍ଷ୍ୟସ୍ଥଳ ବଦଳରେ ପରୀକ୍ଷାର ଏକ ସୋପାନ ବୋଲି ମନେ କରୁଥିଲେ, ସେମାନଙ୍କ ପାଇଁ ଏହା ସ୍ପଷ୍ଟତଃ ଏକ ଅପ୍ରୀତିକର ଖବର। କିନ୍ତୁ ବ୍ୟବସ୍ଥାଗତ ଦୃଷ୍ଟିକୋଣରୁ, ବହୁପୂର୍ବରୁ ଏଭଳି ପରିବର୍ତ୍ତନକୁ ଅପେକ୍ଷା କରାଯାଉଥିଲା। ପୂର୍ବରୁ ମନୋନୀତ ପ୍ରାର୍ଥୀଙ୍କୁ ପୁନର୍ବାର ପରୀକ୍ଷା ଦେବାକୁ ଅନୁମତି ଦେବା ଯୋଗୁ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଥିଲା ଏବଂ ନୂତନ ପ୍ରାର୍ଥୀଙ୍କୁ ଅପେକ୍ଷା କରିବାକୁ ପଡୁଥିଲା। ୟୁପିଏସ୍‌ସି ଏବେ ନୂତନ ଢାଞ୍ଚାରେ ଏକ କଠୋର ସୀମା ରଖିଛି। ଯଦି ଜଣେ ପ୍ରାର୍ଥୀ ପରବର୍ତ୍ତୀ ପ୍ରାରମ୍ଭିକ ପରୀକ୍ଷା ପୂର୍ବରୁ ଆଇଏଏସ୍ କିମ୍ବା ଆଇଏଫ୍‌ଏସ୍‌ରେ ନିଯୁକ୍ତି ପାଆନ୍ତି, ତେବେ ସେମାନଙ୍କୁ ସେହି ପ୍ରୟାସରୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବ। ଏପରିକି ନିଯୁକ୍ତି ମେନ୍ ପରୀକ୍ଷା ପରେ ଏବଂ ଚୂଡ଼ାନ୍ତ ଫଳାଫଳ ପୂର୍ବରୁ ଆସେ, ତେବେ ପରବର୍ତ୍ତୀ ସଫଳତାକୁ ସେବା ଆବଣ୍ଟନ ପାଇଁ ଗଣନା କରାଯିବ ନାହିଁ। ଆଇପିଏସ୍ ଏବଂ ଅନ୍ୟାନ୍ୟ ଗ୍ରୁପ-ଏ ସେବାଗୁଡ଼ିକ ବ୍ୟବସ୍ଥା କିଛିଏ କୋହଳ। ଗୋଟିଏ ଥର ପରୀକ୍ଷା ଦେବା କଟକଣାରୁ ଛାଡ଼ ଦିଆଯାଇଛି ମଧ୍ୟ ଏହା ସର୍ତ୍ତମୂଳକ। ଏଥିରୁ ବୁଝାପଡୁଛି ଯେ, ସିଭିଲ ସର୍ଭିସ ଆଉ ଟ୍ରାଏଲ ଆଣ୍ଡ ଏରର ଗେମ୍ ନୁହେଁ। ଚୟନ ଶେଷ ବିନ୍ଦୁ ହେବା ଦରକାର।

### ଡିଜିପି ଦ୍ୱନ୍ଦ୍ୱ

ସେପ୍ଟେମ୍ବର ୨୦୨୫ ଠାରୁ ୟୁପିଏସ୍‌ସି ଅନୁମୋଦିତ ପ୍ୟାନେଲ ଥିବା ସତ୍ତ୍ୱେ ତାମିଲନାଡୁ ନିୟମିତ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦେବାକୁ ମନା କରିଛି। ସୂତ୍ରରୁ ଜଣାପଡ଼ିଛି, ରାଜ୍ୟ ସରକାର ଜାଣିଶୁଣି ଜି. ଭେଙ୍କଟରାମନଙ୍କୁ 'କାର୍ଯ୍ୟକାରୀ' ଡିଜିପି ଭାବରେ ରଖିଛନ୍ତି। ମେ ୨୦୨୬ରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି, ନିୟମିତ ନିଯୁକ୍ତି ପରିବର୍ତ୍ତେ ସରକାରଙ୍କ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରୁଥିବା ଜଣେ ଦୁର୍ବଳ ପୋଲିସ ମୁଖ୍ୟଙ୍କୁ ରଖିଛନ୍ତି, ଯାହା ସମ୍ପୂର୍ଣ୍ଣ ରାଜନୈତିକ। ଏପରି ପ୍ରକ୍ରିୟା ଅଗ୍ରହଣୀୟ ବୋଲି ସମ୍ପ୍ରତି ସୁପ୍ରିମକୋର୍ଟ ଭର୍ତ୍ସନା କରିବା ସହ କହିଛନ୍ତି ଯେ ଏହା ସମସ୍ୟାଜନକ। କିନ୍ତୁ କେବଳ ତାମିଲନାଡୁ କ୍ଷେତ୍ରରେ ନୁହେଁ, ବରଂ ସାମଗ୍ରିକ ଭାବେ ଏକ ବ୍ୟାପକ ଅବ୍ୟବସ୍ଥାକୁ ସୂଚିତ କରାଯାଇଛି, ଯେଉଁଠାରେ ରାଜ୍ୟଗୁଡ଼ିକ ନିୟମିତ ଭାବରେ ଗୁରୁତ୍ୱପୂର୍ଣ୍ଣ ପଦବୀ ଉପରେ ପ୍ରଶାସନିକ ନିୟନ୍ତ୍ରଣ ବଜାୟ ରଖିବା ପାଇଁ ପ୍ରକ୍ରିୟାକୁ ଅଣଦେଖା କରୁଛନ୍ତି। ଯେଉଁ ରାଜନୈତିକ ବର୍ଗ ନିୟମିତ ଭାବରେ ସାଂଗଠନିକ ଅଖଣ୍ଡତା ବିଷୟରେ ବକ୍ତୃତା ଦିଅନ୍ତି, ସେମାନେ ସେମାନଙ୍କର ନିର୍ବାଚନୀ ଗଣିତକୁ ଦେଖି ସେହି ସଂସ୍ଥାଗୁଡ଼ିକୁ ନଷ୍ଟ କରିଦିଅନ୍ତି। ୟୁପିଏସ୍‌ସି ପ୍ୟାନେଲରେ ଥିବା ତିନି ଅଧିକାରୀ ସୀମା ଅଗ୍ରୱାଲ, ରାଜୀବ କୁମାର ଏବଂ ସନ୍ଦୀପ ରାୟ ରାଠୋର ମୁକ୍ତତଃ ଅଟକି ରହିଛନ୍ତି। ଅଗଷ୍ଟ ୨୦୨୫ରେ ପୂର୍ବତନ ଡିଜିପି ଶଙ୍କର ଜିୱାଲଙ୍କ ଅବସରର ତିନି ମାସ ପୂର୍ବରୁ ରାଜ୍ୟ ୟୁପିଏସ୍‌ସି ପ୍ରକ୍ରିୟା ଆରମ୍ଭ କରିବା ଉଚିତ ଥିଲା। କିନ୍ତୁ ଏହା ନକରି ସରକାର ଜାଣିଶୁଣି ବିଳମ୍ବ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନୂତନ ନିର୍ଦ୍ଦେଶନାମା ଅବମାନନା ମାମଲା ପାଇଁ ୟୁପିଏସ୍‌ସିକୁ ସିଧାସଳଖ କୋର୍ଟକୁ ଯିବାକୁ କ୍ଷମତା ଦେଇଛି, ଯାହା ସ୍ୱାଗତଯୋଗ୍ୟ। କିନ୍ତୁ ଏହା କ'ଣ କାମ କରିବ?

### ନିର୍ବାଚନ କମିଶନଙ୍କ କଠୋର ମନୋଭାବ

ଭାରତର ନିର୍ବାଚନ କମିଶନ (ଇସିଆଇ) ପଶ୍ଚିମବଙ୍ଗ ସରକାର ତାଙ୍କର ପ୍ରମୁଖ ଅଧିକାରୀଙ୍କୁ ରାଜ୍ୟରେ ରଖିବା ପାଇଁ କରିଥିବା ଏକ ଆବେଦନକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ନିର୍ବାଚନ କମିଶନ ଜୋର୍ ଦେଇଛନ୍ତି ଯେ, ରାଜ୍ୟ ଗୃହ ସଚିବ ଜଗଦୀଶ ପ୍ରସାଦ ମୀନାଙ୍କ ସମେତ ପଶ୍ଚିମବଙ୍ଗ କ୍ୟାଡରର ସମସ୍ତ ୨୫ ଜଣ ବରିଷ୍ଠ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କୁ ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ବାଧ୍ୟତାମୂଳକ ଭାବେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ବ୍ରିଫିଂ ପାଇଁ ନୂଆଦିଲ୍ଲୀରେ ରିପୋର୍ଟ କରିବାକୁ ପଡ଼ିବ। ରାଜ୍ୟ ସରକାର ଯୁକ୍ତି ବାଢ଼ିଥିଲେ ଯେ ନିର୍ବାଚନ ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ରାଜ୍ୟ ବାହାରକୁ ତାଙ୍କର ଶୀର୍ଷ ଅଧିକାରୀଙ୍କୁ ପଠାଇଲେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପାରେ ଏବଂ ପ୍ରଶାସନିକ ନିରନ୍ତରତାକୁ କ୍ଷତି ପହଞ୍ଚାଇପାରେ। ରାଜ୍ୟ ସରକାର ନିର୍ବାଚନ କମିଶନଙ୍କୁ ତାଲିକାରୁ ୯ ଜଣ ଅଧିକାରୀଙ୍କୁ ବାଦ୍ ଦେବା ପାଇଁ ଦାବି କରି ବିକଳ୍ପ ନାମ ପ୍ରସ୍ତାବ ଦେଇଥିଲେ। କିନ୍ତୁ ନିର୍ବାଚନ ପ୍ୟାନେଲ ଏଥିରେ କୌଣସି ନାମ ରଖି ନ ଥିଲେ। ବରଂ ଦୁଇ ଦିନିଆ ବ୍ରିଫିଂରେ ଉପସ୍ଥିତିକୁ ବାଧ୍ୟତାମୂଳକ କରାଯାଇଥିଲା। ଏହା କେବଳ ବିବାଦର କଥା ନୁହେଁ, ଏହା ନିର୍ବାଚନ ପରିଚାଳନାରେ କେନ୍ଦ୍ର-ରାଜ୍ୟ ପଦକ୍ଷେପର ଏକ ବିକଶିତ ରୂପକୁ ପ୍ରକାଶ କରେ। ପାରମ୍ପରିକ ଭାବରେ କିଏ କେଉଁଠିକୁ ଏବଂ କେତେବେଳେ ଯିବ ତାହା ରାଜ୍ୟଗୁଡ଼ିକ ସ୍ଥିର କରିପାରିବେ। ଜଣାପଡୁଛି ନିର୍ବାଚନ କମିଶନ ନିଜ ଘର ସଜାଡ଼ି ରଖିବା ପାଇଁ ଦୃଢ଼ ସଂକଳ୍ପବଦ୍ଧ। ତେବେ ପଶ୍ଚିମବଙ୍ଗରେ ରାଜନୈତିକ ଝଡ଼ ଆରମ୍ଭ ହୋଇଯାଇଥିବାରୁ ଏହାର ଗୃହ ସଚିବଙ୍କୁ ଏକ ନିରପେକ୍ଷ ପ୍ରହରୀ ଭାବରେ ରାଜ୍ୟ ବାହାରକୁ ପଠାଇବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | 2 | 7 | 5 | 3 | 4 | 8 |
| 7 | | | | | | | 5 | 1 |
| | | 4 | | 6 | 8 | 7 | 9 | |
| 9 | | | 6 | | 7 | | 1 | 3 |
| | | 1 | 5 | | 3 | | | 4 |
| | | 5 | 9 | | | | 8 | |
| 5 | | 3 | 8 | | | | 7 | 6 |
| 4 | 2 | | | | | | 3 | 9 |
| 8 | | 7 | | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 4 | 9 | 8 | 5 | 6 | 1 | 3 |
| 8 | 6 | 3 | 2 | 7 | 1 | 4 | 5 | 9 |
| 9 | 1 | 5 | 4 | 3 | 6 | 2 | 8 | 7 |
| 6 | 4 | 8 | 5 | 2 | 3 | 7 | 9 | 1 |
| 5 | 2 | 1 | 6 | 9 | 7 | 8 | 3 | 4 |
| 7 | 3 | 9 | 8 | 1 | 4 | 5 | 2 | 6 |
| 3 | 8 | 2 | 7 | 4 | 9 | 1 | 6 | 5 |
| 1 | 5 | 7 | 3 | 6 | 2 | 9 | 4 | 8 |
| 4 | 9 | 6 | 1 | 5 | 8 | 3 | 7 | 2 |

ଗତକାଲିର ଉତ୍ତର

# ଆମକୁ ଯାହା ଲଜ୍ଜା ନାହିଁ



ରଞ୍ଜନ କୁମାର ଦାସ

ଆମ ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି, କଳା, ଆମ ଖାଦ୍ୟ, ଆମ ବିଚାରଧାରା ସବୁଠି ବର୍ତ୍ତମାନ ଅନୁପ୍ରବେଶର ଉପଦ୍ରବ। ଏସବୁ ଭିତରେ ଭଣ ଅଧିକେ ହଜିବାକୁ ବସିଲାଣି ଆମ ଓଡ଼ିଆତ୍ୱ। ଆମ ସଂସ୍କୃତିର କଥା ଚିନ୍ତା କଲାବେଳେ ଅନେକ ସମୟରେ ପଛରୁ ଗୋଟେ ପ୍ରକାରର ମାନସିକ ଧକ୍କାର ଖାଇଲା ଭଳି ଲାଗେ। ଲାଗେ ଯେମିତି ପଛପଟୁ କେହିଜଣେ ଟିକିଏ ମାରି କହୁଛି ଧିକ୍ ଧିକ୍ ତୁମ ଓଡ଼ିଆତ୍ୱକୁ ଧିକ୍!

କିଛି ବର୍ଷ ତଳର କଥା। ମୁଁ ରାଜ୍ୟ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଭାବେ କାମ କରୁଥାଏ। ତଦନୁଯାୟୀ ପ୍ରପଦସ୍ୱ ଭାବେ ମୁଁ ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟର ପରିଚାଳନା କମିଟି ଓ ପାଠ୍ୟକ୍ରମ ବିଷୟ ସଂକ୍ରାନ୍ତୀୟ କମିଟିରେ ସଦସ୍ୟ ଥାଏ। ୨୦୨୦ ମସିହାରେ ଥରେ ଗୋଟିଏ ସମୀକ୍ଷା ବୈଠକ ସମୟରେ ଜଣାପଡ଼ିଲା ଯେ ସେଠି ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ନାହିଁ। ଅଥଚ ଜୈନ୍ ଓ ତାମିଲ ଷ୍ଟଡିଜ୍ ବିଭାଗ ଥାଏ। ଆମ ମୁଣ୍ଡରେ ବଜ୍ର ପଡ଼ିଲା ପରି ଲାଗିଲା। ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟରେ କେମିତି ଓଡ଼ିଆ ଭାଷା ସାହିତ୍ୟ ବିଭାଗ ରହିବ ନାହିଁ? ସେଦିନ ନିଷ୍ପତ୍ତି ହେଲା ଏ ବିଭାଗ ପୂର୍ଣ୍ଣାଙ୍ଗ ଭାବେ ନ ଖୋଲିବା ପର୍ଯ୍ୟନ୍ତ ଆଉ କୌଣସି ବିଷୟ ଆଲୋଚନା କରାଯିବ ନାହିଁ। ପରେ ଅବଶ୍ୟ ୨୦୨୧ରେ ସରକାରଙ୍କ ତ୍ୱରିତ୍ ନିଷ୍ପତ୍ତି ଯୋଗୁ ସେ ବିଭାଗ ଖୋଲିଲା। ବିଭାଗ ଖୋଲିବା ସହ ଉଚ୍ଚତର ଗବେଷଣା ପାଇଁ ଶ୍ରୀଜଗନ୍ନାଥ ଚେୟାର, ଭୀମଭୋଇ ଚେୟାର ଓ ଶାରଳାଦାସ ଚେୟାର ଆଦି ପ୍ରତିଷ୍ଠା ହେଲା। ଆଉ ଗୋଟିଏ ବିଷୟ ସେତେବେଳେ ଆମକୁ ଆନ୍ଦୋଳିତ କରିଥିଲା। ବିଷୟଟି ହେଲା ସଂସ୍କୃତି ବିଶ୍ୱବିଦ୍ୟାଳୟ ଅଧୀନରେ ଅନେକଗୁଡ଼ିଏ ହୋଟେଲ୍ ମ୍ୟାନେଜ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌କୁ ସ୍ୱୀକୃତି ଓ ଅନୁବନ୍ଧନ ମିଳିଥିଲା। ଅନେକଗୁଡ଼ିଏ ଇନ୍‌ଷ୍ଟିଚ୍ୟୁଟ୍‌ର ପାଠ୍ୟକ୍ରମ ଆଦି ଅନୁଧ୍ୟାନ କଲାପରେ ଜଣାପଡ଼ିଲା ଯେ ସେମାନେ ଚାଇନିଜ୍ କଣ୍ଟିନେଣ୍ଟାଲ୍, ଥାଇ, ମୋଗଲାଇ ଆଦି ରନ୍ଧନ କୌଶଳ ଶିକ୍ଷା ଦେଉଛନ୍ତି। ମାତ୍ର ପାରମ୍ପରିକ ଓଡ଼ିଆ ଖାଦ୍ୟପ୍ରଣାଳୀ ଉପରେ କାହାର ଧ୍ୟାନ ନ ଥିଲା। ପାଠ୍ୟକ୍ରମ କମିଟିର ସଦସ୍ୟମାନେ ନିଷ୍ପତ୍ତି ନେଲେ ଯେ ଏସବୁ କଲେଜମାନେ ତୁରନ୍ତ ଓଡ଼ିଆ ଖାଦ୍ୟ ପ୍ରଣାଳୀ ଉପରେ ପାଠ୍ୟକ୍ରମ ଆରମ୍ଭ କରିବା ସହ ଏକ ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରଦର୍ଶନୀ କରନ୍ତୁ। ଯଦି ଜଣେ ଓଡ଼ିଆ ହୋଟେଲ ମ୍ୟାନେଜମେଣ୍ଟ ଛାତ୍ର ମଣ୍ଡୁର, ବେସର, ଆମ୍ବୁଲ ରାଇ, ପଖାଳ, ଶାଗମୁଗ ଏବଂ ଓଡ଼ିଶା ପିଠାପଣା ଜାଣିବ ନାହିଁ ବା ଏଭଳି ଅନୁଷ୍ଠାନମାନେ ତାଙ୍କୁ ଏ ବିଷୟ ଶିଖାଇବେ ନାହିଁ ତେବେ ତାଙ୍କୁ ସ୍ୱୀକୃତି ଦେଇ ଲାଭ କ'ଣ? ବରଂ ଏଭଳି ଅନୁଷ୍ଠାନ ବନ୍ଦ ହୋଇଗଲେ ଅସୁବିଧା ଆସିବ



ନାହିଁ। କିଛିଦିନ ପରେ ଏଭଳି ଏକ ପ୍ରଦର୍ଶନୀ ହେଲା ମଧ୍ୟ। ଏସବୁ କେବଳ ଥରେ କରିଦେଲେ ହୋଇଯିବ ନାହିଁ। ନିରନ୍ତର ଭାବେ ଏହାକୁ ଜାରି ରଖିବାର ଆବଶ୍ୟକତା ଥିଲା। ମାତ୍ର ତାହା ହେଲା ନାହିଁ।

ଗତ କିଛିବର୍ଷ ହେଲା ଓଡ଼ିଆ ଅସ୍ମିତାକୁ ନେଇ ଚର୍ଚ୍ଚା ଚାଲିଛି। ମାତ୍ର କ'ଣ ସେ ଅସ୍ମିତା? କେବଳ ଫମ୍ପାମାଠିଆର ଶବ୍ଦ? ସତରେ କ'ଣ ଆମ ସଂସ୍କୃତିରେ ଗର୍ବ କରିବାର କିଛି ବିଷୟ ନାହିଁ ଯେ ଆମେ ବିକଳ ହୋଇ ଅନ୍ୟଠାରୁ ଧାର ଆଣୁଛୁ? ନା ଯାହା ବି ଗର୍ବ କରିବାର ବିଷୟ ଅଛି ଆମେ ତାକୁ ଚିହ୍ନଟ କରିପାରୁ ନାହୁଁ? ଘରେ ଘରେ ଆଜି ପାରମ୍ପରିକ ଓଡ଼ିଆ ଖାଦ୍ୟ ସବୁ ହଜିଗଲାଣି। ମଣ୍ଡା, ଆରିସା, ଏଣ୍ଡୁରିଠାରୁ ଆରମ୍ଭ କରି ପୋଡ଼ପିଠା, ଛୁଞ୍ଚିପତ୍ର ପିଠା ଭଳି ଅନେକ ପ୍ରକାର ପିଠା ଆମ ସଂସ୍କୃତିର ପ୍ରାଣକେନ୍ଦ୍ର ଜଗନ୍ନାଥ ମନ୍ଦିରରେ ପ୍ରଚଳିତ। ମାତ୍ର ଘରେ ଏବେ କେକ୍, ପିଜା, ମୋମୋ, ସ୍ପ୍ରିଙ୍ଗରୋଲ୍, ରୋଲ, ହଟଡଗ୍, ବର୍ଗର, ମାଗି ଏପରି କି ଇଡ଼ିଲି ଦୋଷା ବେଶ୍ ଲୋକପ୍ରିୟ। ହେଲେ ଆମେ ଚିନ୍ତା କରିଚେ କେବେ ଆମ ବରା, ପିଆଜି, ଚକୁଳି, ଡାଲମା, ସନ୍ତୁଳା, ଛେନାପୋଡ଼, ମାଛ ବେସର, ପାଲୁଅଲଡୁ ଅନ୍ୟ କୋଉ ରାଜ୍ୟରେ ବିକ୍ରି ହେବାର? ଅନ୍ୟ ରାଜ୍ୟର ଲୋକେ ତାକୁ ଆଗ୍ରହରେ ଖାଇବାର ଦେଖିଛନ୍ତି? ଆମର ଏଠି ଯେତିକି ଢାବା ଅଛି, ପଞ୍ଜାବରେ ସେତିକି ନନା ଭାଇନା ହୋଟେଲ ଅଛି, ଯେଉଁଠି ପଖାଳ, ବଡ଼ିଚୂରା, ଶାଗଭଜା ମିଳିବ? ଓଡ଼ିଶାରେ ଯେତିକି ସାଉଥ୍ ଇଣ୍ଡିଆନ୍ ହୋଟେଲ ଦୋଷା, ଇଡ଼ିଲି ବିକୁଛନ୍ତି ଆନ୍ଧ୍ର, ତାମିଲନାଡୁରେ ସେତିକି ବରା, ଗୁଲୁଗୁଲା, ପିଆଜି, ଛେନାପୋଡ଼ ବିକୁଥିବା ହୋଟେଲ ଥିବ? ନା ସେମାନେ ତାଙ୍କ ସଂସ୍କୃତିକୁ ଛାଡ଼ିବେନି। ତେବେ ଆମେ କାହିଁକି ଏତେ ବିକଳ ଅନ୍ୟର ଖାଦ୍ୟକୁ ଆପଣେଇବାକୁ, ଅନ୍ୟର ରୁଚିକୁ ଗ୍ରହଣ କରିବାକୁ?

ଆଜିକାଲି ବାହାଘରରେ ଦେଖିଥିବେ ଓଡ଼ିଆ ସ୍ତ୍ରୀ ଲୋକମାନେ ମାରୱାଡ଼ି ଷ୍ଟାଇଲ୍‌ରେ ଶାଢ଼ି ପିନ୍ଧିଥିବାର। ନବବଧୂମାନେ ଲେହେଙ୍ଗା ପିନ୍ଧିଥିବାର ଦୃଶ୍ୟ ତ ଆଜିକାଲି ସାର୍ବଜନୀନ। କେତେଜଣ ଆଜି ଏଭଳି ଉତ୍ସବରେ ଓଡ଼ିଆଣୀ ଷ୍ଟାଇଲରେ ଶାଢ଼ି ପିନ୍ଧୁଛନ୍ତି? ମାରୱାଡ଼ି ଯଦି ତାଙ୍କ ଷ୍ଟାଇଲ୍‌ରେ, ବଙ୍ଗାଳୀ ଯଦି ତାଙ୍କ ଷ୍ଟାଇଲ୍ ଓ ଦକ୍ଷିଣ ଭାରତୀୟମାନେ ଯଦି ତାଙ୍କ ଷ୍ଟାଇଲ୍‌ର ପୋଷାକ ପିନ୍ଧି ବାହା ହେଉଛନ୍ତି ପୁଅ ଝିଅଙ୍କ ବାହାଘରରେ ଆମ ମାଆ ଓ ଶାଶୁମାନେ କାହିଁକି ମାରୱାଡି ଷ୍ଟାଇଲକୁ ପସନ୍ଦ କରୁଛନ୍ତି ବୁଝି ହୁଏନା। ଓଡ଼ିଆ ବାହାଘରରେ କନ୍ୟାପିତା ବା ବରପିତାମାନେ ଆଉ ଧୋତି ପଞ୍ଜାବୀ ପିନ୍ଧିବା ଅବସ୍ଥାରେ ନାହାନ୍ତି। ସେମାନେ ଯଦିବା ପିନ୍ଧିବାକୁ ବାହାରନ୍ତି ତାଙ୍କୁ ସ୍ତ୍ରୀ ପିଲାଛୁଆ ଏମିତି ଟାହିଟାପରା କରୁଛନ୍ତି ଯେ ସେମାନେ ପ୍ରାଣ ବିକଳରେ ପାଶ୍ଚାତ୍ୟ ପୋଷାକ ପିନ୍ଧିବାକୁ ତର ପାଇବେ ନାହିଁ। ଓଡ଼ିଆ ବାହାଘରରେ ଆଜିକାଲି ନିର୍ବନ୍ଧର ସ୍ଥାନ ନେଲାଣି ରିଙ୍ଗ ସେରିମନି। ମଙ୍ଗନର ସ୍ଥାନ ନେଲାଣି ହଳଦୀ, ମେହେନ୍ଦୀ। ଲଜ୍ଜାହୋମ ପୂର୍ବରୁ ହିଁ ପ୍ରି-ୱେଡିଂ ଫଟୋସେଶନ ସମୟରେ ଆମ ଝିଅବୋହୂମାନେ ତାଙ୍କର ସବୁ ଲଜ୍ଜାର ବିସର୍ଜନ କରି ଦେଉଛନ୍ତି। ଏ ଅନୁପ୍ରବେଶ ସବୁ କୋଉଠୁ କେମିତି କାହା ମାଧ୍ୟମରେ ଆସିଲା ଜଣାପଡୁନାହିଁ। ଆମ ୱେଡିଂ ଅର୍ଗାନାଇଜରମାନେ ଆମକୁ ଯେତେବେଳେ ନୂଆନୂଆ କଥା ଦେଖଉଛନ୍ତି ଆମେ କିଛି ନୂଆ କରୁଚୁ ବୋଲି ଦେଖାଇବାକୁ ଯାଇ ଏସବୁ ଗ୍ରହଣ କରିନଉଚୁ। ନୂଆ କିଛି ଗ୍ରହଣ କରିବା ଖରାପ ନୁହେଁ। ମାତ୍ର ସବୁ ପୁରୁଣା ପରମ୍ପରାକୁ ଏଡ଼େଇ ଯିବା ଦୁଃଖର ବିଷୟ। ଏହା ଆମ ଓଡ଼ିଆତ୍ୱର ସ୍ୱାଦ ଓ ମହକକୁ ହିଁ ଚୋରେଇ ନଉଚି। ଭାଷାକୁ ଆସନ୍ତୁ। ଆଜିକାଲି ଯଦି କୋଉ ପିଲା ଓଡ଼ିଆ କି ସଂସ୍କୃତକୁ ବିଷୟ ରଖି ପଢ଼ିବାକୁ ଚାହୁଁଛି ତାକୁ ଲୋକେ ଆଶ୍ଚର୍ଯ୍ୟ ହୋଇ ଚାହୁଁଛନ୍ତି। ଟାହିଟାପରା କରୁଛନ୍ତି। ରେଡିଓ ଓ ଟିଭିରେ ତ ସମ୍ବାଦ ପାଠକ ପାଠିକାମାନେ ଇଂଲିଶ ହିନ୍ଦୀ ମିଶା ଅଦ୍ଭୁତ ଓଡ଼ିଆ କହୁଛନ୍ତି। ରାଜନୈତିକ ସଭାମାନଙ୍କରେ ଦେଖିବେ କେନ୍ଦ୍ରୀୟ ନେତାମାନଙ୍କୁ ସମ୍ବୋଧନ କଲାବେଳେ ଓଡ଼ିଆ ନେତାମାନେ ତାଙ୍କ ନାମ ପଛରେ ଜୀ ଲଗେଇ ସମ୍ବୋଧନ କରନ୍ତି। ସେଠି ମହାଶୟ ବା ମହୋଦୟ ବା ଆଜ୍ଞା ଲଗେଇଲେ ଚଳନ୍ତା। ସମୟ ଏମିତି ହେଲାଣି ଯେ ଓଡ଼ିଆ ଖାଦ୍ୟ ଖାଇଲେ, ଓଡ଼ିଆ ଗୀତ ଶୁଣିଲେ ଲୋକେ ପୁରୁଣାକାଳିଆ ବୋଲି ଭାବୁଛନ୍ତି। କିଛି ନବ୍ୟ ଶିକ୍ଷିତ ମଧ୍ୟ ଓଡ଼ିଆ ଖବରକାଗଜ ମଗାନ୍ତି ନାହିଁ କି ପଢ଼ନ୍ତି ନାହିଁ। ଓଡ଼ିଆ ଟିଭି ନିଉଜ ଦେଖନ୍ତି ନାହିଁ। ସେମାନଙ୍କ ଭାଷାରେ ଏଥିରେ କିଛି କଣ୍ଟେଣ୍ଟ ନାହିଁ।

ଆଧୁନିକତା, ଅତ୍ୟାଧୁନିକତା ଓ ଉତ୍ତର-ଆଧୁନିକତାର ଏ ଦୌଡ଼ରେ ଆମେ ଅନେକ ସମୟରେ ଘରୁ ବାହାରି ଏକ ଅଜଣା ପୃଥିବୀର ସନ୍ଧାନରେ ଦୌଡୁଚେ। ଆମେ ଜାଣିନେ ସେ ଦୁନିଆରେ କ'ଣ ଅଛି ଓ କେତେ ଅଜଣା ତାହା। ସେଠି ପହଞ୍ଚିଲା ପରେ ସେ ଦୁନିଆ ଆମକୁ କେତେ ଆପଣେଇବ ତାହା ମଧ୍ୟ ଜଣାନାହିଁ। ତଥାପି ଆମେ ଦୌଡୁଚେ। ନିଜର ସବୁ ପରିଚୟ, ସବୁ ଐତିହ୍ୟ, ସବୁ ଅସ୍ମିତା, ନିଜର ଭାଷା, ଭାବନା, ଚେତନା, ନିଜ ପର୍ବପର୍ବାଣି ଚଳଣି ସବୁକୁ ଭୁଲି ଆମେ ଏକ ଅଜ୍ଞାତ ପ୍ରତିଷ୍ଠାର ସନ୍ଧାନରେ ପାଗଳପ୍ରାୟ ଦୌଡୁଚେ। ଲଜ୍ଜା ନାହିଁ ଆମକୁ ଯାହା ଏ ଅନ୍ଧାନୁସରଣ ପାଇଁ!

ଲେଖକ ଭାରତୀୟ ପ୍ରଶାସନିକ ସେବାରୁ ଅବସରପ୍ରାପ୍ତ ଅଧିକାରୀ
ମୋ:୯୪୩୭୨୮୬୫୧୨

## ଏଇ ଭାରତରେ

ଅନେକେ କ୍ୟାରିୟରକୁ ଦରମା, ସମ୍ମାନ, ପଦୋନ୍ନତିରେ ମୂଲ୍ୟାୟନ କରୁଥିବାବେଳେ ଡ. ରବୀନ୍ଦ୍ର ଏବଂ ଡ. ସ୍ମିତା କୋହ୍ଲେ ତ୍ୟାଗର ପ୍ରତୀକ ସାଜିଛନ୍ତି। ମହାରାଷ୍ଟ୍ର ମେଲଘାଟ ଅଞ୍ଚଳର ବୈରାଗଡ଼ ଗାଁରେ ୩୫ ବର୍ଷ ଧରି ଲୋକଙ୍କ ଚିକିତ୍ସା କରିଆସୁଛନ୍ତି ଏହି ଦମ୍ପତି। ସେମାନେ ରୋଗୀ ପରାମର୍ଶ ପାଇଁ ଦେୟ ମାତ୍ର ୨ଟଙ୍କା ନେଉଛନ୍ତି। ୧୯୮୦ ଦଶକରେ ରବୀନ୍ଦ୍ର ବୈରାଗଡ଼କୁ କର୍ମଭୂମି ଭାବେ ପସନ୍ଦ କରିଥିଲେ। ସେତେବେଳେ ସେଠାକୁ ରାସ୍ତା, ବିଦ୍ୟୁତ୍ ସଂଯୋଗ ନଥିଲା। କୌଣସି ଡାକ୍ତର ସେଠାରେ ରହିବାକୁ ଚାହୁଁ ନ ଥିଲେ। ଏଠାରେ ନିଯୁକ୍ତି ଥିଲା ଏକ ଆହ୍ୱାନ। ତେବେ ଏହାକୁ ସାମ୍ନା କରିବା ପାଇଁ ସେ ଜଣେ ଜୀବନସାଥୀ ଚୟନ କରିବାକୁ ଚାହିଁଲେ। ପାହାଡ଼ ଚଢ଼ି ସେହି ଗାଁକୁ ଯାଇ କଷ୍ଟକର ସ୍ଥିତିରେ ରହିବା କଥା ଯେତେବେଳେ ରବୀନ୍ଦ୍ର କନ୍ୟାମାନଙ୍କୁ କହିଲେ ସେମାନେ କେହି ତାଙ୍କ କଥାରେ ରାଜି ହେଲେ ନାହିଁ। ଏମିତି ୧୦୦ ଜଣ କନ୍ୟା ତାଙ୍କ ପ୍ରସ୍ତାବକୁ ନାକଚ କରିଦେଇଥିଲେ। ଶେଷରେ ଡ.ସ୍ମିତା ତାଙ୍କ କଥାରେ ରାଜି ହୋଇଥିଲେ ଏବଂ ବିବାହ ପରେ ସେମାନେ ସେଠାରେ ରହି ସେବା ଆରମ୍ଭ କରିଥିଲେ। ଏବେ ବୈରାଗଡ଼ ଓ ଆଖପାଖ ଅଞ୍ଚଳରେ ମାତୃ ମୃତ୍ୟୁ ହାର କମିଛି। ପୁଷ୍ଟିହୀନତା ଦୂର କରିବା ପାଇଁ ସେମାନେ ଗ୍ରାମବାସୀଙ୍କୁ ଚାଷ କରିବା ଲାଗି ପ୍ରେରିତ କରି ସଫଳ ହୋଇଛନ୍ତି।

# ମୁଁ ଗୋଟିଏ ଗାଈ



ଡ. କୁଳାଙ୍ଗାର

ହାଁ ହାଁବାଇମନ... ରୁହ ରୁହ...! ଶୀର୍ଷକଟିକୁ ପଢ଼ି ଦେଇ ପିଲାବେଳର ରଚନା ଭାବି ଆଖି ବୁଲାଇ ନିଅନ୍ତୁନି! ଯେମିତି ଆପଣଙ୍କର ପିଲାବେଳ ଆଉ ନାହିଁ! ସେମିତି ମୁଁ ଆଉ ସେ ବେଳର ଗାଈ ହୋଇ ନାହିଁ! ସମୟ ଓ ବଜାରର ପ୍ରଭାବରେ ଆପଣ ଯେମିତି ବଦଳି ଯାଇଛନ୍ତି ମୁଁ ବି ସେମିତି ବଦଳି ଯାଇଛି! ଅତଏବ ଆପଣ କିଛି ସମୟ ଦିଅନ୍ତୁ ଏବଂ ଏଇ ବଦଳି ଯାଇଥିବା ଜମାନାର ଗାଈର ଆତ୍ମକାହାଣୀ ଶୁଣନ୍ତୁ! ଗ୍ୟାରେଣ୍ଟି ଦେଉଛି, ଆପଣଙ୍କୁ ନିଶ୍ଚୟ ଭଲ ଲାଗିବ।

ମୁଁ ଆଗରୁ ଗୃହପାଳିତ ପ୍ରାଣୀ ଥିଲି। ଏବେ କିନ୍ତୁ ଦାଣ୍ଡ ବା ରାସ୍ତାପାଳିତ ପ୍ରାଣୀ ପାଲଟି ଯାଇଛି। ଆଗରୁ ମଣିଷର ଘର ମୋର ଘର ସମାନ ଶ୍ରେଣୀର ଓ ସମାନ ଆକାରର ଥିଲା। ମାନେ ମଣିଷର ସେଇ କଚ୍ଚା ଘର ଆଉ ମୋର ଗୁହାଳ। ଚାଳ ଛପର ଘର ଖପର, ଟାଇଲି, ଆଜବେଷ୍ଟସ ଓ ଟିଣ ଛପର ଥିଲା ଯାଏ ସେଠି ମୋର ବାସ ଥିଲା। ହେଲେ ଯେବେଠୁଁ ମଣିଷର ପକ୍କା ଘର ହେଲା, ମୋତେ ବେଘର ହେବାକୁ ପଡ଼ିଲା। ମୁଁ ଦାଣ୍ଡରେ ବୁଲିଲି ଯାହା ପାଇଲି ଖାଇଲି। ଯୋଉଠି ପାଇଲି ଶୋଇଲି।

ଆଉ କିଛି ଜଣ ମୋତେ ମୋର ହାଇବ୍ରିଡ୍ ସାଥୀମାନଙ୍କ ସହିତ ଫାର୍ମ ହାଉସ କରି ରଖିଛନ୍ତି। ଆପଣଙ୍କୁ ଜେଲରେ ରହିଲେ ଯେମିତି ଲାଗିଥାଏ ମୋତେ ସେଇଠି ସେମିତି ଲାଗୁଛି। ସେଠି ମୋର କାମ ହେଲା; ଖୁଆଡ଼ରେ ବନ୍ଧା ହୋଇ ରହିବି, ଦାନା ଖାଇବି, ଇଞ୍ଜେକ୍ସନ ଖାଇବି ଓ ଦି ଓଳି କ୍ଷୀର ଦେବି। ଭଲ ବାଛୁରି ହେବ ବୋଲି ମୁଁ ସେଠି କୃତ୍ରିମ ଉପାୟରେ ଗର୍ଭ ଧାରଣ କରିଥାଏ। ତାକୁ କହୁଛନ୍ତି କୃତ୍ରିମ ଇନସୁମିନେସନ। ଅତଏବ ମୋର ଜୀବନ କୃତ୍ରିମତାରୁ ସୃଷ୍ଟି କରାଯାଉଛି। କେବଳ ନୀରୋଗ ରହିବା ପାଇଁ ନୁହେଁ, ମୋ ଦେହରୁ ଯଥା ସମ୍ଭବ ଅଧିକ କ୍ଷୀର କାଢିନେବା ଉଦ୍ଦେଶ୍ୟରେ ମୋତେ ଦୈନନ୍ଦିନ କ୍ୟାଲସିୟମ ଅନ୍ୟାନ୍ୟ ପ୍ରଭାବଶାଳୀ ଇଞ୍ଜେକ୍ସନ ଦିଆଯାଇଥାଏ! ମୁଁ ଯେବେ କ୍ଷୀର ଦେବାକୁ ଅକ୍ଷମ ହୋଇଯାଏ, ମୁଁ କୁଆଡେ ଯାଏ ତାହା ଜାଣିବା ମୁସ୍କିଲ!

ଆଗରୁ ମୋର କେହି ରକ୍ଷକ ନ ଥିଲେ! ମୁଁ ସୁରକ୍ଷିତ ଥିଲି! ଏବେ ମୋର ଏତେ ରକ୍ଷକ ଯେ କିଏ ଅସଲି କିଏ ନକଲି ଜାଣି ନ ପାରି ମୁଁ ନିଜକୁ ଅସୁରକ୍ଷିତ ମଣୁଛି!! ଆପଣ କହୁନାହାନ୍ତି, ରକ୍ଷକ ମାନେ ତ ମୋର ସେବକ! ମୋର ଯଦି ଏତେ ସେବକ ଅଛନ୍ତି, ତା' ହେଲେ ମୁଁ କାହିଁକି ରାସ୍ତା ଘାଟରେ ବିପଦପୂର୍ଣ୍ଣ ଜୀବନ କାଟୁଛି??

ଯେତେବେଳେ ମୋର କ୍ଷୀର ଦେବା ସମୟ ଆସିଯାଏ ମଣିଷ ମୋତେ ଲୋଡ଼େ! ତା' ଘର ପଛପଟେ ନ ହେଲେ ଘରଠୁ ଦୂରରେ ଗୋଟେ ଅସ୍ଥାୟୀ ପରିବେଶରେ ମୋତେ ଓ ମୋ ଛୁଆକୁ ରଖି କ୍ଷୀର ଆଦାୟ କରେ! ମୁଁ ଜାଣେ, ମୋତେ ସିନା ଆପଣ ଭୁଲି ଯାଇଛନ୍ତି, ମୋ କ୍ଷୀରକୁ କିନ୍ତୁ ଆପଣ ଆଦୌ ଭୁଲି ନାହାନ୍ତି! କାରଣ ଆଗରୁ ଖୁବ ଅଳ୍ପ ଲୋକ କ୍ଷୀର କିଣି ପାରୁଥିଲେ! ହେଲେ ଏବେ ଘରେ ଘରେ ସବୁଦିନ କ୍ଷୀର ପହଞ୍ଚୁଛି!

ଆପଣ କେବେ ନିଜକୁ ପଚାରିଛନ୍ତି କି ଘରେ ଘରେ ତ ଗାଈ ନାହାନ୍ତି, ଏତେ କ୍ଷୀର ଆସୁଛି କୋଉଠୁ? ସେ କଥା ନ ଭାବି ଆପଣ



ଓଲଟି ମୋତେ ଦୋଷ ଦିଅନ୍ତି କ'ଣ ନା ଆଜିକାଲି ଗାଈକ୍ଷୀର ଗୁଡ଼ାକ ସୁଦ୍ଧୁ ପାଣିମିଶା!

''ଥରେ ଜଣେ ମାଲିକକୁ ମୁଁ ପଚାରିଲି, ତୋର କ'ଣ ବିବେକ ନାଇଁ? ତୁ ମୋ କ୍ଷୀରରେ ପାଣି ମିଶେଇ ବିକୁଚୁ ଆଉ ମୋତେ ବଦ୍‌ନାମ କରୁଚୁ??

ମାଲିକ କହିଲା - ଜମା ନାଇଁ ଆଦୌ ନାଇଁ! ମୁଁ ତ ସେମିତି କରୁନି!! ମୁଁ ପାଣିରେ ତୋ କ୍ଷୀରରୁ କିଛି ମିଶେଇ ଦେଇ ବିକ୍ରି କରୁଛି।''

ମୋତେ ଲାଗୁଚି ପାଣିରେ ମିଶେଇକି ବିକିବାକୁ ମଧ୍ୟ ମୋର କ୍ଷୀର ଅଣ୍ଟୁ ନ ଥିବ! ସିଏ ବଜାରରୁ ଗୁଣ୍ଡ କିଣିଆଣି କିମ୍ବା କିଛି ରାସାୟନିକ ଦ୍ରବ୍ୟ କିଣି ଆଣି ତାକୁ ଫେଣ୍ଟିକରି ବିକୁଥିବ। ଆଉ ତାହାକୁ ଆପଣ କିଣି ଖାଇବାକୁ ବାଧ୍ୟ! ଖାଇବେନି ବା କିପରି? ଆପଣଙ୍କ ଘରେ ପର୍ବ, ଅନୁଷ୍ଠାନ କି ପୂଜା ହେବ। ସେଦିନ ଆପଣଙ୍କୁ ଅଧିକ କ୍ଷୀର ଦରକାର। ମୁଁ ତ ସେଥିପାଇଁ କ୍ଷମତାଠୁ ଅଧିକ କ୍ଷୀର ଦେଇ ପାରିବିନି। ତେଣୁ ଆପଣଙ୍କ ଆବଶ୍ୟକତାକୁ ପୂରଣ କରିବାକୁ ଏସବୁ କରିବାକୁ ହେଉଛି!

ଖାଲି କ'ଣ କ୍ଷୀର? ଦୁଗ୍ଧଜାତ ସାମଗ୍ରୀ, ଯଥା ଦହି, ଛେନା, ଘିଅ, ବଟର(ଲହୁଣି)ର କାହିଁରେ କ'ଣ ଚାହିଦା। ସତକଥା ହେଲା, ମୁଁ ଦୈନନ୍ଦିନ ଯେତିକି କ୍ଷୀର ଦେଇଥାଏ, ସେତକ କ୍ଷୀରର ଚାହିଦା ପୂରଣ କରିବାକୁ ନିଅଣ୍ଟ ତେଣୁ ସେଥିରୁ ଏସବୁ ଦୁଗ୍ଧଜାତ ସାମଗ୍ରୀ ପ୍ରସ୍ତୁତ କରିବାର ଅବସର ଜୁଟି ନ ଥାଏ। ତେବେ ଆପଣଙ୍କ ଆବଶ୍ୟକତା ପୂରଣ କରିବାକୁ ଏସବୁ କିଏ ଦିଏ, କୋଉଠୁ ଆସେ ଆଉ କେମିତି ପ୍ରସ୍ତୁତ ହୁଏ ମୁଁ ସେ ସବୁ ଜାଣେନା!!

ତେବେ ମୋ ଦୁଗ୍ଧଜାତ ସାମଗ୍ରୀର ଚାହିଦା ତ କାହିଁରୁ କ'ଣ! ତେଣୁ ସେସବୁକୁ ଯେବେ ଆପଣ ମୋର ବୋଲି ଶ୍ରେୟ ଦେଉଛନ୍ତି ତାହାକୁ ମୁଁ ବା ଗ୍ରହଣ ନ କରନ୍ତି କାହିଁକି? ତେବେ ଜାଣିଥାଅନ୍ତୁ, ସେସବୁକୁ ଖାଇ ଆପଣଙ୍କୁ ଯେଉଁ ସବୁ ରୋଗବାଗ ହୋଇଥାଏ, ସେ ପାପରେ ମୁଁ ଭାଗୀଦାର ନାହିଁ! କାରଣ ମୁଁ ବି ମୋର ଖାଦ୍ୟ; ଘାସ, କୁଣ୍ଡା, ଚୋକଡ, ତୋରାଣି ନ ପାଇ ଖବର କାଗଜ, ପୋଷ୍ଟର, ପଲିଥିନ ଜରି, ଫୋପଡ଼ା ହୋଇଥିବା ବାସି ଖାଦ୍ୟ ଖାଇ ବହୁଦା ରୋଗରେ ଆକ୍ରାନ୍ତ! ସେ ସବୁ ପାଇଁ ଆପଣ ଦାୟୀ, ଆପଣ ମୋତେ ଦାଣ୍ଡରେ ଛାଡିଲେ, ଆପଣ ମୋର ଚାରଣ ଭୂମିକୁ କରାୟତ୍ତ କରି କୋଠା ତୋଳିଲେ! ମୋର ଏ ହୀନସ୍ତା ପାଇଁ ଯଦି ଆପଣଙ୍କୁ ପାପ ଲାଗିବନି ତା'ହେଲେ ମୁଁ କେମିତି ମୋ ନାଁରେ ବିକ୍ରି ହେଉଥିବା ସାମଗ୍ରୀ ପାଇଁ ଦୋଷୀ ହୁଅନ୍ତି?

ଜାଣି ଖୁସି ହେଲି କି ମୋର ହତ୍ୟାକୁ ଅପରାଧ ବିବେଚନା କରି ଆଇନକୁ କଡାକଡି କରାଯାଉଛି! ହତ୍ୟାକାରୀକୁ ଦଣ୍ଡବିଧାନ କରାଯାଉଛି। ତେବେ ମୋତେ ପ୍ରତିଦିନ ଏମିତି ଯୋଉ କଷ୍ଟ ଦେଇ ମୋ ସହିତ ଆପଣଙ୍କୁ ମରଣ ମୁହଁକୁ ଠେଲି ଦିଆଯାଉଛି, ସେଥିପାଇଁ କ'ଣ ଦଣ୍ଡ ବିଧାନ ଅଛି??

ଟିକେ ଭାବିଲେ ଦେଖି, କୌତୁକ ପୋଷାକ ପ୍ରତିଯୋଗିତାରେ ଆପଣଙ୍କ ଛୁଆ କେବେ ଗାଈ ବେଶ ହୋଇଯାଇଛି କି? ଆପଣଙ୍କ ଘରେ କେତେ ବର୍ଷ ପୂର୍ବେ ମୋ ପରି ଗାଈଟିଏ ଥିଲା? ଗାଈର ଗୋବର ଆପଣ ଶେଷଥର କେବେ ସ୍ପର୍ଶ କରିଥିଲେ??

ମୁଁ ଗୋଟିଏ ଗାଈ, ମୋର ଏହି ପରିବର୍ତ୍ତିତ ଆତ୍ମକାହାଣୀ କିପରି ଲାଗିଲା ନିଶ୍ଚୟ ଜଣେଇବେ!!

ମାର୍ଫତ - ଗାନ୍ଧୀ ପଣ୍ଡା, କଳାଘର - ଲେମ୍ବୋ, ନରସିଂହପୁର, କଟକ
ମୋ: ୮୮୯୫୮୨୫୮୬୩

## ୫୦ ବର୍ଷ ତଳର ଧରିତ୍ରୀ

### ୧୪ ଫେବୃଆରୀ ୧୯୭୭

- ଭାରତୀୟ ପ୍ରତିରକ୍ଷା ଦଣ୍ଡବିଧି ଆଇନ ଅନୁଯାୟୀ ବନ୍ଦୀ ଥିବା ଭାରତୀୟ ଲୋକଦଳ ନେତା କର୍ପୂରୀ ଠାକୁରଙ୍କ ସମେତ ମୋଟ ୪ ଜଣଙ୍କୁ ଜେଲରୁ ଖଲାସ କରାଯାଇଛି।
- ଭାରତୀୟ ଜାତୀୟ ମୁସଲିମ ଲିଗର ଉତ୍ତର ପ୍ରଦେଶରେ ଥିବା ଆଞ୍ଚଳିକ କମିଟିକୁ ଭାଙ୍ଗି ଦିଆଯାଇ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ନିଶା ସେବନଜନିତ ମୃତ୍ୟୁ ବଢୁଛି

ମହାଶୟ,

ଓଡ଼ିଶାରେ ୨୦୨୫ ଡିସେମ୍ବର ଶେଷ ସପ୍ତାହରେ ସର୍ବମୋଟ ୩୨.୫୫ କୋଟିର ମାଦକଦ୍ରବ୍ୟ ବିକ୍ରୟ କରାଯାଇଥିବା ପ୍ରକାଶିତ ଖବରରୁ ଜଣାପଡ଼ିଛି। ଏଥିରୁ ଜଣାପଡୁଛି, ଓଡ଼ିଶାରେ ଲୋକମାନେ ମଦକୁ ଜଳ ପରି ପାନ କରୁଛନ୍ତି। ସନ୍ଧ୍ୟା ହେଲା ମାତ୍ରେ ଓଡ଼ିଶାର ଗ୍ରାମାଞ୍ଚଳଠାରୁ ଆରମ୍ଭକରି ସହରାଞ୍ଚଳ ପର୍ଯ୍ୟନ୍ତ ଲୋକମାଙ୍କର ନିଶାର ଆସର ଜମିଯାଉଛି। ଗାଁ ଗାଁରେ ଏବେ ମଦ ସହଜରେ ମିଳିଯାଉଛି। ଲୋକମାନେ ନିଶାସକ୍ତ ହେଲା ପରେ ନିଜର ପରିବାର ଲୋକଙ୍କୁ ନିର୍ଯାତନ ଦେଉଛନ୍ତି। ଫଳରେ ଅପରାଧର ପରିସୀମା ଦିନକୁ ଦିନ ବଢ଼ିବାରେ ଲାଗିଛି। ନିଶା ସେବନଜନିତ ମୃତ୍ୟୁ ମଧ୍ୟ ବୃଦ୍ଧିପାଇ ଚାଲିଛି। ।ପରିବାରରେ ଘୋର ଅଶାନ୍ତିର ବାତାବରଣ ଲାଗି ରହୁଛି। ତେଣୁ ଓଡ଼ିଶାରେ ସମ୍ପୂର୍ଣ୍ଣ ରୂପେ ମାଦକଦ୍ରବ୍ୟ ବିକ୍ରୟ ଉପରେ କଟକଣା ଲଗାଯାଉ। ଏହା କରାଗଲେ ପ୍ରତିଟି ପରିବାର ସୁଖରେ ରହିପାରିବ।

-ବିଚିତ୍ର ପୃଷ୍ଟି, ଅଚ୍ୟୁତବସନ୍ତ, ବାଲିଚନ୍ଦ୍ରପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସମର ନୁହଇ ସୁଷମା ତୋର
ରୂପର ଭୂଷା
ମିଛ ଆବରଣେ ଲୁଚଇ ସିନା
ଦେହର ତୃଷା ।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାଣୀ
ପରିବାରବର୍ଗ


ବାବୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପାକିସ୍ତାନ ବିପକ୍ଷରେ ଖେଳିପାରନ୍ତି ଅଭିଷେକ

**ନୂଆଦିଲ୍ଲୀ, ୧୩।୨ (ପି.ଟି.)**

ପେଟ ସଂକ୍ରମଣରେ ପୀଡ଼ିତ ବିସ୍ଫୋରକ ଓପନର ଅଭିଷେକ ଶର୍ମା ବର୍ତ୍ତମାନ ସୁସ୍ଥ ମନେହେଉଛନ୍ତି। ରବିବାର ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ସେ ଖେଳିପାରିବେ ବୋଲି ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ପ୍ରକାଶ କରିଛନ୍ତି। ପେଟରେ ସଂକ୍ରମଣ ଯୋଗୁ ଅଭିଷେକ ଏଠାରେ ଗୁରୁବାର ନାମ୍ବିଆ ବିପକ୍ଷ ମ୍ୟାଚ ଖେଳିପାରି ନ ଥିଲେ। ଚିକିତ୍ସା ପାଇଁ ତାଙ୍କୁ ଦୁଇଦିନ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ିଥିଲା। ଅଭିଷେକ ଶୁକ୍ରବାର ଅଭ୍ୟାସ କରୁଥିବା ବେଳେ ବରୁଣ ତାଙ୍କ ସହିତ କଥା ହୋଇଥିଲେ। ବିସ୍ଫୋରକ ବ୍ୟାଟର ଏବେ ନିଜକୁ ଫିଟ୍ ଅନୁଭବ କରୁଥିବା ତାଙ୍କୁ କହିଥିଲେ। ନାମ୍ବିଆ ବିପକ୍ଷ ୯୩ ରନରେ ବିଜୟ ମ୍ୟାଚରେ ଚକ୍ରବର୍ତ୍ତୀ ଚମତ୍କାର ବୋଲିଂ କରିଥିଲେ। ଟସ୍ ବେଳେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଥିଲେ, ସମ୍ପୂର୍ଣ୍ଣ ଫିଟ୍‌ନେସ ଫେରିପାଇବା ପାଇଁ ଅଭିଷେକ ଗୋଟିଏ କିମ୍ବା ଦୁଇଟି ମ୍ୟାଚ ଖେଳିବେ ନାହିଁ। ଅଭିଷେକଙ୍କ ଅନୁପସ୍ଥିତିରେ ଇଶାନ କିଶନଙ୍କ ସହ ସଞ୍ଜୁ ସାମ୍‌ସନ ଓପନ କରିଥିଲେ। ଗତଥରର ଚାମ୍ପିୟନ ଭାରତ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜିତ ରହିଛି। ଦଳ ଗତ ଶନିବାର ୟୁଏସ୍ଏ ବିପକ୍ଷରେ ଏହାର ଓପନିଂ ମ୍ୟାଚରେ ବିଜୟୀ ହୋଇଥିଲା। କଲମ୍ବୋ ଟ୍ରେନିଂ ସେସନରୁ ବୁଝାପଡ଼ୁଛି, ପାକିସ୍ତାନ ବିପକ୍ଷରେ ଉଚ୍ଚଚାପଯୁକ୍ତ ଖେଳ ପାଇଁ ଅଭିଷେକ ନିଜକୁ ପ୍ରସ୍ତୁତ କରୁଛନ୍ତି। ଯଦି ସେ ଦୀର୍ଘ ସମୟ ଧରି ନେଟ୍ସ କରନ୍ତି ତେବେ ମ୍ୟାଚ୍ ପାଇଁ ଉପଲବ୍ଧ ହୋଇପାରନ୍ତି।

# ଆମେରିକାର ସମ୍ମାନଜନକ ସ୍କୋର

**ଚେନ୍ନାଇ, ୧୩।୨:** ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଆମେରିକା ପ୍ରତିପକ୍ଷ ନେଦରଲାଣ୍ଡ୍ସ ବିପକ୍ଷରେ ବୃହତ୍ ସ୍କୋର ଛିଡ଼ା କରିଛି। ସାଇତେଜା ମୁକ୍କାମଲ୍ଲଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସହାୟତାରେ ଆମେରିକା ୨୦ ଓଭରରେ ୬ ଉଇକେଟ ହରାଇ ୧୯୬ ରନ ସଂଗ୍ରହ କରିଛି। ଗ୍ରୁପ୍ 'ଏ'ରେ ନେଦରଲାଣ୍ଡ୍ସ ୨ଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ-ପରାଜୟ ଫଳାଫଳ ପାଇଥିବାବେଳେ ଆମେରିକା ଏହାର ପ୍ରଥମ ୨ଟି ଯାକ ମ୍ୟାଚ ହାରି ସାରିଛି।

ଟସ୍‌ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆମେରିକା ଆରମ୍ଭରୁ ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲା। ଓପନର ତଥା ଅଧିନାୟକ ମୋନାକ ପଟେଲ ୨୨ ବଲ୍‌ରୁ ୩୬ ରନକରି ଆକ୍ରମଣାତ୍ମକ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଅନ୍ୟତମ ଓପନର ଶାୟନ ଜାହାଙ୍ଗୀର ଯଦିଓ ୨୦ ରନକରି ପ୍ୟାଭିଲିୟନ ଫେରିଥିଲେ ତେବେ ସାଇତେଜା ମୁକ୍କାମଲ୍ଲ ଅର୍ଦ୍ଧଶତକ ହାସଲ କରିବା ସହ ଦଳର ବ୍ୟାଟିଂ ମେରୁଦଣ୍ଡ ସାଜିଥିଲେ। ସେ ୫୧ ବଲ୍‌ରୁ ସର୍ବାଧିକ ୭୯ (୫ ଚୌକା, ୪ ଛକା) ରନ କରିଥିବାବେଳେ ଶୁଭମ୍ ରଞ୍ଜନେ ୨୪ ବଲ୍‌ରୁ ୪୮ (୩ ଚୌକା, ୨ ଛକା) ରନରେ ଅପରାଜିତ ରହିବାରୁ ଦଳର ସ୍କୋର ଦୁଇଶହ ନିକଟବର୍ତ୍ତୀ ହୋଇଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ବାସ ଡି ଲିଡ୍ସ ୩ଟି ଏବଂ ଲୋଗାନ ଭାନ ବିକ୍, କାଏଲ କ୍ଲେଇନ ଓ ଫ୍ରେଡ୍ କ୍ଲାସେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଥିବା ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ ସିନିୟର କବାଡ଼ି ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଖେଳାଳିମାନେ। (ଫଟୋ: ରାଜକିଶୋର ମହାନ୍ତି)

# ଅଁଳାକଟାରେ ମା' ମଙ୍ଗଳା କ୍ରିକେଟ୍ ଟୁର୍ନାମେଣ୍ଟ

**ପରଜଙ୍ଗ, ୧୩।୨ (ନିଗମାନନ୍ଦ ଦଳବେହେରା):**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁମୁସି ପଞ୍ଚାୟତ ଅଁଳାକଟା ଗାଁ ଗଜାବୁରୀ ଖେଳ ପଡ଼ିଆରେ ଚାଲିଥିବା ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀକା ବନଲତା ମହାନ୍ତି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମନୋଜ ଦାସ, ସୌମ୍ୟରଞ୍ଜନ ଦାଶ, ଖବରଦାତା ସୁବ୍ରତ ବିଶ୍ୱାଳ ଓ ସ୍ଥାନୀୟ ସରପଞ୍ଚ ବଳରାମ ନାଏକ ଯୋଗଦେଇଥିଲେ। ଏହି ମ୍ୟାଚ୍‌ଟି ପରଜଙ୍ଗ କ୍ରିକେଟ୍ ଟିମ ଓ ଅଁଳାକଟା କ୍ରିକେଟ ଟିମ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ମ୍ୟାଚଟି ୧୫ ଓଭର ବିଶିଷ୍ଟ ହୋଇଥିବା ବେଳେ ଟସ୍ ଜିତି ଅଁଳାକଟା ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୧୨୧ ରନ କରିବାରେ ସକ୍ଷମ ହୋଇଥିଲା। ଜବାବରେ ପରଜଙ୍ଗ ଟିମ ୧୩ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ଦୟାନିଧି ସାହୁ ଓ ସତ୍ୟାନନ୍ଦ ସାହୁ ଖେଳ ପରିଚାଳନା କରିଥିବା ବେଳେ ପ୍ରମୋଦ ରାଉତ ଓ ବିବେକ ସାମଲ ଧାରା ବିବରଣୀ ପ୍ରଦାନ କରିଥିଲେ। ହାପି ସାହୁ ଓ କୁନାଲ ସାହୁ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ। ଶେଷରେ ମୁଖ୍ୟ ଅତିଥି ଉଭୟ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ।


ବିଜୟୀ ଟିମ୍‌କୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

# ସିଙ୍ଗଲ୍ସ, ଡବଲ୍ସ ଫାଇନାଲରେ ପ୍ରମୋଦ

**ଭୁବନେଶ୍ୱର, ୧୩।୨ (ତପନ ସ୍ୱାଇଁ)**

ବାହାରିନ୍‌ର ମାନାମାଠାରେ ଚାଲିଥିବା ବିଡବ୍ଲୁଏଫ୍ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଶୁକ୍ରବାର ଅନୁଷ୍ଠିତ ଏସ୍ଏଲ୍-୩ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ସେ ଥାଇଲାଣ୍ଡର ମଙ୍ଗ୍‌ଖୋନ୍ ବୁନ୍‌ସୁନ୍‌ଙ୍କୁ ୨୧-୧୯, ୨୧-

**ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ**

୧୭ରେ ପରାସ୍ତ କରିଛନ୍ତି। ସେହିପରି ସୁକାନ୍ତ କଦମ୍‌ଙ୍କୁ ସାଥିକରି ପ୍ରମୋଦ ଏସ୍ଏଲ୍୩-ଏସ୍ଏଲ୍୪ ପୁରୁଷ ଡବଲ୍ସ ସେମିଫାଇନାଲରେ କୋରିଆ ଯୋଡ଼ି ଚୋ ଏନ୍ ଏବଂ ଲଇ ଏସ୍‌ଙ୍କୁ ୨୧-୧୩, ୨୧-୧୫ରେ ପରାସ୍ତ କରିଛନ୍ତି। ଏଥିସହ ପ୍ରମୋଦ ୨ଟି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବାର ନିକଟତର ହୋଇଛନ୍ତି। ଅଭିଜ୍ଞତା ଏବଂ ଲଢୁଆ ମନୋବୃତ୍ତି ପ୍ରମୋଦଙ୍କ ମୁଖ୍ୟ ଅସ୍ତ୍ର। ସେ ଏବେ ଯେପରି ଫର୍ମରେ ଅଛନ୍ତି ନିଶ୍ଚିତ ୨ଟି ସ୍ୱର୍ଣ୍ଣ ପଦକ ଜିତିବା ସମ୍ଭାବନା ରହିଛି ବୋଲି କୋଚ୍ ଶିବ ପ୍ରସାଦ ଦାସ ପ୍ରକାଶ କରିଛନ୍ତି।



ରିଟର୍ନ ଶଟ୍ ଖେଳିବା ଅବସରରେ ପ୍ରମୋଦ ଭଗତ।


**ଚତୁର୍ଥ ଜନ୍ମଦିନର ଶୁଭେଚ୍ଛା**



**ହନଷିତ ରାଜ (ବାବୁ)**
ଫାଲ୍‌କନ୍ କ୍ରେଷ୍ଟ, ଶାମପୁର, ଭୁବନେଶ୍ୱର
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ
ଓଠେ ଥାଉ ହସ ଜୀବନ ସାରା।
ଆମର ଆଶିଷ ମଥା ପରେ ଥାଉ
ସଭିଙ୍କର ହୁଅ ଦୁଃଖ ପାସୋରା।
ଶୁଭେଚ୍ଛା ସହ- ମାଆ-ବାପା, ଦାଦା-ଖୁଡ଼ୀ, ଜେଜେ-ଜେଜେମା, ଅଜା-ଆଇ ଏବଂ ପରିବାରବର୍ଗ।
ଧ-୭୬୦୯୫

**ଦଶମ ଜନ୍ମଦିନର ଶୁଭେଚ୍ଛା**



**ଲାସ୍ୟା ତାପସୀ (ରାଣୀ)**
ଫାଲ୍‌କନ୍ କ୍ରେଷ୍ଟ, ଶାମପୁର, ଭୁବନେଶ୍ୱର
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ
ଓଠେ ଥାଉ ହସ ଜୀବନ ସାରା।
ଆମର ଆଶିଷ ମଥା ପରେ ଥାଉ
ସଭିଙ୍କର ହୁଅ ଦୁଃଖ ପାସୋରା।
ଶୁଭେଚ୍ଛା ସହ- ମାଆ-ବାପା, ଦାଦା-ଖୁଡ଼ୀ, ଜେଜେ-ଜେଜେମା, ଅଜା-ଆଇ ଏବଂ ପରିବାରବର୍ଗ।
ଧ-୭୬୦୯୪


# କାନାଡା ବିପକ୍ଷରେ ୟୁଏଇର ରୋମାଞ୍ଚକ ବିଜୟ

**ନୂଆଦିଲ୍ଲୀ, ୧୩।୨ (ପି.ଟି.)**

ଓପନର ଆର୍ଯ୍ୟାଂଶ ଶର୍ମା ଏବଂ ଲୋୟର ଅର୍ଡର ବ୍ୟାଟର ଶୋଏବ ଖାନ୍‌ଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ସହାୟତାରେ ୟୁଏଇ (ସଂଯୁକ୍ତ ଆରବ ଏମିରେଟ୍ସ) ଏଠାରେ ଚାଲିଥିବା ଟି୨୦ ବିଶ୍ୱକପ୍ ଗ୍ରୁପ୍ 'ଡି'ର ଏକ ମ୍ୟାଚରେ ୫ଉଇକେଟରେ କାନାଡାକୁ ପରାସ୍ତ କରିଛି। ଶର୍ମା ୫୩ ବଲ୍‌ରେ ୬ ଚୌକା ଓ ୩ ଛକା ସହ ୭୪ରନ କରି ଅପରାଜିତ ଥିବାବେଳେ ୬ନମ୍ବର ପୋଜିଶନରେ ବ୍ୟାଟିଂ କରିବାକୁ ଆସିଥିବା ଖାନ୍ ୨୯ ବଲ୍‌ରେ ୫୧ ରନ (୪ଚୌକା ଓ ୪ ଛକା) କରି ଦୁଇ ବଲ୍ ବାକିଥାଇ ସେମାନଙ୍କ ଦଳକୁ ସ୍ମରଣୀୟ ବିଜୟ ଆଣିଦେଇଥିଲେ।

ପୂର୍ବରୁ କାନାଡା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଚତୁର୍ଥ ଉଇକେଟରେ ହର୍ଷ ଠାକର (୪୧ ବଲ୍‌ରୁ ୫୦ରନ) ଓ ନବନୀତ ଧାଲିୱାଲ (୨୮ ବଲ୍‌ରୁ ୩୪ରନ, ୪ ଚୌକା) ୫୮ରନର ପାର୍ଟନରଶିପ୍ ଯୋଗ କାନାଡ଼ା ନିର୍ଦ୍ଧାରିତ ଓଭରରେ ୭ଉଇକେଟ ବିନିମୟରେ ୧୫୦ରନ କରିପାରିଥିଲା। ୟୁଏଇର ଜୁନେଦ ସିଦ୍ଦିକ ଶ୍ରେଷ୍ଠ ବୋଲିଂ କରି ତାଙ୍କ କ୍ୟାରିୟରର ପ୍ରଥମ ୫ ଉଇକେଟ ସଫଳତା (୫/୩୫) ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

**କାନାଡ଼ା:** ୨୦ ଓଭରରେ ୧୫୦/୭ (ହର୍ଷ ଠାକର-୫୦, ନବନୀତ ଧାଲିୱାଲ-୩୪; ଜୁନେଦ ସିଦ୍ଦିକ୍-୫/୩୫)। **ୟୁଏଇ:** ୧୯.୪ ଓଭରରେ ୧୫୧/୫ (ଆର୍ଯ୍ୟାଂଶ ଶର୍ମା (୭୪*, ଶୋହେବ ଖାନ୍ ୫୧*; ସାଦ୍ ବିନ୍ ଜାଫର-୩/୧୪)।

**ଟି୨୦ ବିଶ୍ୱକପ୍**

(ଆଜିର ମ୍ୟାଚ୍)

**ଆୟର୍ଲାଣ୍ଡ ବନାମ ଓମାନ**
ସ୍ଥାନ: କଲମ୍ବୋ, ସମୟ: ପୂର୍ବାହ୍ନ ୧୧ଟା

**ଇଂଲଣ୍ଡ ବନାମ ସ୍କଟଲାଣ୍ଡ**
ସ୍ଥାନ: କୋଲକାତା, ସମୟ: ଅପରାହ୍ନ ୩ଟା

**ନ୍ୟୁଜିଲାଣ୍ଡ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ଅହମଦାବାଦ, ସମୟ : ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର


**Classified Everyday**
0674-2580101, 9692975378


**REAL ESTATE**
**SALE**

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348

**GENERAL**
**SALE**

**Welding Works Contact for any type of Roof Sheds, Gril Gates, Shutters. 7809525452, 9937507638.** D-3346

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**CONSTRUCTION**

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

All types of physiotherapy and massage contact 9556924059/ 7656969134. D-3339

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**AFFIDAVIT**

By virtue of an affidavit sworn before the Executive Magistrate, Boudh, No.1562, Dtd.- 15.11.25, I, Girish Meher, R/o. Village- Purumunda, P.O.- Raxa, P.S.- Manamunda, Dist.- Boudh, Odisha, PIN- 762015 declare that I have changed the name of my son from KANHA MEHER to KANHA CHARAN MEHER. Henceforth, he shall be known as KANHA CHARAN MEHER for all purposes.
Girish Meher
D-3377

Affidavit before Executive Magistrate, Sambalpur, on Dtd.- 12.01.2026, We, Jagannath Singh and Mohan Singh, sons of Sugandha Singh of Village- Badasudangpal, Tahasil- Jujumura, District- Sambalpur, Odisha declare that our names and our father's name were wrongly recorded as Jagannath Routia, Mohan Routia and Sugandha Routia in land records. Our correct names are as above. All names refer to the same persons.
D-3378

By this affidavit before the Executive Magistrate, Khariar, Dtd.- 12.02.26, I, Khul Charan Harijan, S/o.- Late Bansidhar Harijan, R/o. Village/P.O.- Sunari Sikuan, P.S.- Khariar, District- Nuapada, Odisha declare that my surname HARIJAN is written in all documents. That now I intent to change my surname from HARIJAN to SAGAR in my all documents. Henceforth, I shall be known as KHUL CHARAN SAGAR for all purposes. D-3379

By virtue of an Affidavit sworn before the Executive Magistrate, Bhubaneswar on dtd.-13.02.2026, vide CF No.98, I, RUPALI DASH, about 23 years, D/o.- Durga Madhab Dash, Resident of At- Badagada, Bangar Sahi, P.O.- Badagada, Asika, Dist.- Ganjam, Odisha, PIN- 761109 declare that I have changed my gender from Male to Female. Henceforth, my gender shall be Female for all purposes. D-3376

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


# ୧୩ତମ ପ୍ରିୟବ୍ରତ କ୍ରିକେଟ୍ : ଚନ୍ଦ୍ରଶେଖରପୁର ଚାମ୍ପିୟନ

**ଢେଙ୍କାନାଳ, ୧୩।୨ (ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମହୁଲଖୋଳି ଗ୍ରାମରେ ୧୩ତମ ପ୍ରିୟବ୍ରତ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ରଙ୍ଗମାଟିଆ ଷ୍ଟାଡିଅମଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସମୁଦାୟ ୧୬ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ଚନ୍ଦ୍ରଶେଖରପୁର ଓ ମହୁଲଖୋଳି ମଧ୍ୟରେ ହୋଇଥିଲା। ପ୍ରଥମେ ଟସ୍ ଜିତି ଚନ୍ଦ୍ରଶେଖରପୁର ୧୨ ଓଭରରେ ୧୧୧ ରନ୍ କରିଥିଲା। ଜବାବରେ ମହୁଲଖୋଳି ଦଳ ୯୬ରନ ସଂଗ୍ରହ କରିଥିଲା ଚନ୍ଦ୍ରଶେଖରପୁର ଦଳ ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା। ମନୋରଞ୍ଜନ ଓ ଦୁଷ୍ମନ୍ତ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସୁବ୍ରତ ସହାୟତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ଚନ୍ଦ୍ରଶେଖର ଜୀଉ ୟୁଥ କ୍ଲବ ସଭାପତି ପ୍ରହଲ୍ଲାଦ ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରିୟବ୍ରତ ମେମୋରିଆଲ ଟ୍ରଷ୍ଟର ଉପଦେଷ୍ଟା ଗୋପବନ୍ଧୁ ବେହେରା, ଗଣେଶ୍ୱର ନାୟକ, ତ୍ରିନାଥ ବେହେରା, ସଞ୍ଜିତ କୁମାର ସାହୁ, ବାଳକୃଷ୍ଣ ବେହେରା, ମାଧବ ମହାଭୋଇ, କପିଳ ଦେହୁରୀ, ଅଚ୍ୟୁତ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଆୟୋଜକ ଆଲୋକ ମହାଭୋଇ, ବିକାଶ ସେଠୀ, ରଞ୍ଜିତ ବାରିକ ଓ ମହାବୀର କ୍ଲବ ସମସ୍ତ ସଦସ୍ୟ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ ।





**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**୰କାନନ ପ୍ରଧାନ**
ଆବିର୍ଭାବ : ୧୩।୦୫।୧୯୫୪
ତିରୋଧାନ : ୦୪।୦୨।୨୦୨୬
ମା' ତୁମେ ଯିବାର ଦଶଦିନ ହୋଇଗଲାଣି, ଖାଲି ମା' ହିସାବରେ ନୁହେଁ, ଜଣେ ଶୁଭାକାଂକ୍ଷୀ ଓ ଶୁଭଚିନ୍ତକ ଭାବରେ ଆମ ଜୀବନରେ ଆପଣଙ୍କ ସାହାଯ୍ୟ ଆମ ପାଇଁ ଅବିସ୍ମରଣୀୟ, ତାହା ଆମେ କେବେ ଭୁଲି ପାରିବୁ ନାହିଁ। ପ୍ରତ୍ୟେକ ମୁହୂର୍ତ୍ତରେ ତୁମେ ମନେ ପଡିବ। ତୁମେ ଯେଉଁଠି ବି ଥାଅ ଭଲରେ ଥାଅ ଓ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥାଅ। ଜଗନ୍ନାଥ ତୁମକୁ ଆଶ୍ରିତ କରିଥାନ୍ତୁ।
-:ଶ୍ରଦ୍ଧାଞ୍ଜଳି ସହ:-
ହତଭାଗ୍ୟ ସ୍ୱାମୀ- ବଳାଇ ଚରଣ ନାୟକ, ପୁତ୍ର, ବୋହୂ, କନ୍ୟା, ଜ୍ୱାଇଁ, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୩୩୮୧

**ଏକାଦଶାହ ଉପଲକ୍ଷେ**



**୰ଜ୍ଞାନରଞ୍ଜନ ନାୟକ**
କୁରୁଡ଼ା, ଅନନ୍ତପୁର, ବାଲେଶ୍ୱର
ଆବିର୍ଭାବ : ୧୯/୦୪/୧୯୬୨
ତିରୋଧାନ : ୦୪/୦୨/୨୦୨୬
ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ସହନଶୀଳତା ଆମ୍ଭମାନଙ୍କୁ ଚିରଦିନ ଅନୁପ୍ରାଣିତ କରୁଥାଉ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପୁତ୍ର-ନିହାର ରଞ୍ଜନ, ପୁତ୍ରବଧୂ-ନିରୁ, ଝିଅ-ଲିପି, ଜ୍ୱାଇଁ-ଲିଙ୍କନ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୩୩୮୦


# କୁକ୍ ପ୍ରଣାଳୀ ଅତିକ୍ରମ କଲେ ପାରା ସନ୍ତରଣକାରୀ ସତ୍ୟେନ୍ଦ୍ର

**ନୂଆଦିଲ୍ଲୀ, ୧୩।୨ (ପି.ଟି.)**

ନ୍ୟୁଜିଲାଣ୍ଡରେ ଥିବା କୁକ୍ ପ୍ରଣାଳୀକୁ ଅତିକ୍ରମ କରିବାରେ ଭାରତର ସତ୍ୟେନ୍ଦ୍ର ସିଂ ଲୋହିୟା ଏସିଆର ପ୍ରଥମ ପାରା ସନ୍ତରଣକାରୀ ହେବାର ଗୌରବ ଅର୍ଜନ କରିଛନ୍ତି। ୩୮ବର୍ଷୀୟ ଲୋହିୟାଙ୍କ ଘର ହେଉଛି ମଧ୍ୟପ୍ରଦେଶର ଭିଣ୍ଡ ଜିଲାରେ। ୨୦୨୪ରେ ସେ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ ହୋଇଥିଲେ। କୁକ୍ ପ୍ରଣାଳୀ ହେଉଛି ବିଶ୍ୱର ଅନ୍ୟତମ ଚ୍ୟାଲେଞ୍ଜିଂ ସାମୁଦ୍ରିକ ମାର୍ଗ ମଧ୍ୟରୁ ଅନ୍ୟତମ।



ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶୁକ୍ରବାର ଆର୍ଜେଣ୍ଟିନା ଓ ବେଲଜିୟମ ମଧ୍ୟରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚ।

# ଆର୍ଜେଣ୍ଟିନାକୁ ୫–୨ରେ ହରାଇଲା ବେଲଜିୟମ୍

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍

ରାଉରକେଲା, ୧୩।୨ (ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଶୁକ୍ରବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋଲିଗ୍‌ର ଚତୁର୍ଥ ମ୍ୟାଚରେ ବେଲଜିୟମ୍ ଦଳ ୫–୨ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରିଛି। ଏଥିସହ ଏହି ଦଳ ପଏଣ୍ଟ ତାଲିକାର ଶୀର୍ଷକୁ ଉନ୍ନୀତ ହୋଇଛି। ରାଜ୍ୟ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆର୍ଜେଣ୍ଟିନା ଦଳ ଆକ୍ରମଣାତ୍ମକ ଖେଳ ଜାରି ରଖି ମ୍ୟାଚ୍‌ର ୧୮ ମିନିଟ୍ ୧୮ ସେକେଣ୍ଡରେ ଫରୱାର୍ଡ ଟୋମାସ୍ ଡୋମିନିଙ୍କ ସହାୟତାରେ ଏକ ଗୋଲ ଦେଇ ୧–୦ ଗୋଲରେ ଆଗୁଆ ହୋଇଥିଲା। ମ୍ୟାଚର ୩ୟ କ୍ୱାର୍ଟର ୩୫ ମିନିଟ୍ ୨୨ ସେକେଣ୍ଡରେ ବେଲଜିୟମ୍‌ର ଅର୍ଥର ଡି ସ୍ଲୋଭର ଏକ ଗୋଲଦେଇ ମ୍ୟାଚକୁ ବରାବର କରିଥିଲେ। ପରେ ମ୍ୟାଚର ୩୮ ମିନିଟ୍ ୨୧ ସେକେଣ୍ଡରେ ଟୋବିୟାସ୍ ବିକେନ୍ସ ଦ୍ୱିତୀୟ ଗୋଲମାରି ବେଲଜିୟମକୁ ୨–୧ ଗୋଲରେ ଆଗୁଆ ରଖିଥିଲେ। ୪୫ତମ ମିନିଟରେ ମାଟିଆସ ରେ'ଙ୍କ ଫିଲ୍ଡ ଗୋଲବଳରେ ଆର୍ଜେଣ୍ଟିନା ମ୍ୟାଚକୁ ୨–୨ ସ୍ଥିତିକୁ ନେଇ ଆସିଥିଲା।

ଦ୍ୱିତୀୟାର୍ଦ୍ଧରେ ବେଲଜିୟମ ଆଧିପତ୍ୟ ବିସ୍ତାରକରି ଖେଳିଥିଲା। ଆଲେକ୍‌ଜାଣ୍ଡାର ହେଣ୍ଡରିକ୍ସ ମ୍ୟାଚର ୪୮ ମିନିଟ୍ ୩ ସେକେଣ୍ଡରେ ଏକ ପେନାଲଟିକର୍ଣ୍ଣରର ସୁଯୋଗ ପାଇଁ ଆର୍ଜେଣ୍ଟିନା ବିପକ୍ଷରେ ୩ୟ ଗୋଲ ମାରିଥିବାବେଳେ ପୁଣି ମ୍ୟାଚର ଠିକ୍ ୫୩ ମିନିଟ୍ ୧୫ ସେକେଣ୍ଡରେ ୪ର୍ଥ ଗୋଲମାରି ଦଳର ଅଗ୍ରଣୀ ବ୍ୟବଧାନକୁ ୪–୨ କରିଥିଲେ। ମ୍ୟାଚର ଶେଷ ପର୍ଯ୍ୟାୟ ୫୮ ମିନିଟ୍ ୯ ସେକେଣ୍ଡରେ ରୋମାନ ଡୁଭେକୋଟ ୫ମ ଗୋଲ ଦେଇ ବେଲଜିୟମ ଦଳକୁ ୫–୨ ଗୋଲରେ ବିଜୟୀ କରିଥିଲେ। ଏହି ମ୍ୟାଚ୍‌ରେ ଅର୍ଥର ଡି ସ୍ଲୋଭରଙ୍କୁ ପ୍ଲେୟର ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

# ରଞ୍ଜିତାଙ୍କ ପ୍ରଭାବୀ ପ୍ରଦର୍ଶନ


## ଜାତୀୟ ସ୍କି ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୩।୨ (ତପନ ସ୍ୱାଇଁ)

ଓଡ଼ିଶାର 'ସ୍ନୋ ଗର୍ଲ'ଭାବେ ପରିଚିତ ରଞ୍ଜିତା ବେହେରା ଉତ୍ତରାଖଣ୍ଡର ଆଉଲିଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଜାତୀୟ ସ୍କି ଚାମ୍ପିୟନଶିପ୍ ଓ ୱିଣ୍ଟର କାର୍ନିଭାଲରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଆଲ୍‌ପାଇନ୍ ସ୍କି ବିଭାଗରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ରଞ୍ଜିତା ମହିଳା ଜଏଣ୍ଟ ସ୍ଲାଲମ ବର୍ଗରେ ଉନ୍ନତମାନର କୌଶଳ ପ୍ରଦର୍ଶନ କରି ଫାଇନାଲ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହେବା ସହ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସବୁଠାରୁ ବଡ଼ କଥାହେଲା ଆଉଲିର ଏହି ଅନ୍ତର୍ଜାତୀୟ ସ୍ତରର ବିପଜ୍ଜନକ ଗଡ଼ାଣିରେ ଅନେକ ନାମୀ ଖେଳାଳି ଅଯୋଗ୍ୟ ବିବେଚିତ ହୋଇଯାଇଥିଲେ ମଧ୍ୟ ରଞ୍ଜିତା ସାହସିକ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ଏକ ବରଫବିହୀନ ରାଜ୍ୟରୁ ପ୍ରତିନିଧିତ୍ୱ କରିଥିଲେ ହେଁ ସେ ସମସ୍ତଙ୍କୁ ପ୍ରଭାବିତ କରି ପ୍ରଶଂସା ସାଉଁଟିଛନ୍ତି। ଇଣ୍ଡୋତିବ୍ବେତାନ ବର୍ଡର ପୋଲିସ (ଆଇଟିବିପି)ର କୋଚ୍ ତଥା ଅଲିମ୍ପିଆନ ନାନକ ଚାନ୍ଦ ଠାକୁର ଏବଂ ଆୟୋଜକ କମିଟି ସଦସ୍ୟ ଅଜୟ ଭଞ୍ଜ ରଞ୍ଜିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉତ୍ତରାଖଣ୍ଡ ହିମାଚଳ ପ୍ରଦେଶ, ଜମ୍ମୁକଶ୍ମୀର ଏବଂ ଆଇଟିବିପିର ଦକ୍ଷ ଖେଳାଳିଙ୍କ ସମକକ୍ଷ ପ୍ରଦର୍ଶନ କରିବା ସହଜ କାର୍ଯ୍ୟ ନୁହେଁ। ମାତ୍ର ରଞ୍ଜିତା ତାହା କରି ନିଜ ସାହସର ପରିଚୟ ଦେଇଛନ୍ତି। ଆଗାମୀ ଦିନରେ ଉନ୍ନତ ମାନର ଟ୍ରେନିଂ ନେଲେ ସେ ଆହୁରି ଭଲ ପ୍ରଦର୍ଶନ କରିପାରିବେ ବୋଲି ଅଜୟ ଭଞ୍ଜ ପ୍ରକାଶ କରିଛନ୍ତି। ଏଠାରେ ନିଜ ପ୍ରଦର୍ଶନରେ ସନ୍ତୁଷ୍ଟ ଥିଲେ ମଧ୍ୟ ରଞ୍ଜିତା ଉନ୍ନତ ମାନର ଟ୍ରେନିଂ ନେଲେ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ କରି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିପାରିବେ ବୋଲି କହିଛନ୍ତି। ଓଡ଼ିଶା ସ୍କି ଓ ସ୍ନୋବୋର୍ଡ ସଙ୍ଗଠନ ସଭାପତି ଓ ଅନ୍ୟ ସଦସ୍ୟମାନେ ରଞ୍ଜିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ପ୍ରତିଯୋଗିତାକୁ ଉତ୍ତରାଖଣ୍ଡ ମନ୍ତ୍ରୀ ସତ୍‌ପାଲ ମହାରାଜ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟ, ସେନା, ସିଆରପିଏଫ୍ ଏବଂ ଆଇଟିବିପିର ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି।



ଜାତୀୟ ସ୍କି ଚାମ୍ପିୟନଶିପ୍‌ରେ ଭାଗନେବା ଅବସରରେ ଓଡ଼ିଶାର ରଞ୍ଜିତା ବେହେରା।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 52 Years

ପୃଷ୍ଠା–୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୪/୨୦୨୬ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 14/2026 Page 16 ₹ 7.00 | DHENKANAL

୫୨ଶ ଭାଗ ୮୨ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 52 ISSUE 82 ମୂଲ୍ୟ ₹୭/-




ଢେଙ୍କାନାଳ ଜିଲା ସଦର ରେଞ୍ଜ ମୋଟଙ୍ଗା ଥାନା ୫୫ ନଂ. ଜାତୀୟ ରାଜପଥର ଚିନ୍ତାପୋଖରୀ ନିକଟରେ ଶୁକ୍ରବାର ସକାଳେ ୩୦ହାତୀ ରାଜପଥ ପାର ହେଉଛନ୍ତି।

# ହାସିନାଙ୍କ ପ୍ରତ୍ୟର୍ପଣ ଦାବିକଲା ବିଏନ୍‌ପି

**ବାଂଲାଦେଶ ନିର୍ବାଚନ**

- ୨୦ ବର୍ଷ ପରେ କ୍ଷମତାକୁ ଫେରିଲା ଖାଲେଦା ଜିଆଙ୍କ ଦଳ
- ଆଜି ପ୍ରଧାନମନ୍ତ୍ରୀ ରୂପେ ଶପଥ ନେବେ ତାରିକ୍ ରହମାନ

**ରାଜନୈତିକ ସଙ୍କଟ ଦେଇ ଗତି କରୁଥିବା ବାଂଲାଦେଶରେ ଦୀର୍ଘ ୨ ଦଶନ୍ଧିର ବ୍ୟବଧାନ ପରେ କ୍ଷମତାକୁ ଫେରିଛି ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି)। ଗୁରୁବାର ଅନୁଷ୍ଠିତ ତ୍ରୟୋଦଶ ସାଧାରଣ ନିର୍ବାଚନରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଖାଲେଦା ଜିଆଙ୍କ ବିଏନ୍‌ପି ଦୁଇ-ତୃତୀୟାଂଶରୁ ଅଧିକ ଆସନ ଦଖଲକରି ସରକାର ଗଠନ ଦିଗରେ ଅଗ୍ରସର ହୋଇଛି। ଏହି ଅଭୂତପୂର୍ବ ସଫଳତା ପରେ ଖାଲେଦାଙ୍କ ପୁଅ ତାରିକ୍ ରହମାନ ଶନିବାର ନୂଆ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେବାକୁ ଯାଉଥିବାବେଳେ ତାଙ୍କ ନେତୃତ୍ୱାଧୀନ ବିଏନ୍‌ପି ଭାରତ ଆଶ୍ରିତ ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ପ୍ରତ୍ୟର୍ପଣ ପାଇଁ ଦାବି କରିଛି। ତେଣୁ ଆଗକୁ ଭାରତ-ବାଂଲାଦେଶ ସମ୍ପର୍କ କେଉଁ ଆଡ଼କୁ ଗତି କରୁଛି ତା' ଉପରେ ସମସ୍ତଙ୍କ ନଜର।**

ଢାକା,୧୩।୨(ପି.ଟି./ଏଜେନ୍ସି)

୨୦୨୪ ଅଗଷ୍ଟରେ ବାଂଲାଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ବିରୋଧରେ ମୁଣ୍ଡ ଟେକିଥିବା ଛାତ୍ର ଆନ୍ଦୋଳନ ଶେଷରେ ତାଙ୍କୁ କ୍ଷମତାଚ୍ୟୁତ କରିଥିଲା। ଅଗଷ୍ଟ ୫ରେ ହାସିନା ଦେଶ ଛାଡ଼ି ଭାରତକୁ ପଳାୟନ କରି ନୂଆଦିଲ୍ଲୀର ଶରଣ ନେଇଥିଲେ। ୨୦୨୫ ନଭେମ୍ବରରେ ଢାକାସ୍ଥିତ ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ମାନବତା ବିରୋଧରେ ଅପରାଧ ଅଭିଯୋଗରେ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ଇତିମଧ୍ୟରେ ନୂଆଦିଲ୍ଲୀରେ ହାସିନାଙ୍କ ଅବସ୍ଥାନକୁ ୧୮ ମାସ ବିତିଯାଇଥିବାବେଳେ ଗୁରୁବାର ବାଂଲାଦେଶରେ ତ୍ରୟୋଦଶ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଛି। ଜାତୀୟ ସଂସଦର ୩୦୦ ଆସନ ମଧ୍ୟରୁ ୨୯୭ ଆସନ ପାଇଁ ଭୋଟ ଗ୍ରହଣ କରାଯାଇଥିବାବେଳେ ୨ଟି ଆସନରେ ନିର୍ବାଚନ ସ୍ଥଗିତ ରଖାଯାଇଥିଲା। ବାଂଲାଦେଶ ନିର୍ବାଚନ କମିଶନଙ୍କ ସୂତ୍ରରୁ ପ୍ରକାଶିତ ଫଳାଫଳ ଅନୁସାରେ ତାରିକ୍ ରହମାନ ନିର୍ବାଚନ



ତାରିକ୍ ରହମାନ

ଲଢ଼ିଥିବା ଉଭୟ ଚିଟ୍ଟାଗଙ୍ଗ-୨ ଓ ଚିଟ୍ଟାଗଙ୍ଗ-୪ ସଂସଦୀୟ ଆସନରେ ବିଜୟ ଲାଭ କରିଥିବାବେଳେ ତାଙ୍କ ନେତୃତ୍ୱାଧୀନ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି)କୁ ୨୧୨ ଆସନରେ ସଫଳତା ମିଳିଛି। ଇସ୍‌ଲାମାବାଦ୍‌ର ଘନିଷ୍ଠ କଟ୍ଟରପନ୍ଥୀ ଦଳ ଜାମିଆତ୍-ଇ-ଇସ୍‌ଲାମି ୭୫ ଆସନରେ ବିଜୟୀ ହୋଇଛି। ହାସିନାଙ୍କ ଦଳକୁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ବାସନ୍ଦ କରାଯାଇଥିଲା। ତାରିକ୍ ଶନିବାର ଦେଶର ନୂଆ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେବେ। ସେ ନୋବେଲ ବିଜେତା ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବେ। ୟୁନୁସ୍‌ଙ୍କ ଅମଳରେ ଢାକା ଓ ନୂଆଦିଲ୍ଲୀ ମଧ୍ୟରେ କୂଟନୈତିକ ସମ୍ପର୍କ ଅଧିକ ତିକ୍ତତାପୂର୍ଣ୍ଣ ହୋଇଯାଇଥିବାବେଳେ ବାଂଲାଦେଶ ନିର୍ବାଚନ ଉପରେ ଭାରତର ନଜର ରହିଥିଲା। ଫଳାଫଳ ଆସିବାରେ ଲାଗିଥିବାବେଳେ ବିଏନ୍‌ପିର ସଫଳତାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାରିକ୍‌ଙ୍କୁ ଫୋନ୍ କରି ଅଭିନନ୍ଦନ ଜଣାଇଛନ୍ତି। ଐତିହାସିକ ଓ ସାଂସ୍କୃତିକ ଭାବେ ପରସ୍ପର ସହ ଜଡ଼ିତ ଦୁଇ ପଡ଼ୋଶୀ ଦେଶ ଶାନ୍ତି, ପ୍ରଗତି ଓ ସୌହାର୍ଦ୍ଦ୍ୟ ଦିଗରେ ଅଗ୍ରସର ହେବେ ବୋଲି ପ୍ରଧାନମନ୍ତ୍ରୀ ଏକ ସୋସିଆଲ ମିଡିଆ ପୋଷ୍ଟରେ ଆଶାବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷେ ବିଏନ୍‌ପି ଭାରତରେ ଆଶ୍ରୟ ନେଇଥିବା ହାସିନାଙ୍କ ପ୍ରତ୍ୟର୍ପଣ ଦାବିକୁ ଦୋହରାଇଛି। ବରିଷ୍ଠ ବିଏନ୍‌ପି ନେତା ସଲାହୁଦ୍ଦିନ ଅହମଦ କହିଛନ୍ତି, ହାସିନାଙ୍କ ପ୍ରତ୍ୟର୍ପଣ ପାଇଁ ବହିର୍ବ୍ୟାପାର ମନ୍ତ୍ରୀ ଭାରତକୁ ଅନୁରୋଧ କରିସାରିଛନ୍ତି। ☞ପୃଷ୍ଠା-୭

# ସ୍ୱାମୀଙ୍କୁ ଫାଶୀ ଦଣ୍ଡାଦେଶ

ବାଲେଶ୍ୱର,୧୩।୨(ବାଞ୍ଛାନିଧି ଦେ)

**ଏସିଡ୍ ପକାଇ ଦ୍ୱିତୀୟ ସ୍ତ୍ରୀଙ୍କୁ ହତ୍ୟା ମାମଲା**

ଏସିଡ୍ ପକାଇ ଦ୍ୱିତୀୟ ସ୍ତ୍ରୀଙ୍କୁ ହତ୍ୟା ମାମଲାର ଶୁଣାଣି କରି ଶୁକ୍ରବାର ବାଲେଶ୍ୱର ସ୍ୱତନ୍ତ୍ର ଏସ୍‌ସି/ଏସ୍‌ଟି କୋର୍ଟ ଜଜ୍ ଅବଦୁଲ ସମିମ ଅକତର ଅଭିଯୁକ୍ତ ସ୍ୱାମୀ ଚନ୍ଦନ କୁମାର ରଣାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ଫାଶୀ ଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ନୟାପାଟଣା ଗ୍ରାମର ଚନ୍ଦନ କୁମାର ରଣା ଭୀମପୁରା ଅଞ୍ଚଳର ଏକ ଗହଣା ଦୋକାନରେ ସୁନାରି ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ତାଙ୍କର ବନିତାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହାପରେ ଉଭୟ ବିବାହ କରିଥିଲେ। ମାତ୍ର ପୂର୍ବରୁ ଚନ୍ଦନ ବିବାହିତ ଏବଂ ତାଙ୍କର ଦୁଇ ସନ୍ତାନ ରହିଥିବା ବିବାହ ପରେ ବନିତା ଜାଣିବାକୁ ପାଇଥିଲେ। ପରେ ସେମାନଙ୍କ ମଧ୍ୟରେ କଳହ ଦେଖାଦେଇଥିଲା। ବନିତା ବାପଘରକୁ ଆସିବା ସହ ଭୀମପୁରାରେ ଭଡ଼ା ନେଇ ରହୁଥିବା ବଡ଼ଭଉଣୀ ବର୍ଷାଙ୍କ ଘରେ ଆଶ୍ରୟ ନେଇଥିଲେ ଏବଂ ଥାନାରେ ଚନ୍ଦନଙ୍କ ବିରୋଧରେ ସେ ଏତଲା ଦେଇଥିଲେ। ଉଭୟ ଅଲଗା ରହିବା ନେଇ ଦୁଇ ପରିବାର ମଧ୍ୟରେ ବୁଝାମଣା ହୋଇଥିଲା। ଗତ ୨୦୨୩ ଫେବୃଆରୀ ୨୦ରେ ଚନ୍ଦନ ନିଜର ୬ଜଣ ସହଯୋଗୀଙ୍କ ସହ ଭୀମପୁରାସ୍ଥିତ ଭଡ଼ା ଘରେ ପହଞ୍ଚି ବନିତାଙ୍କୁ ନେବା ପାଇଁ ଜିଦ୍ ଧରିଥିଲେ। ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଚନ୍ଦନ ଉତ୍ତ୍ୟକ୍ତ ହୋଇ ସାଙ୍ଗରେ ଆଣିଥିବା ଏସିଡ୍ ବନିତାଙ୍କ ଉପରେ ପକାଇଥିଲେ। ଏଥିରେ ବନିତା, ବର୍ଷା ଏବଂ ବର୍ଷାଙ୍କ ପୁଅ ଓ ଝିଅଙ୍କ ଉପରେ ଏସିଡ୍ ପଡ଼ିବାରୁ ସମସ୍ତେ ☞ପୃଷ୍ଠା-୭




## ବାଇକ୍ ଧକ୍କାରେ ଜଣେ ମୃତ, ୧ ଗୁରୁତର

ଭୁବନ,ବିପିନ ସେଠୀ): ଢେଙ୍କାନାଳ ଜିଲା ଭୁବନ ଥାନା ସୁରପ୍ରତାପପୁର ଗ୍ରାମର ୩ ଜଣ ଯୁବକ ବାଇକ୍ ଯୋଗେ ଭୁବନରୁ ଫେରୁଥିବା ବେଳେ କୋର୍ଟ ଛକ ଜାତୀୟ ରାଜପଥ ୫୩ ଉପରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟାଇଥିଲେ। ବାଇକ୍‌ଟି ରୋଡ଼ ଡିଭାଇଡରରେ ପିଟି ହୋଇ ଖସିପଡ଼ିଥିଲା। ଘଟଣାସ୍ଥଳରେ ଅନ୍ୟ ଦୁଇଜଣ ଲିପୁ ମଲିକ (୨୪)ଙ୍କ ମୁହଁ ଓ ମୁଣ୍ଡରେ ଗଭୀର ଆହତ ଲାଗିଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟଜଣଙ୍କ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

# ସାଇବର ଠକଙ୍କ କବ୍‌ଜାରେ ବଲାଙ୍ଗୀରର ୯୯୨ ଆକାଉଣ୍ଟ

**ରାକେଟ୍‌ର ପର୍ଦ୍ଦାଫାଶ, ୨ ଗିରଫ**

- ପଶ୍ଚିମବଙ୍ଗର ସାଇବର ଠକଙ୍କ ନେଟ୍‌ୱର୍କ ଜରିଆରେ ଚାଲିଥିଲା ଆର୍ଥିକ ଶୋଷଣ
- ୨ ଆକାଉଣ୍ଟରେ ୫ କୋଟିର କାରବାର ହୋଇଛି: ଏସ୍‌ପି ଅଭିଲାଷ


ଗିରଫ ଦୁଇ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।


ଜବତ ହୋଇଥିବା ଦୁଇ ବାଇକ୍ ଓ କାର୍ ।

ବଲାଙ୍ଗୀର,୧୩।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସାଇବର ଥାନା ପୋଲିସ ଏକ ଆନ୍ତଃରାଜ୍ୟ ସାଇବର ଠକେଇ ରାକେଟର ପର୍ଦ୍ଦାଫାଶ କରିଛି। ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି ଶୁକ୍ରବାର ସ୍ଥାନୀୟ ସାଇବର ଥାନା ପରିସରରେ ଖବରଦାତା ସମ୍ମିଳନୀ କରି ଏହି ରାକେଟ୍ ସମ୍ପର୍କରେ ସୂଚନା ଦେଇଛନ୍ତି। ପଶ୍ଚିମବଙ୍ଗରୁ ପରିଚାଳିତ ଏହି ଘଟଣାରେ ବଲାଙ୍ଗୀର ଜିଲାର ଦୁଇ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବଲାଙ୍ଗୀର ସଦର ଥାନା ରୁଡାପାଲି ଗାଁର ଦେବାଶିଷ କାନ୍ତି (୩୧) ଓ ସୌମ୍ୟ ରଞ୍ଜନ କବାଟ (୨୧)। ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ସାଇବର ଥାନା ପୋଲିସ ୨୯ଟି ବ୍ୟାଙ୍କ ପାସ୍‌ବୁକ୍, ୧୫ଟି ଚେକ୍‌ବୁକ୍, ୧୦ଟି ଡେବିଟ୍ କାର୍ଡ, ଗୋଟିଏ ସ୍ୱାଇପ୍ ବା ପିଓଏସ୍ ମେଶିନ, ୮ଟି ମୋବାଇଲ ଫୋନ, ୫ଟି ସିମ୍‌କାର୍ଡ, ଦୁଇଟି ଦାମୀ ବାଇକ୍ ଏବଂ ଗୋଟିଏ କାର୍ ଜବତ କରାଯାଇଛି। ଯାବତ୍ କେବଳ ବଲାଙ୍ଗୀର ଜିଲାରେ ୯୯୨ଟି ମ୍ୟୁଲ୍ ଆକାଉଣ୍ଟ ଚିହ୍ନଟ ହୋଇଥିବା ଏସ୍‌ପି ଅଭିଲାଷ ସୂଚନା ଦେଇଛନ୍ତି।

ଏସ୍‌ପି ସୂଚନା ଦେଇଛନ୍ତି ଯେ, ସାଇବର ଅପରାଧୀମାନେ ସ୍ଥାନୀୟ ଏଜେଣ୍ଟ ଜରିଆରେ ନିରୀହ ଏବଂ ସାଧାରଣ ଲୋକଙ୍କୁ ଅଳ୍ପ ଟଙ୍କା (୨ରୁ ୫ ହଜାର)ଦେଇ ବିଭିନ୍ନ ବ୍ୟାଙ୍କରେ ସେମାନଙ୍କର ଆକାଉଣ୍ଟ ଖୋଲୁଥିଲେ। ଯେଉଁମାନଙ୍କ ନାଁରେ ଆକାଉଣ୍ଟ ଖୋଲୁଥିଲେ ତାଙ୍କ ପାସ୍‌ବୁକ୍, ଏଟିଏମ୍ କାର୍ଡ ଏବଂ ବ୍ୟାଙ୍କ ଲିଙ୍କ୍ ମୋବାଇଲ ସିମ୍‌କୁ ନେଇଯାଇ ସେଥିରେ ସାଇବର ଠକେଇରୁ ଲବ୍ଧ ବହୁ କୋଟି ଟଙ୍କା ନେଣଦେଣ କରୁଥିଲେ। ଗିରଫ ୨ ଅଭିଯୁକ୍ତ ପଶ୍ଚିମବଙ୍ଗର ସାଇବର ଠକେଇ ରାକେଟ୍‌ର ସ୍ଥାନୀୟ ଏଜେଣ୍ଟ ଥିଲେ। ଉଭୟ ବଲାଙ୍ଗୀର ସଦର ଥାନା, ଟାଉନ ଥାନା ଏବଂ ଲୋଇସିଂହା ଥାନା ଅଞ୍ଚଳର ୩ ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ଯୋଗାଯୋଗ କରି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଡିଟେଲ୍ସ ନେଇ ସାଇବର ଠକଙ୍କୁ ଦେଇଥିଲେ। ପଶ୍ଚିମବଙ୍ଗରୁ ବଲାଙ୍ଗୀର ଆସି ସାଇବର ଠକମାନେ ଏଠାରେ ସ୍ଥାନୀୟ ଏଜେଣ୍ଟ ନିଯୁକ୍ତି କରି ସେମାନଙ୍କ ଜରିଆରେ ଜିଲାର ୧ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଡିଟେଲ୍ସ, ପାସ୍‌ବୁକ୍ ଏବଂ ମୋବାଇଲ ସିମ୍ ନେଇଥିବା ଜଣାପଡ଼ିଛି। ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେଶନ ସେଣ୍ଟର (ଆଇ୪ସି)ର ସୂଚନା ଆଧାରରେ ବିଭିନ୍ନ ବ୍ୟାଙ୍କର ମ୍ୟୁଲ୍ ଆକାଉଣ୍ଟଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ରୁଡାପାଲି ଅଞ୍ଚଳର ଦୁଇଟି ଆକାଉଣ୍ଟରେ ଗତ ୬ ମାସ ମଧ୍ୟରେ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ନେଣଦେଣ ହୋଇଥିବା ଜଣାପଡ଼ିଥିଲା। ଉକ୍ତ ସନ୍ଦିଗ୍ଧ ଆକାଉଣ୍ଟର କେୱାଇସି ଯାଞ୍ଚ କରାଯିବାରୁ ଯାହାଙ୍କ ନାଁରେ ଆକାଉଣ୍ଟ ଥିଲା ତାଙ୍କ ସୂଚନା ମିଳିଥିଲା। ତେବେ ସମ୍ପୃକ୍ତ ଆକାଉଣ୍ଟ ଥିବା ବ୍ୟକ୍ତି ତାଙ୍କ ଆକାଉଣ୍ଟରେ ଏତେ ପରିମାଣର ଟଙ୍କା ନେଣଦେଣ ସମ୍ପର୍କରେ କିଛି ଜାଣି ନ ଥିବା କହିଥିଲେ। ସାଇବର ପୋଲିସ ଅଧିକ ତଦନ୍ତ କରିବାରୁ ଦୁଇ ଅଭିଯୁକ୍ତଙ୍କ ସମ୍ପୃକ୍ତି ଜଣାପଡିଥିଲା। ମାତ୍ର ୨ ହଜାର ଟଙ୍କା ଦେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅଭିଯୁକ୍ତ ସାଇବର ଠକମାନେ ୫ କୋଟିରୁ ଅଧିକ ଟଙ୍କା ନେଣଦେଣ କରିଥିବା ଜଣାପଡ଼ିଥିଲା। ଅଭିଯୁକ୍ତ ଦେବାଶିଷ ଏବଂ ସୌମ୍ୟ ୩୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଆକାଉଣ୍ଟ ଡିଟେଲ୍ସ ସାଇବର ଠକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଅନ୍ୟ ଆକାଉଣ୍ଟଗୁଡ଼ିକର ତଦନ୍ତ ଆରମ୍ଭ ହୋଇଛି ଏବଂ ଖୁବ୍‌ଶୀଘ୍ର ବାସ୍ତବରେ ସାଇବର ଠକମାନେ କେତେ କୋଟି ଟଙ୍କାର କାରସାଦି କରିଛନ୍ତି ଜଣାପଡ଼ିବ ବୋଲି ଏସ୍‌ପି କହିଛନ୍ତି। ମ୍ୟୁଲ୍ ଆକାଉଣ୍ଟରୁ ବହୁ କୋଟି ଟଙ୍କାର ସାଇବର ଠକେଇରେ ଅନେକ ଲୋକ ଶିକାର ହୋଇଥିବା ଅନୁମାନ କରାଯାଉଛି। ପଶ୍ଚିମବଙ୍ଗର ସାଇବର ଠକ ଏବଂ ଜିଲାରେ ସକ୍ରିୟ ଥିବା ଅନ୍ୟ ଏଜେଣ୍ଟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସକାଶେ ପଦକ୍ଷେପ ନିଆଯାଉଛି ବୋଲି ଏସ୍‌ପି ଅଭିଲାଷ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଓ ସାଇବର ଥାନା ଆଇଆଇସି ଭାରତୀ ନାଏକ ଉପସ୍ଥିତ ଥିଲେ।

# ଯୁବକଙ୍କ ରକ୍ତାକ୍ତ ମୃତଦେହ ଜବତ, ହତ୍ୟା ସନ୍ଦେହ

ଛେଣ୍ଡିପଦା,୧୩।୨(ଅଜିତ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଭେଜିଡିହ ଗାଁ ନିକଟସ୍ଥ ଜାତୀୟ ରାଜପଥ ନଂ. ୧୫୩ ପାର୍ଶ୍ୱରୁ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଶୁକ୍ରବାର ରାତିରେ ପୋଲିସ ଜବତ କରିଛି। ମୃତକ ହେଲେ ବାଗଡ଼ିଆ ଗାଁର ତୁଷାରକାନ୍ତ ଦେହୁରୀ। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ କେହି ଛୁରି ଭୁଷି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ସୂଚନା ଅନୁସାରେ, ଜାତୀୟ ରାଜପଥ ପାର୍ଶ୍ୱରେ ମୃତଦେହ ପଡ଼ିଥିବା ଦେଖି କେତେଜଣ ଲୋକ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଜଣାଇଥିଲେ। ଖବରପାଇ ବାଗଡିଆ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ତୁଷାରଙ୍କ ପେଟ ଓ ମୁହଁରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅଧିକ ତଦନ୍ତ ପାଇଁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତା ନିଆଯିବ ବୋଲି ବାଗଡିଆ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ୧୭ଟନ୍ ଲୁହା ପ୍ଲେଟ୍ ସହ ହାଇୱା ଜବତ, ଚାଳକ ଗିରଫ

ଛେଣ୍ଡିପଦା,୧୩।୨(ଅଜିତ ଧଳ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଜାମୁଣ୍ଡା ଜଙ୍ଗଲ ଗାଁ ନିକଟରୁ ପୋଲିସ ୧୭ଟନ୍ ଲୁହା ପ୍ଲେଟ ସହିତ ଏକ ହାଇୱା ଜବତ କରିଛି। ଏଥିସହ ଚାଳକ ଗୋପାଳପ୍ରସାଦ ଥାନା ଡଅଁରା ଗ୍ରାମର ଲିଟୁ ଗୋଛାୟତ (୩୨)ଙ୍କୁ ଗିରଫ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଏକ ପ୍ଲାଣ୍ଟରୁ ମାଟି ବୋଝେଇ ହାଇୱାରେ ଚୋରା ଆଇରନ ପ୍ଲେଟ୍ ଆସୁଥିବା ବିଶ୍ୱସ୍ତସୂତ୍ରରୁ ଖବର ମିଳିଥିଲା। ଏହାପରେ ପୋଲିସ ଯାଞ୍ଚ କରି ଗାଡ଼ି ଓ ଲୁହାପ୍ଲେଟ ଜବତ ସହିତ ଚାଳକଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ନଂ. ୪୮/୨୬ରେ ଏକ ମାମଲା ରୁଜୁ କରିଛି।

# ବନ୍ଧୁକ ଦେଖାଇ ଟଙ୍କା ଲୁଟ୍ ଅଭିଯୋଗ

ବଇଣ୍ଡା,୧୩।୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା ବଇସିଣା ନିକଟ ଦେଶୀ ମଦ ଦୋକାନରୁ କେତେଜଣ ମୁଖାପିନ୍ଧା ଦୁର୍ବୃତ୍ତ ମ୍ୟାନେଜର ଓ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇବା ସହ ମାଡ଼ ମାରି ୧୩ ହଜାର ଟଙ୍କା, ୨ଟି ମୋବାଇଲ, ଏକ ବାଇକ୍, କିଛି ପାଉଚ ମଦ ନେଇଯାଇଥିବା ଦୋକାନ ମ୍ୟାନେଜର ବିହାର ଅଞ୍ଚଳ ବିକାଶ କୁମାର ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୫୩/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ବିକାଶ ଓ ସହଯୋଗୀ ବଇସିଣା ଗ୍ରାମର ପ୍ରେମାନନ୍ଦ ସାହୁଙ୍କୁ ଦୁର୍ବୃତ୍ତମାନେ ମାଡ଼ ମାରିଥିଲେ। ପରେ ଲୁଟ୍ କରିବା ସହ ଅଞ୍ଚଳରୁ ପଳାଇବା ପାଇଁ ଧମକ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

# ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଉଦ୍ୟମ

ବଅଁରପାଳ,୧୩।୨(ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ଥାନା ଗୋତମରା ଗ୍ରାମର ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଉଦ୍ୟମ ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗୋତମରା ଗ୍ରାମର ଜଣେ ମହିଳାଙ୍କ ସହ ତାଙ୍କ ଶ୍ୱଶୁର ବିଦେଶୀ ନାଏକ, ନଣନ୍ଦ ବିନତି ନାଏକ ଓ ରୀନା ନାଏକ ମିଶି ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ। ଶ୍ୱଶୁର ଏକ ଲୁହା ଛଡ଼ରେ ଆକ୍ରମଣ କରିଥିଲେ। ସେ ଓ ତାଙ୍କ ସ୍ୱାମୀ ଏହାର ପ୍ରତିବାଦ କରିବା ସହ ଥାନାର ଦ୍ୱାରସ୍ଥ ହୋଇଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏ ନେଇ ଏକ ମାମଲା ନଂ. ୭୧/୨୬ ରୁଜୁ ସହ ଥାନା ଅଧିକାରୀ ମନୋଜ ମିଶ୍ର ଘଟଣାର ତଦନ୍ତ କରୁଛନ୍ତି।

# ମଦ ଜବତ, ଜଣେ ଗିରଫ

ସନ୍ତ୍ରୀଛକ,୧୩।୨(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ନୂତନ ସନ୍ତ୍ରୀ ବାଇପାସ ଓଭରବ୍ରିଜ୍ ନିକଟରୁ ଶୁକ୍ରବାର ସନ୍ଧ୍ୟାରେ ବିଦେଶୀ ମଦ ନେଇ ଯାଇଥିବା ଚନ୍ଦନ ଅମାନ୍ତ(୩୫)ଙ୍କୁ ବଅଁରପାଳ ପୋଲିସ ଗିରଫ କରିଛି। ତାଙ୍କ ଠାରୁ ୧୨ଲିଟର ବିଦେଶୀ ମଦ ଜବତ କରାଯାଇଛି। ମାମଲା ରୁଜୁ ସହ ତଦନ୍ତ ଚାଲିଥିବା ଏସ୍‌ଆଇ କମଳାକ୍ଷ ନାୟକ ସୂଚନା ଦେଇଛନ୍ତି।

# ପୂର୍ବ ଶତ୍ରୁତାରୁ ଛୁରାମାଡ଼, ଯୁବକ ଗୁରୁତର

ଭୁବନ, ୧୩।୨
(ବିପିନ ସେଠୀ):

ଢେଙ୍କାନାଳ ଜିଲା ଭୁବନ ଥାନା ରୋଢ଼ଙ୍ଗ ଗ୍ରାମର ଚନ୍ଦନ ମଲିକ (୧୯)ଙ୍କୁ ସେହି ଗ୍ରାମର କେତେଜଣ ଯୁବକ ପୂର୍ବ ଶତ୍ରୁତାକୁ ନେଇ ଏକ ଛୁରିରେ ତାଙ୍କ ପେଟକୁ ଭୁସି ଦେଇଥିଲେ। ଚନ୍ଦନ ନିଜର କାମ ସାରି ଭୁବନରୁ ଘରକୁ ଫେରୁଥିବା ବେଳେ ବଡ଼ରଗଡ଼ି ନିକଟରେ ଏକ ବୋଲେରୋରୁ ଯୁବକମାନେ ଓହ୍ଲାଇ ତାଙ୍କୁ ମାଡ଼ ମାରିବା ସହ ଛୁରି ଭୁସି ଦେଇଥିଲେ। ଚନ୍ଦନ ଦୌଡ଼ି ରଗଡ଼ି ନାଳରେ ପଶି ଜୀବନ ରକ୍ଷା କରିବା ପାଇଁ ମଣିପୁର ନିକଟସ୍ଥ ଆଦର୍ଶ ବିଦ୍ୟାଳୟ ନିକଟକୁ ପଳାଇଯାଇଥିଲେ। ସେଠାରେ ଅଚେତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ଚନ୍ଦନଙ୍କୁ ଚେତା କରିବା ପରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଆସି ଚନ୍ଦନଙ୍କୁ ଭୁବନରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତ କରାଯାଇଛି। ଭୁବନ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ୫୦ କି.ଗ୍ରା. ନକଲି ଜର୍ଦ୍ଦା ଜବତ, ଜଣେ ଗିରଫ

ଭଦ୍ରକ,୧୩।୨(ସନାତନ ରାଉତ)

ଭଦ୍ରକ ପୁରୁଣାବଜାର ଥାନା ଅଧୀନ କାଜିମହଲାରେ ଶୁକ୍ରବାର ଟାଉନ ପୋଲିସ ଚଢ଼ାଉ କରି ୫୦ କି.ଗ୍ରା. ନକଲି ଜର୍ଦ୍ଦା ଜବତ କରିଛି। ଏନେଇ ଏକ ମାମଲା (ନଂ.୧୨୫/୨୬) ରୁଜୁ କରାଯାଇ ଉକ୍ତ ଗ୍ରାମର ରାଜା ଓଲ୍ ହକ୍ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବସ୍ ଯୋଗେ ମୟୂରଭଞ୍ଜ ଜିଲାର ବାରିପଦାକୁ ପଠାଇବା ପାଇଁ ରାଜା ମଧ୍ୟାହ୍ନରେ ଏକ ସ୍କୁଟିରେ ଜର୍ଦ୍ଦା ବୋଝେଇ ଏକ ବସ୍ତା ନେଇ ଭଦ୍ରକ ସହର ବସ୍‌ଷ୍ଟାଣ୍ଡକୁ ଯାଉଥିଲେ। କୌଣସି ସୂତ୍ରରୁ ଖବର ପାଇ ଟାଉନ ଥାନାର ପାଟ୍ରୋଲିଂ ପୋଲିସ ଉକ୍ତ ଜର୍ଦ୍ଦା ବସ୍ତା ଜବତ କରିଥିଲା। ଯାଞ୍ଚ କରିବା ପରେ ଏହା ନକଲି ଜର୍ଦ୍ଦା ବୋଲି ଜଣାପଡ଼ିଥିଲା। ପରେ କାଜିମହଲାସ୍ଥିତ ତାଙ୍କ ଘରେ ଟାଉନ ପୋଲିସ ଚଢ଼ାଉ କରିଥିଲା। ବିଭିନ୍ନ ବ୍ରାଣ୍ଡର ଲୋଗୋ, ରାସାୟନିକ ସାମଗ୍ରୀ, ପ୍ୟାକିଂ ମେଶିନ, ସିଲ୍ ମେଶିନ ସହ ନକଲି ଜର୍ଦ୍ଦା ବାହାରିଥିଲା। ଜବତ ଜର୍ଦ୍ଦାର ମୂଲ୍ୟ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ। ପୋଲିସ ଏସବୁ ଜବତ କରି ଥାନାକୁ ନେଇଛି।


ଜବତ ନକଲି ଜର୍ଦ୍ଦା ସହ ଗିରଫ ରାଜା ଓଲ୍ ହକ୍।

## Business

# ତନିସ୍କ ପକ୍ଷରୁ ପ୍ରାକୃତିକ ହୀରା ପ୍ରଦର୍ଶନୀ

ଭୁବନେଶ୍ୱର,୧୩।୨(ଅନୁରାଧା ମହାରଣା)

ତନିସ୍କ ପକ୍ଷରୁ ଭୁବନେଶ୍ୱରର ହୋଟେଲ ଲାଇଫ୍‌ରେ ପ୍ରାକୃତିକ ହୀରା ଗହଣା ପ୍ରଦର୍ଶନୀ ଶୁକ୍ରବାର ଆରମ୍ଭ ହୋଇଛି। ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ଏକ ହୀରା ସମ୍ବନ୍ଧୀୟ ଅଧିବେଶନ ଅନୁଷ୍ଠିତ ହେଉଛି। ଏହି ଅଧିବେଶନରେ ଡି ବିୟର୍ସ ସହଯୋଗରେ ବିକଶିତ ହାଇ-ଟେକ ଡାଇମଣ୍ଡ କ୍ୱାଲିଟି ଡିଟେକ୍ଟର ଯନ୍ତ୍ର ଯଥା ଲାଇଟ ସ୍କୋପ ଓ ସିନ୍ଥ ଡିଟେକ୍ଟର ପ୍ରଦର୍ଶନ କରାଯାଉଛି। ଲାଇଟ ସ୍କୋପ୍ ହୀରାର ଆଲୋକ ପ୍ରଦର୍ଶନକୁ ମାପି ଦେଖାଇବା ସହ ସିନ୍ଥ ଡିଟେକ୍ଟର ପ୍ରାକୃତିକ ହୀରାକୁ ସିନ୍ଥେଟିକ ବିକଳ୍ପରୁ ପୃଥକ୍ କରିବ। ଏହା ଦ୍ୱାରା ଗ୍ରାହକମାନେ ନିଜେ ହୀରାର ପ୍ରାମାଣିକତା ଓ ଗୁଣବତ୍ତା ଯାଞ୍ଚ କରିପାରିବେ। ପ୍ରଦର୍ଶନୀରେ ପ୍ରାକୃତିକ ହୀରା ଆଭୂଷଣର ଶ୍ରେଷ୍ଠ ନମୁନା ପ୍ରଦର୍ଶନ କରାଯାଉଛି। ଏଥିରେ ତନିସ୍କର ଚାରୋଟି ସ୍ୱତନ୍ତ୍ର କଲେକ୍ସନ ରେଡିଆନ୍ସ ଇନ୍ ରିଦମ, ଏଲାନ, ଅନ୍‌ବାଉଣ୍ଡ ପ୍ରଦର୍ଶିତ ହେଉଥିବା ତନିସ୍କର ଏବିଏମ୍ କୌଶିକ୍ ବାନାର୍ଜୀ ସୂଚନା ଦେଇଛନ୍ତି। ଏହି ଅବସରରେ ତନିସ୍କ ଓଡ଼ିଶା ଓ ଉତ୍ତର-ପୂର୍ବ ସର୍କଲ ବିଜ୍‌ନେସ୍ ମ୍ୟାନେଜର ଅରିନ୍ଦମ ପ୍ରମାଣିକ କହିଛନ୍ତି, ଆମେ ଭୁବନେଶ୍ୱରରେ ଆମର ନୂତନ ପ୍ରାକୃତିକ ହୀରା ସଂଗ୍ରହକୁ ଏହି ବିଶେଷ ପ୍ରଦର୍ଶନୀ ମାଧ୍ୟମରେ ଲୋକଲୋଚନକୁ ଆଣି ଆନନ୍ଦିତ। ଭୁବନେଶ୍ୱର ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଏବଂ ଗ୍ରାହକମାନଙ୍କ ଆଗ୍ରହ ମଧ୍ୟ ଦେଖିବାକୁ ମିଳୁଛି।


ପ୍ରାକୃତିକ ହୀରା ଗହଣା ପ୍ରଦର୍ଶନୀରେ ତନିସ୍କର ଏବିଏମ୍ କୌଶିକ୍ ବାନାର୍ଜୀ, ବିଜିନେଶ୍ ଆସୋସିଏଟ୍ ମାଣିକ ହଂସ, ବିଜ୍‌ନେସ୍ ମ୍ୟାନେଜର ଅରିନ୍ଦମ ପ୍ରମାଣିକ ଓ ଏବିଏମ୍ ବୃନ୍ଦାଦିତ୍ୟ ଭଟ୍ଟାଚାର୍ଯ୍ୟ ଉପସ୍ଥିତ ଅଛନ୍ତି। (ଫଟୋ- ବିକାଶ ନାୟକ)

# ଆଇଓସିଏଲ୍‌ର 'କ୍ଲିନ୍ ଆଣ୍ଡ କେୟାର ଚ୍ୟାଲେଞ୍ଜ' ଅଭିଯାନ



ଭୁବନେଶ୍ୱର,୧୩।୨(ଅନୁରାଧା ମହାରଣା)

ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ଓଡ଼ିଶାର ସମସ୍ତ ରିଟେଲ ଆଉଟ୍‌ଲେଟ୍‌ରେ ଫ୍ରି ଏୟାର, ବିଶୁଦ୍ଧ ପାନୀୟ ଜଳ ସହ ସ୍ୱଚ୍ଛ ଶୌଚାଳୟ ସେବା ପାଇପାରିବେ। ଏଥିପାଇଁ 'କ୍ଲିନ୍ ଆଣ୍ଡ କେୟାର ଚ୍ୟାଲେଞ୍ଜ' ଅଭିଯାନର ଶୁଭାରମ୍ଭ ହୋଇଛି। ଗ୍ରାହକମାନେ ପେଟ୍ରୋଲ ପମ୍ପରେ ଉପଲବ୍ଧ କ୍ୟୁଆର୍ କୋଡ୍ ସ୍କାନ୍ କରି ନିଜର ମତାମତ ଦେଇପାରିବେ। ଆଇଓସିଏଲ୍ କମିଟି ପକ୍ଷରୁ ସେହି ମତାମତଗୁଡ଼ିକର ଯାଞ୍ଚ କରାଯିବା ସହ ଯେଉଁଠି ସୁଧାରର ଆବଶ୍ୟକତା ଚିହ୍ନଟ ହେବ, ସେଠାରେ ମତାମତ ପ୍ରଦାନ କରିଥିବା ଗ୍ରାହକମାନଙ୍କୁ ପୁରସ୍କାର ସ୍ୱରୂପ ୧୦୦ ଟଙ୍କା ମୂଲ୍ୟର 'ଏକ୍ସଟ୍ରାରିୱାର୍ଡ ପଏଣ୍ଟ' ପ୍ରଦାନ କରାଯିବ। ଏହି ପଏଣ୍ଟ ମାଧ୍ୟମରେ ସେମାନେ ପେଟ୍ରୋଲ ଓ ଡିଜେଲ କ୍ରୟ କରିପାରିବେ। ଭୁବନେଶ୍ୱର ଆଇଓସିଏଲ୍‌ର ମାର୍କେଟିଂ ନିର୍ଦ୍ଦେଶକ ସୌମିତ୍ର ପ୍ରିୟ ଶ୍ରୀବାସ୍ତବ ଅଭିଯାନର ଶୁଭାରମ୍ଭ କରିଥିବାବେଳେ ଆଇଓସିଏଲ୍‌ର ସିଜିଏମ୍ ଏବଂ ରାଜ୍ୟ ମୁଖ୍ୟ କମଳ ଶୀଲ, ସିଜିଏମ୍ (ଆର୍‌ଏସ୍) ରୋହିତ କୁମାର, ଡିଆର୍‌ଏସ୍‌ଏଚ୍ ବିଶାଳ ଗର୍ଗ, ଭୁବନେଶ୍ୱର ଡିଓ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଏହି ଅଭିଯାନ ଓଡ଼ିଶାର ୫ଟି ସହରରେ ପରୀକ୍ଷଣ କରାଯାଇଥିଲା। ବର୍ତ୍ତମାନ ଏହାକୁ ରାଜ୍ୟର ପ୍ରାୟ ୧୩୦୦ଟି ଆଇଓସିଏଲ୍ ପେଟ୍ରୋଲ ପମ୍ପରେ ବିସ୍ତାର କରାଯାଇଛି। ଏହି ବାର୍ତ୍ତାର ପ୍ରଚାର ପାଇଁ ଏକ ବାଇକ୍ ରାଲି କରାଯାଥିଲା। ଫୋରକୋର୍ଟରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଗ୍ରାହକ ଆଟେଣ୍ଡାଣ୍ଟ (ସିଏ)ମାନଙ୍କୁ ସମ୍ମାନିତ କରାଯାଇଥିଲା।

# ଓଡ଼ିଶା ମେଡିକାଲ ଏକ୍ସପୋ ଉଦ୍‌ଘାଟିତ



**ଶିରା ଚିହ୍ନଟ କରୁଛି ଅତ୍ୟାଧୁନିକ ଯନ୍ତ୍ରାଂଶ**

ଭୁବନେଶ୍ୱର,୧୩।୨(ଅନୁରାଧା ମହାରଣା)

ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ 'ଓଡ଼ିଶା ମେଡିକାଲ ଡିଭାଇସ୍ ଏକ୍ସପୋ-୨୦୨୬'ର ପଞ୍ଚମ ସଂସ୍କରଣ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ଡାକ୍ତର, ମେଡିକାଲ ଇଞ୍ଜିନିୟର ଏବଂ ନୀତି ନିର୍ଦ୍ଧାରକମାନେ ଏକାଠି ହୋଇ ନୂତନ ଜ୍ଞାନକୌଶଳ ଉପରେ ଚର୍ଚ୍ଚା କରୁଛନ୍ତି। ପ୍ରଦର୍ଶନୀର ୬ ନଂ. ଷ୍ଟଲ୍‌ରେ ଅପ୍ଟୋ-ସେମିକଣ୍ଡକ୍ଟର, ଉନ୍ନତ ଇଲେକ୍ଟ୍ରୋନିକ୍ସ ଏବଂ ସମନ୍ୱିତ ପ୍ରଯୁକ୍ତି ଉତ୍ପାଦର ନିର୍ମାତା ପଲିମାଟେକ୍ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ପକ୍ଷରୁ ଦେଶର ପ୍ରଥମ ସମ୍ପୂର୍ଣ୍ଣ ସ୍ୱଦେଶୀ ଶିରା ଚିହ୍ନଟ ମେଶିନ ପ୍ରଦର୍ଶନ କରାଯାଇଛି। ପଲିମାଟେକ୍ ଶିରା ଫାଇଣ୍ଡର ହେଉଛି ଏହି ବର୍ଗରେ ପ୍ରଥମ ଭାରତ ନିର୍ମିତ ଯନ୍ତ୍ରାଂଶ ଯାହା ପ୍ରମୁଖ ଘରୋଇ ଏବଂ ଅନ୍ତର୍ଜାତୀୟ ନିୟାମକ ମାନଦଣ୍ଡ ପୂରଣ କରିଛି। ଏହି ସିଷ୍ଟମକୁ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ (ସିଡିଏସ୍‌ସିଓ) ଦ୍ୱାରା ଏକ ଶ୍ରେଣୀ ଏହି ଚିକିତ୍ସା ଉପକରଣ ଭାବରେ ପଞ୍ଜୀକୃତ କରାଯାଇଛି, ଯାହା ଭାରତର ସ୍ୱଦେଶୀ ଚିକିତ୍ସା ଉପକରଣ ଇକୋସିଷ୍ଟମରେ ଏକ ପ୍ରମୁଖ ମାଇଲଖୁଣ୍ଟ। ଏହା ସହ ଉକ୍ତ ଉପକରଣଟି ଯୁକ୍ତରାଷ୍ଟ୍ର ଖାଦ୍ୟ ଏବଂ ଔଷଧ ପ୍ରଶାସନ ସହ ପଞ୍ଜୀକୃତ ହୋଇଛି ଏବଂ ଇୟୁ ଲୋ ଭୋଲ୍‌ଟେଜ ନିର୍ଦ୍ଦେଶନାମା ଅଧୀନରେ ସିଇକୁ ଏହା ଅନୁପାଳନକରେ। ପଲିମାଟେକ୍ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଈଶ୍ୱରା ରାଓ ନନ୍ଦମ କହିଛନ୍ତି, ଏହି ଉପକରଣ ଜରୁରିକାଳୀନ ବିଭାଗ, ଶିଶୁ ଚିକିତ୍ସା, ଡାଏଲିସିସ୍ କେନ୍ଦ୍ର, ଅଙ୍କୋଲୋଜି ୟୁନିଟ୍ ରୋଗୀ ଗୋଷ୍ଠୀ ସମେତ ବିଭିନ୍ନ କ୍ଲିନିକାଲ ପରିବେଶ ପାଇଁ ଉପଯୁକ୍ତ।

# ମାଲାବାରର ଜେମ୍ ଷ୍ଟୋନ୍ ଜୁଏଲେରି ଫେଷ୍ଟିଭାଲ


ଭୁବନେଶ୍ୱର ଶହୀଦନଗରସ୍ଥିତ ଷ୍ଟୋରରେ ଜେମ୍ ଷ୍ଟୋନ୍ ଜୁଏଲେରି ଫେଷ୍ଟିଭାଲର ଶୁଭାରମ୍ଭ ଅବସରରେ ଷ୍ଟୋରର ଅଧିକାରୀ କର୍ମଚାରୀ ଓ ମଡେଲମାନେ ଉପସ୍ଥିତ ଅଛନ୍ତି। (ଫଟୋ- ବିକାଶ ନାୟକ)


କଟକ କ୍ୟାଣ୍ଟେନମେଣ୍ଟରୋଡସ୍ଥିତ ଷ୍ଟୋରରେ ଡା. ତନ୍ମିନୀ ଦାସ ଓ ଅନ୍ୟମାନେ ଜେମ୍ ଷ୍ଟୋନ୍ ଜୁଏଲେରି ଫେଷ୍ଟିଭାଲର ଶୁଭାରମ୍ଭ ଅବସରରେ ଉପସ୍ଥିତ ଅଛନ୍ତି। (ଫଟୋ- ରାଜକିଶୋର ମହାନ୍ତି)

ଭୁବନେଶ୍ୱର,୧୩।୨(ଅନୁରାଧା ମହାରଣା)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଜେମ୍ ଷ୍ଟୋନ୍ ଜୁଏଲେରି ଫେଷ୍ଟିଭାଲର ଶୁଭାରମ୍ଭ ହୋଇଛି। ଏନେଇ ଶୁକ୍ରବାର ଭୁବନେଶ୍ୱର ଶହୀଦନଗରସ୍ଥିତ ଷ୍ଟୋର ଏବଂ କଟକ କ୍ୟାଣ୍ଟେନମେଣ୍ଟରୋଡସ୍ଥିତ ଷ୍ଟୋରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜେମ୍‌ଷ୍ଟୋନ୍ ଓ ଅନ୍‌କଟ୍ ଜୁଏଲେରି ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ଏବଂ ପୋଲକି ଜୁଏଲେରିର ଷ୍ଟୋନ୍ ଭାଲ୍ୟୁ ଉପରେ ୩୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ଏହି ଅଫର ସହ ଏରା, ପ୍ରସିଆ ଏବଂ ବିରାଜ ଭଳି କଲେକ୍ସନ ମଧ୍ୟ ଉପଲବ୍ଧ କରାଯାଇଛି। ଏହି ଅଫର ମାର୍ଚ୍ଚ ୮ ପର୍ଯ୍ୟନ୍ତ ବୈଧ ରହିବ। ଷ୍ଟୋର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଗ୍ରାହକମାନେ ଷ୍ଟୋରରେ ଉପଲବ୍ଧ କୌଣସି ଗହଣାର ମୂଲ୍ୟର ୩୦% ଦେଇ ଏହାର ବୁକିଂ କରିବେ। ବୁକିଂ କରିବା ଦିନ କ୍ରୟ କରିବା ଦିନ ମଧ୍ୟରେ ଯେଉଁଦିନ ସେହି ଗହଣାର ମୂଲ୍ୟ କମ୍ ରହିଥିବ ସେହି ମୂଲ୍ୟରେ ଗ୍ରାହକ ତାହାକୁ କିଣିପାରିବେ। ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ ଏମ୍ ପି ଅହମଦ କହିଛନ୍ତି, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ ସର୍ବଦା ସ୍ୱଚ୍ଛତା ଏବଂ ଶୁଦ୍ଧତା ଏବଂ ଗୁଣବତ୍ତା ଉପରେ ଗୁରୁତ୍ୱ ଦେଇଥାଏ। ଅନ୍ୟପଟେ ଷ୍ଟୋର ପକ୍ଷରୁ ଜେମ୍‌ଷ୍ଟୋନ୍ ଜୁଏଲେରି କଲେକ୍ସନ ଭ୍ୟାନାର ମଧ୍ୟ ଉନ୍ମୋଚନ କରାଯାଇଥିଲା।

## ଉଫୁନା ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ବିୟୋଗରେ ଶୋକ



ଢେଙ୍କାନାଳ, ୧୩।୨ (ରତନ ନାୟାର)

ପୂର୍ବତନ କେନ୍ଦ୍ର ରେଳମନ୍ତ୍ରୀ ତଥା ଓଡ଼ିଶାର ପୂର୍ବତନ ରାଜସ୍ୱ ମନ୍ତ୍ରୀ କାହ୍ନୁ ଚରଣ ଲେଙ୍କାଙ୍କ ବିୟୋଗରେ ଉଫୁନା ପକ୍ଷରୁ ଶୁକ୍ରବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଉଫୁନାର ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ଯୋଗଦେଇ ପୂର୍ବତନ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ କହିଲେ ଯେ କାହ୍ନୁଚରଣ ଲେଙ୍କା ଏକାଧାରରେ ଜଣେ ଲେଖକ, ସମାଜସେବୀ, କଂଗ୍ରେସ ଓ ଶ୍ରମିକ ନେତା ଥିଲେ । ତାଙ୍କ ମୃତ୍ୟୁରେ ସବୁସ୍ତରରେ ଶୋକର ଛାୟା ଖେଳିଯାଇଛି। ଏଥିରେ ବିଜେଡି ନେତା ମନୋଜ ରାଉତ କହିଲେ ଯେ କାହ୍ନୁଚରଣଙ୍କ ସମୟରେ ରେଳବାଇର ବହୁ ପ୍ରଗତି ହୋଇଥିଲା ଯଥା ରାଜଧାନୀ ଏକ୍ସପ୍ରେସ ଓ ପୁରୁଷୋତ୍ତମ ଏକ୍ସପ୍ରେସ ତାଙ୍କ ସମୟରେ ଉଦ୍‌ଘାଟିତ ହୋଇଥିଲା । ସେ ତାଙ୍କ ଯୁବ ଅବସ୍ଥାରେ ଯୁବ କଂଗ୍ରେସର ସଭାପତି ଓ ପରେ ଓଡିଶା କଂଗ୍ରେସର ସଭାପତି ହୋଇଥିଲେ। ୧୯୭୫ ବନ୍ୟାରେ ସେ ବହୁତ ବନ୍ୟାଞ୍ଚଳ ଯାଇ ସେବା କାର୍ଯ୍ୟ କରିଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତି ଅନୁଗତ ଥିଲେ । ଶୋକ ସଭାରେ କବି ବାହାଦୁର ପାଟ୍ଟସାହାଣୀ, ଲଳିତ ମୋହନ ବେହେରା, ପରିବେଶବିତ୍ ଉପେନ୍ଦ୍ର ରାଉତ, ବିପିନ ବେହେରା, ଅବିନାଶ ଦାସ, ବିଚିତ୍ରାନନ୍ଦ ମହାନ୍ତି, ଯୁଧିଷ୍ଠିର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ତାଙ୍କର ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।

# ଗଁଦିଆ ଏନ୍‌ଏସି ନିର୍ବାଚନ ପାଇଁ ତତ୍ପରତା

## ୱାର୍ଡଗୁଡ଼ିକର ସାନି ସୀମା ନିର୍ଦ୍ଧାରଣ ଓ ଆସନ ଆରକ୍ଷଣ ପାଇଁ ବିଜ୍ଞପ୍ତି ଜାରି

ଢେଙ୍କାନାଳ, ୧୩।୨ (ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆକୁ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ରାଜ୍ୟ ସରକାର ଘୋଷଣା କରିଛନ୍ତି । ଫଳରେ ଗଁଦିଆ ବିଜ୍ଞାପିତ ପରିଷଦ ଅଞ୍ଚଳର ନିର୍ବାଚନ ପାଇଁ ସାନି ସୀମା ନିର୍ଦ୍ଧାରଣ ଓ ଆସନ ଆରକ୍ଷଣ ନିମନ୍ତେ ବିଜ୍ଞପ୍ତି ଗୁରୁବାର ପ୍ରକାଶ ପାଇଛି । ବିଜ୍ଞପ୍ତି ପ୍ରକାଶନ ଠାରୁ ୧୦ଦିନ ମଧ୍ୟରେ କୌଣସି ଅଭିଯୋଗ କିମ୍ବା ମତାମତ ଲିଖିତ ଭାବରେ ଜଣାଇଲେ ଏହାକୁ ବିଚାରକୁ ନିଆଯିବ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ପରେ କୌଣସି ଅଭିଯୋଗ ଓ ମତାମତ ଗ୍ରହଣ କରାଯିବ ନାହିଁ ବୋଲି ଜିଲାପାଳ ଆଶିଷ ପାଟିଲ ଜଣାଇଛନ୍ତି । ମୋଟ ଭାବରେ ବର୍ତ୍ତମାନ ସାନି ସୀମା ନିର୍ଦ୍ଧାରଣରେ ୧୫ଟି ୱାର୍ଡ ଗଠିତ ହୋଇଛି । ୱାର୍ଡ ଗୁଡିକ ହେଲା ୧ନଂ ପୋରୁହଖୋଜ, କିଣାବନ୍ଧ ସାହି ଓ ଦେହୁରୀ ସାହି, ୨ନଂ ୱାର୍ଡ ପୋରୁହଖୋଜ, ରୋଡସାହି ଓ ସାପୁଆଝର ନୂଆସାହି, ୩ନଂ ୱାର୍ଡ ସାନ୍ଦାପଶି ଓ ସାପୁଆଝର ପୁରୁଣାସାହି, ୪ନଂ ୱାର୍ଡ ସାନ୍ଦାପଶିପାଟଣା ପୁରୁଣାସାହି, ୫ନଂ ୱାର୍ଡ ସାନ୍ଦାପଶିପାଟଣା, ହାଡିସାହି, ନୂଆସାହି ଓ ବଣିଆପଡ଼ା କୋପସାହି, ୬ନଂ ୱାର୍ଡ ବଣିଆପଡା ମନ୍ଦିରସାହି, ମଝିସାହି ଓ ଶବର ସାହି, ୭ନଂ ୱାର୍ଡ ବଣିଆପଡ଼ା ନୂଆସାହି, ଭୋଇସାହି ଓ କଲୋନୀ ସାହି, ୮ନଂ ୱାର୍ଡ ଦଣ୍ଡେଇବେରେଣୀ ଓ ଛାଟଝୁମ୍ପ, ୯ନଂ ୱାର୍ଡ ଗଁଦିଆ ଦେହୁରୀସାହୁ, ଭୁଡିଆସାହି ଓ ଶୁଣ୍ଡିସାହି, ୧୦ନଂ ୱାର୍ଡ ଗଁଦିଆ ଗଉଡସାହି, ବାରିକ ସାହି, ଧୋବା ସାହି ଓ ବଢେଇ ସାହି, ୧୧ନଂ ୱାର୍ଡ ଗଁଦିଆ ନୂଆସାହି, କେନାଲ ସାହି ଓ ହରିଜନ ସାହି, ୧୨ନଂ ୱାର୍ଡ ଶ୍ରୀରାମଚନ୍ଦ୍ରପୁର ବରପଦା, ୧୩ନଂ ୱାର୍ଡ ଇଲେଇଜଙ୍ଗ, ୧୪ନଂ ୱାର୍ଡ ଆଙ୍କୁର୍ଦା, ନିଧିଆ ମହାନ୍ତି ଓ ସାରଙ୍ଗଧର ଧଳ ପର୍ଯ୍ୟନ୍ତ ଓ ୧୫ନଂ ୱାର୍ଡ ଆଙ୍କୁର୍ଦା ଛବି ସ୍ୱାଇଁ ଓ ମିଡ଼ିକି ସ୍ୱାଇଁ ପର୍ଯ୍ୟନ୍ତ ଓ ବାଙ୍ଗଲ ବୋଲି ସୂଚନା ଦିଆଯାଇଛି । ୧ନଂ,୪ନଂ,୬ନଂ,୯ନଂ ଓ ୧୩ନଂ ମହିଳାଙ୍କ ପାଇଁ ଅଣସଂରକ୍ଷିତ ରହିଥିବା ବେଳେ ୨ନଂ,୫ନଂ,୭ନଂ,୧୦ନଂ,୧୪ନଂ ଓ ୧୫ନଂ ଅଣସଂରକ୍ଷିତ, ୩ନଂ ଓ ୧୨ନଂ ଅନୁସୂଚିତ ଜନଜାତି ମହିଳା, ୮ନଂ ଅନୁସୂଚିତ ଜନଜାତି, ୧୧ନଂ ଅନୁସୂଚିତ ଜାତି ମହିଳା ପାଇଁ ସଂରକ୍ଷିତ ରହିଛି । ମୋଟ ୧୫ଟି ୱାର୍ଡରେ ୧୦୯୧୭ ଜନସଂଖ୍ୟା ରହିଥିବା ବେଳେ ଶତକଡ଼ା ୨୨.୦୫ ପ୍ରତିଶତ ଅନୁସୂଚିତ ଜନଜାତି, ୭.୪୭ ପ୍ରତିଶତ ଅନୁସୂଚିତ ଜାତି ଲୋକ ରହିଥିବା ଜଣାପଡ଼ିଛି ।

## ବ୍ୟବସାୟୀଙ୍କ ବିୟୋଗ

ରାସୋଳ, ୧୩।୨ (ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ରାସୋଳ ତେଲିଭୁଇଁ ବଜାରର ବିଶିଷ୍ଟ ବ୍ୟବସାୟୀ ଦୁଶାସନ ସାହୁଙ୍କର ୬୧ ବର୍ଷ ବୟସରେ ଶୁକ୍ରବାର ସନ୍ଧ୍ୟାରେ ବିୟୋଗ ହୋଇଯାଇଛି। ସେ ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ । ସେ ତେଲିଭୂଇଁ ବଜାର ଓ ଗ୍ରାମ ସଭାପତି ରହିଥିଲେ । ସେ ଜଣେ ମେଳାପି ବ୍ୟକ୍ତି ଓ ଲୋକଙ୍କ ସୁଖଦୁଃଖରେ ସାମିଲ ହେଉଥିଲେ। ତାଙ୍କ ମୃତ୍ୟୁରେ ଶୁକ୍ରବାର ବଜାର ବନ୍ଦ ରହିବା ସହିତ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ ।

## ୫୫ନଂ. ଜାତୀୟ ରାଜପଥ ପାରହେଲେ ୩୦ ହାତୀ



ଢେଙ୍କାନାଳ, ୧୩।୨ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ରେଞ୍ଜ ମୋଟଙ୍ଗା ଥାନା ୫୫ ନଂ. ଜାତୀୟ ରାଜପଥର ଚିନ୍ତାପୋଖରୀ ନିକଟରେ ଶୁକ୍ରବାର ସକାଳେ ୩୦ ହାତୀ ରାଜପଥ ପାର ହୋଇଥିଲେ । ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା। କିଛି ସମୟ ପାଇଁ ଯାତାୟତ ବ୍ୟାହତ ହୋଇଥିଲା । ରାଜପଥରେ ଯାଉଥିବା ଯାତ୍ରୀମାନେ ମୋବାଇଲରେ ହାତୀପଲଙ୍କ ଫଟୋ ଉଠାଉଥିବା ଦେଖାଯାଇଥିଲା। ହାତୀମାନଙ୍କ ମଧ୍ୟରେ ଦନ୍ତାହାତୀ, ମାଈହାତୀ ଓ ଛୁଆହାତୀ ରହିଥିଲେ। ଖବରପାଇ ବନ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ହାତୀପଲଙ୍କୁ ସୁବିଧାରେ ଜାତୀୟ ରାଜପଥ ପାର କରାଇବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା । ଗତ କିଛିଦିନ ହେବ ହାତୀପଲ ପରଜଙ୍ଗ ଥାନା ଅଞ୍ଚଳରୁ ବ୍ରାହ୍ମଣୀ ନଦୀ ପାରହୋଇ ସଦର ରେଞ୍ଜ ମୋଟଙ୍ଗା ଥାନା ଜାତୀୟ ରାଜପଥ କଡ଼ ମଠରଗଡ଼ି ଓ ନିମିଧା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଯାତାୟତ କରୁଥିବା ଦେଖାଯାଇଛି । ଏ ସଂକ୍ରାନ୍ତରେ ସଦର ରେଞ୍ଜର ଉଜ୍ଜ୍ୱଳ ଚନ୍ଦ୍ର ପ୍ରଧାନ କହିଛନ୍ତି, ପ୍ରାୟ ଅଧିକାଂଶ ଦିନ ଉକ୍ତ ଅଞ୍ଚଳରେ ୫୫ନଂ ଜାତୀୟ ରାଜପଥରେ ହାତୀପଲ ପାର ହେଉଛନ୍ତି। ସୁରକ୍ଷା ବ୍ୟବସ୍ଥା ପାଇଁ ବନ କର୍ମଚାରୀ ଓ ହାତୀ ସ୍କ୍ୱାଡର ସଦସ୍ୟମାନେ ସେଠାରେ ପାଟ୍ରୋଲିଂ କରିବା ସହ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।

# ହାତୀ ଆକ୍ରମଣରେ ମୃତକ ପରିବାରକୁ ଭେଟିଲେ ଯୋଗାଣ ମନ୍ତ୍ରୀ

ଢେଙ୍କାନାଳ, ୧୩।୨ (ରତନ ନାୟାର)



ମୃତକ ପରିବାରଙ୍କୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭେଟି ସମବେଦନା ଜଣାଉଛନ୍ତି।

ଢେଙ୍କାନାଳ ସଦର ରେଞ୍ଜ କାଇମାଟି ପଞ୍ଚାୟତ ଲୋଚାପଲି ଗ୍ରାମ ନିକଟସ୍ଥ ପାଟପୁରି ଜଙ୍ଗଲରେ ହାତୀ ଆକ୍ରମଣରେ ମୃତ ତିନିଜଣ ମହିଳାଙ୍କ ପରିବାରବର୍ଗଙ୍କୁ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶୁକ୍ରବାର ଅପରାହ୍ନରେ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସରକାରଙ୍କ ଠାରୁ ସେମାନଙ୍କୁ ସହାୟତା ତୁରନ୍ତ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀ ପାତ୍ରଙ୍କ ସମେତ ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ଯଶୋବନ୍ତ ମହିମା, ଜିଲା ଅନୁସୂଚିତ ମୋର୍ଚ୍ଚା ସଭାପତି ଲକ୍ଷ୍ମୀଧର ଦଳେଇ, ମନ୍ତ୍ରୀଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ନାୟକ, ସନ୍ତୋଷ କୁମାର ରାଉତ, ଏମ୍‌ପିଙ୍କ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ନଗର ମଣ୍ଡଳ ସଭାପତି ବିକାଶ ସାହୁ, ଗୋବିନ୍ଦପୁର ମଣ୍ଡଳ ସଭାପତି ରଞ୍ଜିତ ଭିଶାଳ, କାଉନ୍‌ସିଲର ସୂର୍ଯ୍ୟପ୍ରତାପ ରାଉତ ଓ ସ୍ଥାନୀୟ ଭାଜପା ନେତା ବିଭୁ ପ୍ରସାଦ ଦେହୁରୀଙ୍କ ସମେତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ତୃତୀୟ ଥର ପାଇଁ ଜିଲା ବିଜେଡି ଯୁବ ସଭାପତି ହେଲେ ଧର୍ମାନନ୍ଦ

କାମାକ୍ଷାନଗର, ୧୩।୨ (ସୁଧୀର କୁମାର ପରିଡା)



ଢେଙ୍କାନାଳ ଜିଲା କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ତଥା ଢେଙ୍କାନାଳ ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅସ୍ଥାଭାଜନ ହୋଇ ତୃତୀୟ ଥର ପାଇଁ ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ଭାବେ ମନୋନୀତ ହୋଇଛନ୍ତି। ଧର୍ମାନନ୍ଦ ୨୦୦୦ ମସିହାରେ ଛାତ୍ର ସଂସଦ ନିର୍ବାଚନରେ କାମାକ୍ଷାନଗର ମହାବିଦ୍ୟାଳୟରୁ ବିଜେଡ଼ି ସମର୍ଥୀତ ପ୍ରାର୍ଥି ଭାବେ ନିର୍ବାଚନ ଲଢ଼ି ସଭାପତି ନିର୍ବାଚିତ ହୋଇଥିଲେ। ୨୦୧୩ରେ ବିଜେଡ଼ି ଟିକେଟରୁ ନିର୍ବାଚନ ଲଢି କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲର ହେବା ପରେ ଅଧ୍ୟକ୍ଷ ହୋଇପାରିଥିଲେ। ୨୦୨୨ ଏନଏସି ନିର୍ବାଚନରେ ଦ୍ୱିତୀୟ ଥର ଲାଗି ବିଜେଡ଼ି ଟିକେଟରେ ବିରୋଧୀଙ୍କୁ ଏକତରଫା ପରାସ୍ତ କରି ୬ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇ ପୁନର୍ବାର ଅଧ୍ୟକ୍ଷ ହୋଇଥିଲେ। ଧର୍ମାନନ୍ଦ ଜିଲା ବିଜେଡି ଯୁବ ସଭାପତି ହେବାପରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେବା ସହ ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଡ଼ା. ନୃସିଂହ ଚରଣ ସାହୁ, ପୂର୍ବତନ ଏମ୍‌ପି ମହେଶ ସାହୁ, ଏମ୍‌ପି ପ୍ରାର୍ଥୀ ଅବିନାଶ ସାମଲ, ଢେଙ୍କାନାଳର ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ଜିଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗକୁ ଆସୁଥିବା ପଞ୍ଚାୟତ ଓ ପୌର ନିର୍ବାଚନରେ କର୍ମୀମାନେ କିପରି ଏକଜୁଟ ହୋଇ ଦଳ ପାଇଁ କାର୍ଯ୍ୟକରି ଅଧିକରୁ ଅଧିକ ଆସନରେ ବିଜୟୀ ହୋଇପାରିବେ ଏବଂ ଡବଲ ଇଞ୍ଜିନ ସରକାରଙ୍କ ମିଛ ପ୍ରତିଶ୍ରୁତି ଦେଇ ଯେଉଁଭଳି ଲୋକଙ୍କୁ ଠକିଚାଲିଛି ତାହାକୁ ଲୋକଙ୍କ ନିକଟରେ ପହଞ୍ଚାଇବେ ସେଥିପାଇଁ ସମସ୍ତ ବିଜେଡ଼ି କର୍ମୀ ଓ ଯୁବଶକ୍ତି ଏକତ୍ରିତ ହୋଇ ଦଳ ପାଇଁ କାର୍ଯ୍ୟ କରିବାକୁ ନିବେଦନ କରିଛନ୍ତି।

# ପରିବେଶ ସୁରକ୍ଷା ପାଇଁ ସଚେତନ କରାଇଲେ ଯୁବପିଢ଼ି




ଢେଙ୍କାନାଳ, ୧୩।୨ (ରତନ ନାୟାର)

ବିଶ୍ୱରେ ପରିବେଶ ପ୍ରଦୂଷଣ ଦିନକୁ ଦିନ ବୃଦ୍ଧି ପାଇବା ଚିନ୍ତାର କାରଣ ସାଜିଛି । ବିଭିନ୍ନ କଳ କାରଖାନା, ରାସ୍ତା ଧୂଳିଧୂସର ହେବା ସହ ସଂପ୍ରସାରଣ ଆଳରେ ବଡ଼ବଡ଼ ଗଛ କାଟି ଦିଆଯାଉଛି, ଯାହାଦ୍ୱାରା ପ୍ରଦୂଷଣ ବଢିବା ସହିତ ପରିବେଶ ପ୍ରଭାବିତ ହେଉଛି। ଏ ଦିଗରେ ସଚେତନ କରିବା ପାଇଁ ପ୍ରକୃତି ପଦଯାତ୍ରା ପରିଷଦ ଢେଙ୍କାନାଳ ପକ୍ଷରୁ ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ସକାଳ ୭ଟାରେ ସହରସ୍ଥିତ ମହାପ୍ରଭୁ ଶ୍ରୀଶ୍ରୀବଳରାମ ମନ୍ଦିର ସମ୍ମୁଖରୁ ପଦଯାତ୍ରା ଶୁଭାରମ୍ଭ ହୋଇ କପିଳାସ ଅଭିମୁଖେ ଯାଇଥିଲା । ବାୟୁ ଓ ଜଳ ପ୍ରଦୂଷଣ, ପ୍ଲାଷ୍ଟିକମୁକ୍ତ ପରିବେଶ, ପ୍ରକୃତି ଅବକ୍ଷୟକୁ ରୋକିବା ପାଇଁ ଯୁବପିଢ଼ି ସମସ୍ତଙ୍କୁ ସଚେତନ କରିଥିଲେ । ଇଂ. ସୌମ୍ୟବ୍ରତ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ସାମାଜିକ ଅନୁଷ୍ଠାନ, ସାଂସ୍କୃତିକ ଅନୁଷ୍ଠାନ, ସମାଜସେବୀ, ବୁଦ୍ଧିଜୀବୀ, ଜନପ୍ରତିନିଧି, ଆଇନଜୀବୀ ଓ ଏନ୍‌ସିସି କ୍ୟାଡେଟଙ୍କ ସମେତ ବହୁ ସଂଖ୍ୟାରେ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ । ବଳରାମ ମନ୍ଦିର ପ୍ରାଙ୍ଗଣରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ପୂର୍ବତନ ଏମ୍‌ପି ମହେଶ ସାହୁ, ସଂସ୍କୃତି ଗବେଷକ ମାତୃପ୍ରସାଦ ମିଶ୍ର, ସାମାଜିକ କର୍ମୀ ଅକ୍ଷୟ ମହାନ୍ତି, ରୋଟାରିଆନ ରାଜକିଶୋର ବେହେରା, ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ, ସୁକାନ୍ତ କୁମାର ମିଶ୍ର, ଡ. ଦେବୀପ୍ରସାଦ ମିଶ୍ର, ଅବନୀ ମିଶ୍ର, ସ୍ଥାନୀୟ କାଉନସିଲର ସନ୍ଦୀପ ଷଡଙ୍ଗୀ ପ୍ରମୁଖ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ମନୋରଞ୍ଜନ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଇନ୍ଦ୍ରଜିତ ସାହୁ ଧନ୍ୟବାଦ ଦେଇଥିଲେ । ପରିଷଦର ସଦସ୍ୟ ବଳରାମ ବେହେରା, ଅପରାଜିତା ସାମଲ, ଡାରଲିନ୍ ଡାଲଟନ, ଗାୟିତ୍ରୀ ମିଶ୍ର ଓ ଅମ୍ରିତା ସାହୁ ସହଯୋଗ କରିଥିଲେ ।

# ଗଣନା କାର୍ଯ୍ୟ ନିର୍ଭୁଲ, ପାରଦର୍ଶୀ କରିବାକୁ ପରାମର୍ଶ

## ୨୦୨୭ ଜନଗଣନା ପ୍ରସ୍ତୁତି ବୈଠକ



ଢେଙ୍କାନାଳ, ୧୩।୨ (ରତନ ନାୟାର)

ଢେଙ୍କାନାଳ ମହିଷାପାଟସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ୨୦୨୭ ଜନଗଣନା ପାଇଁ ଏକ ଜିଲାସ୍ତରୀୟ ସମୀକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜନଗଣନା କାର୍ଯ୍ୟକୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଯୋଗଦେଇ ୨୦୨୭ ଜନଗଣନାର ରୂପରେଖ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏଥର ଜନଗଣନା ପ୍ରକ୍ରିୟାକୁ ଅଧିକ ବୈଷୟିକ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବୈଠକରେ ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀ ସମ୍ପର୍କରେ ଅବଗତ କରାଯାଇଥିଲା। ସ୍ୱଗଣନା ଏପ୍ରିଲ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ନାଗରିକମାନେ ନିଜେ ସେନସସ୍ ପୋର୍ଟାଲ୍ ମାଧ୍ୟମରେ ତଥ୍ୟ ପ୍ରଦାନ କରିପାରିବେ। ପ୍ରଥମ ପର୍ଯ୍ୟାୟ ଗୃହ ଗଣନାରେ ଏପ୍ରିଲ ୧୬ ରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଗୃହ ଏବଂ ଗୃହତାଲିକା ପ୍ରସ୍ତୁତି କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ସ୍ଥିର କରାଯାଇଛି। ଅତିରିକ୍ତ ଜିଲାପାଳ ଲଳିତ ବେହେରା କହିଲେ ଯେ, ଜନଗଣନା ହେଉଛି ଦେଶର ବିକାଶ ପାଇଁ ଏକ ଦର୍ପଣ ସଦୃଶ। ଏଥିରେ ସେନସସ୍ ମ୍ୟାନେଜମେଣ୍ଟ ଓ ମନିଟରିଂ ସିଷ୍ଟମ ପୋର୍ଟାଲ ଏବଂ ମୋବାଇଲ୍ ଆପ୍ ବ୍ୟବହାର କରାଯିବ। ପ୍ରତ୍ୟେକ ପରିବାରର ଆର୍ଥିକ ଓ ସାମାଜିକ ବିବରଣୀ ସଂଗ୍ରହ କରାଯାଉଥିବାରୁ ଏହା ସରକାରୀ ଯୋଜନା ପ୍ରଣୟନରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ପ୍ରାୟ ୧୫ ବର୍ଷର ବ୍ୟବଧାନରେ ଏହି ଗଣନା ହେଉଥିବାରୁ ଠିକ୍ ତଥ୍ୟ ପ୍ରଦାନ କରିବାକୁ ସେ ଜିଲାବାସୀଙ୍କୁ ନିବେଦନ କରିଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ଢେଙ୍କାନାଳ ଜିଲାର ସମସ୍ତ ସବ୍ କଲେକ୍ଟର, ଡେପୁଟି କଲେକ୍ଟର, ସହାୟକ ଜିଲାପାଳ, ବିଭିନ୍ନ ତହସିଲର ତହସିଲଦାର ଓ ଅତିରିକ୍ତ ତହସିଲଦାର, ପୌରପାଳିକା ଏବଂ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ରହି ପ୍ରଶିକ୍ଷଣ ଗ୍ରହଣ କରିଥିଲେ।




## ମଦ ଜବତ, ଜଣେ ଗିରଫ

ବଙ୍ଗଣ୍ଡା, (ପରିକ୍ଷିତ ସାହୁ): କିଶୋରନଗର ବ୍ଲକ ହଣ୍ଡପା ଥାନା ଜାମୁନାଳି ଗ୍ରାମରେ ଗୁରୁବାର ହଣ୍ଡପା ପୋଲିସ ଚଢ଼ାଉ କରି ମିଳନ ପ୍ରଧାନଙ୍କ ଠାରୁ ୧୦ ଲିଟର ଚୋରା ଦେଶୀ ମଦ ଜବତ କରିଛି। ଏ ନେଇ ହଣ୍ଡପା ଥାନାରେ ନଂ. ୫୪/୨୬ରେ ଏକ ମାମଲା ରୁଜୁ କରାଯାଇଛି। ମିଳନ ଘରେ ଚୋରାରେ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା ବୋଲି ପୋଲିସ ସୂଚନା ଦେଇଛି।

# ପ୍ରତି ପ୍ରହରରେ ହେବ କୁକ୍କୁଟେଶ୍ୱରଙ୍କ ଭିନ୍ନ ବେଶ

**ମହାଶିବରାତ୍ରି ପାଇଁ ଚଳଚଞ୍ଚଳ ଅନୁଗୋଳର ବିଭିନ୍ନ ଶୈବପୀଠ**

- ହରିହର ଭେଟ ପୀଠର ଅନ୍ୟତମ ଆକର୍ଷଣ
- ନୀତିକାନ୍ତି, ଶୃଙ୍ଖଳିତ ବ୍ୟବସ୍ଥା ଉପରେ ଗୁରୁତ୍ୱ

ଅନୁଗୋଳ, ୧୩।୨ (ମାନସ ବିଶ୍ୱାଳ)

ଆସନ୍ତା ୧୫ ତାରିଖ ରବିବାର ମହାଶିବରାତ୍ରି। ଏଥିପାଇଁ ଅନୁଗୋଳର ବିଭିନ୍ନ ଶୈବପୀଠରେ ଆରମ୍ଭ ହୋଇଛି ବ୍ୟାପକ ପ୍ରସ୍ତୁତି। ମନ୍ଦିରଗୁଡ଼ିକର ସାଜସଜ୍ଜା ଚାଲିଥିବାବେଳେ ସକାଳ ନୀତିକାନ୍ତିଠାରୁ ଆରମ୍ଭ କରି ମହାଦୀପ ଉଠିବାଯାଏ ସବୁକିଛିକୁ ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ସେହିପରି ଭକ୍ତଙ୍କ ଦର୍ଶନ ବ୍ୟବସ୍ଥାକୁ ମଧ୍ୟ ଠିକ୍ ଭାବେ ପରିଚାଳନା ଦିଗରେ ଧ୍ୟାନ ଦିଆଯାଉଛି। ଅନୁଗୋଳ ସହରରେ ଥିବା ମା’ ବୁଢ଼ୀ ଠାକୁରାଣୀ ମନ୍ଦିରକୁ ଲାଗିଥିବା ଶିବମନ୍ଦିର, ଅମଲାପଡ଼ାରେ ଥିବା ସ୍ୱପ୍ନେଶ୍ୱର ମନ୍ଦିର, ରାଜକିଶୋରପଡ଼ାର ସର୍ପେଶ୍ୱରେ ମନ୍ଦିର, କାଶୀବିଦ୍ୟାନାଥ ମନ୍ଦିର, ବଲାସିଂହାର ବାବା ବାଲୁକେଶ୍ୱର ମନ୍ଦିର, ଖଲାରୀର ରାମେଶ୍ୱର ମନ୍ଦିର ଏବଂ ଡୁମୁଣିରେ ଥିବା କୁକ୍କୁଟେଶ୍ୱରଙ୍କ ମନ୍ଦିରରେ ଧୁମ୍‌ଧାମରେ ଜାଗରଯାତ୍ରା ପାଳନ କରାଯିବ। ତେବେ କୁକ୍କୁଟେଶ୍ୱର ମନ୍ଦିରରେ ପ୍ରତି ପ୍ରହରରେ ଠାକୁରଙ୍କ ଭିନ୍ନ ଭିନ୍ନ ବେଶ ମହାଶିବରାତ୍ରିର ଅନ୍ୟତମ ଆକର୍ଷଣ ସାଜିବ। ଏହାକୁ ଦେଖିବା ସହ ମହାଦୀପ ଦର୍ଶନ ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଥିବାବେଳେ ହରିହର ଭେଟ ନୀତି ମଧ୍ୟ ପୀଠରେ ଆଡ଼ମ୍ବରରେ ପାଳନ କରାଯିବ।

ବଡ଼କେରା ପଞ୍ଚାୟତ ଡୁମୁଣି ଗ୍ରାମରେ ଥିବା କୁକ୍କୁଟେଶ୍ୱର ମହାଦେବଙ୍କ ମନ୍ଦିରକୁ କେବଳ ଅନୁଗୋଳ ଜିଲାରୁ ନୁହେଁ, ପଡ଼ୋଶୀ ସମ୍ବଲପୁର, ବୌଦ୍ଧ, ଢେଙ୍କାନାଳ ଜିଲାରୁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ। ଜଙ୍ଗଲ ପରିବେଷ୍ଟିତ ତଥା ଅତି ମନୋରମ ସ୍ଥାନରେ ଥିବା ଏହି ପାତାଳଫୁଟା ଶିବଲିଙ୍ଗ ଦର୍ଶନ, ଗୁଆ, ନଡ଼ିଆ ଓ କଳସ ବସାଇବା, ରୁଦ୍ରାଭିଷେକ ଏବଂ ଜଳଛାୟା ବ୍ରତ ସହ ମାନସିକ କଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶ୍ୱାସ କରିଛି। ପ୍ରତିବର୍ଷ ଏହି ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ମହା ଶିବରାତ୍ରି, ଦଣ୍ଡଯାତ୍ରା, ଶ୍ରାବଣ ମାସରେ ଜଳଲାଗି ଓ ବଡ଼ଓଷା ମହା ଆଡ଼ମ୍ବରରେ ପାଳନ ହୋଇଥାଏ। ୧୯୮୦ ମସିହା ପୂର୍ବରୁ ଦେବୋତ୍ତର ବିଭାଗ ଏହି ମନ୍ଦିରର ଦାୟିତ୍ୱ ନେଇଥିବାବେଳେ ଅଞ୍ଚଳବାସୀଙ୍କ ଦ୍ୱାରା ପରିଚାଳନା କମିଟି ଗଠନ କରାଯାଇ ମନ୍ଦିର ପରିଚାଳନା କରାଯାଉଛି। ବାବା କୁକ୍କୁଟେଶ୍ୱରଙ୍କ ଆଦି ସେବକ ହେଉଛନ୍ତି ରାଜା ରୁଦ୍ରନାରାୟଣ ମହେନ୍ଦ୍ର ଜଗଦେବ। ତାଙ୍କ କରସେବାରେ ଜାଗର ଦିନ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ଆରମ୍ଭ ହୋଇଥାଏ। ଏହିଦିନ ପ୍ରତି ପ୍ରହରରେ ବାବାଙ୍କ ଭିନ୍ନ ଭିନ୍ନ ବେଶ କରାଯାଇଥାଏ। ଏହି ପୀଠରେ ପ୍ରାୟ ୧୫ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ପରିଚାଳନା କମିଟି, ଡୁମୁଣି ଗ୍ରାମବାସୀ କର୍ମକର୍ତ୍ତା ଓ ବନ୍ତଲା ପୋଲିସ ସମସ୍ତ ଦାୟିତ୍ୱ ତୁଲାଇଥାନ୍ତି। ମହାଶିବରାତ୍ରିରେ ବାବା କୁକ୍କୁଟେଶ୍ୱରଙ୍କ ପୀଠରେ ବିଭିନ୍ନ ନୀତିକାନ୍ତି ପାଳିତ ହୁଏ। ହରିହରି ଭେଟ ସେବାରେ ଭଗବାନ ବିଷ୍ଣୁ ଓ ଶିବଙ୍କ ଭେଟ କରାଯାଇଥାଏ ବୋଲି ପୂଜକ ରଞ୍ଜନ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ମନ୍ଦିର ପରିଚାଳନା ପାଇଁ ସଚ୍ଚିଦାନନ୍ଦ ଦେହୁରୀ, ପ୍ରଫୁଲ୍ଲ ଦେହୁରୀ, ସଦାନନ୍ଦ ଦେହୁରୀଙ୍କ ସମେତ ୩୦ ଜଣ ସେବାୟତ ରହିଛନ୍ତି। ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ବାବା କୁକ୍କୁଟେଶ୍ୱରଙ୍କ ଦର୍ଶନ ପାଇଁ ଆସନ୍ତି। କିନ୍ତୁ ଏଠାକୁ ରାସ୍ତାଠାରୁ ଆରମ୍ଭ କରି ଅନେକ ଅବ୍ୟବସ୍ଥା ଥିବାରୁ ଉତ୍ସବ ସମୟରେ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି। ରାଜ୍ୟ ସରକାର ଏହି ମନ୍ଦିରକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ଦେଲେ ଏହାର ବିକାଶ ହୋଇପାରିବ ବୋଲି ମନ୍ଦିର ମୁଖ୍ୟ ପରିଚାଳକ ନକୁଳ ଦେହୁରୀ କହିଛନ୍ତି।

# ୪୩ ଦୁର୍ଘଟଣାରେ ଯାଇଛି ୧୭ ଜଣଙ୍କ ଜୀବନ




ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

**ସଡ଼କ ସୁରକ୍ଷା କମିଟି ବୈଠକ**

ଅନୁଗୋଳ, ୧୩।୨ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଶୁକ୍ରବାର ଅପରାହ୍ନରେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଗତ ଜାନୁଆରୀ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା। ପରିବହନ ବିଭାଗ ସୂଚନା ଅନୁଯାୟୀ, ଜାନୁଆରୀ ମାସରେ ଜିଲାରେ ମୋଟ ୪୩ଟି ଦୁର୍ଘଟଣା ଘଟିଥିବାବେଳେ ୧୭ ଜଣଙ୍କ ମୃତ୍ୟୁ ଘଟିଛି ଓ ୨୬ ଜଣ ଆହତ ହୋଇଛନ୍ତି। ସେହିପରି ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲ୍‌ମେଟ୍‌ରେ ଗାଡ଼ି ଚାଳନା ଯୋଗୁ ୧୦୬୨ ଜଣ, ଦ୍ରୁତ ଗାଡ଼ି ଚାଳନା କରିବା ଯୋଗୁ ୯୬୮ ଜଣ , ମଦ୍ୟପାନ କରି ଗାଡ଼ି ଚାଳନା ନିମନ୍ତେ ୪୫ ଜଣ, ଅତ୍ୟଧିକ ମାଲ୍ ପରିବହନ ନିମନ୍ତେ ୪୩ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଥିବାବେଳେ ୪୭୮ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ପିତ କୁମାରଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଓ ବିଭିନ୍ନ ଜିଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ଜଙ୍ଗଲ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ, ୧୩।୨ (ମାନସ ବିଶ୍ୱାଳ)

ଅନୁଗୋଳ ବନ ବିଭାଗ ପକ୍ଷରୁ ଏସିଏଫ୍ କୃଷ୍ଣଚନ୍ଦ୍ର ସାହୁଙ୍କ ଉପସ୍ଥିତିରେ ଜଙ୍ଗଲ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ ସମସ୍ତ ରେଞ୍ଜ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଗୋଳର ସମସ୍ତ ରେଞ୍ଜ ଅଧିକାରୀ, ଅଗ୍ନିଶମ ଅଧିକାରୀ, କେନ୍ଦୁଲିଫ କର୍ମଚାରୀ ଏବଂ ସାମାଜିକ ସଙ୍ଗଠନର ପ୍ରତିନିଧି, ଅଗ୍ନି ସୁରକ୍ଷା ଦଳ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜଙ୍ଗଲରେ ନିଆଁ ଲାଗିବାର କାରଣ, ପ୍ରତିରୋଧକ ପଦକ୍ଷେପ, ପ୍ରାରମ୍ଭିକ ଚିହ୍ନଟ ବ୍ୟବସ୍ଥା, ଦ୍ରୁତ ପ୍ରତିକ୍ରିୟା ବ୍ୟବସ୍ଥା, ଅଗ୍ନିକାଣ୍ଡ ଘଟଣା ହ୍ରାସ କରିବାରେ ଆଗଧାଡ଼ିର କର୍ମଚାରୀ ଏବଂ ସମ୍ପ୍ରଦାୟ ସ୍ୱେଚ୍ଛାସେବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ‘କ୍ରିକେଟ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରାଯିବ’




ଶପଥଗ୍ରହଣ କାର୍ଯ୍ୟକ୍ରମରେ ଜିଲା କ୍ରିକେଟ୍ ଆସୋସିଏଶନ ସଭାପତିଙ୍କ ସହ ନିର୍ବାଚିତ ଅନ୍ୟ କର୍ମକର୍ତ୍ତା।

**ଜିଲା କ୍ରିକେଟ ଆସୋସିଏଶନ ନୂତନ କର୍ମକର୍ତ୍ତାଙ୍କ ଶପଥଗ୍ରହଣ**

ଅନୁଗୋଳ, ୧୩।୨ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା କ୍ରିକେଟ ଆସୋସିଏଶନର ନବନିର୍ବାଚିତ କର୍ମକର୍ତ୍ତାମାନଙ୍କ ଶପଥଗ୍ରହଣ ଉତ୍ସବ ଶୁକ୍ରବାର କଦମ ପଡ଼ିଆସ୍ଥିତ ଜିଲା କ୍ରିକେଟ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରିକେଟ୍ ସଂଘର ସଭାପତି ତଥା ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରଥମେ ଶପଥ ଗ୍ରହଣ କରିଥିଲେ। ଶପଥ ଗ୍ରହଣ କରିବା ପରେ ପ୍ରଧାନ କହିଥିଲେ, ଆଗାମୀ ଦିନରେ ଛୋଟ ଛୋଟ ଖେଳାଳିଙ୍କୁ ଉତ୍ସାହିତ କରି ଆଗକୁ ନେବା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। କଦମ ପଡ଼ିଆରେ କ୍ରିକେଟ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରାଯିବ। ସମସ୍ତଙ୍କ ସହଯୋଗରେ ଏଠରେ ପ୍ରଥମଥର ପାଇଁ ଫ୍ଲଡ୍‌ଲାଇଟ ବ୍ୟବସ୍ଥା ସହ ଖେଳାଳିଙ୍କ ପାଇଁ ପାଭିଲିୟନ ନିର୍ମାଣ କରାଯାଇଛି। ଆଗାମୀ ଦିନରେ ଦର୍ଶକଙ୍କ ବସିବା ପାଇଁ ଗ୍ୟାଲେରି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯିବ। ସମସ୍ତ ସବ୍‌ଡିଭିଜନରେ ଦ୍ୟୁଜ୍ ବଲ୍‌ରେ ଖେଳ ଆୟୋଜନ କରିବାକୁ ପ୍ରୋତ୍ସାହନ ଦିଆଯିବ ବୋଲି ସଭାପତି ପ୍ରକାଶ କରିଥିଲେ। ଏହାପରେ ଅନ୍ୟ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଶପଥ ନେଇଥିଲେ। ସମ୍ପାଦକ ଭାବେ ସାଗରନାଥ ମିଶ୍ର, ଉପସଭାପତି ଭାବେ ପ୍ରଭାତ କୁମାର ସିହ୍ନା ଓ ଅରୁଣ କୁମାର ପୁଷ୍ପାଳକ, ସହ ସମ୍ପାଦକ ଭାବେ ଗଙ୍ଗାଧର ପଟ୍ଟନାୟକ ଓ ସତ୍ୟେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଭାବେ ରଞ୍ଜନ କୁମାର ଧୀରସାମନ୍ତ ଶପଥ ଗ୍ରହଣ କରିଥିଲେ। ନିର୍ବାଚନ ଅଧିକାରୀ ଭୂପେଶ ଚନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଶପଥଗ୍ରହଣ ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କ୍ରିକେଟ ପ୍ରେମୀ ଓ ବିଭିନ୍ନ କ୍ଲବ୍‌ର ସଦସ୍ୟ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ପାଇଲଟ ‘ରାଗି ଲଡୁ’ କାର୍ଯ୍ୟକ୍ରମ ଶୁଭାରମ୍ଭ




ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଛେଣ୍ଡିପଦା ବିଧାୟକଙ୍କ ସହ ଅନ୍ୟମାନେ।

ଅନୁଗୋଳ, ୧୩।୨ (ଦିବ୍ୟଶାନ୍ତନୁ ନାଥ)

ଶିଶୁମାନଙ୍କ ପୁଷ୍ଟିସାଧନ ନିମନ୍ତେ ଅନୁଗୋଳ ଜିଲାସ୍ତରୀୟ ପାଇଲଟ ‘ରାଗି ଲଡୁ’ ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାର ଛେଣ୍ଡିପଦାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ଶିଶୁମାନଙ୍କୁ ଅପପୁଷ୍ଟିରୁ ରକ୍ଷା କରିବା ଏବଂ ସ୍ଥାନୀୟ ଚାଷୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ମାଣ୍ଡିଆ ବା ରାଗି ଭଳି ପାରମ୍ପରିକ ଶସ୍ୟର ବ୍ୟବହାର କରାଯାଇଥିବା କହିଥିଲେ। ଏହି ପ୍ରକଳ୍ପ ମାଧ୍ୟମରେ ଜିଲାର ୪୬୫ ଅଙ୍ଗନୱାଡ଼ିର ପ୍ରାୟ ୧୦,୫୭୩ ଜଣ ଶିଶୁଙ୍କୁ ସ୍ୱାସ୍ଥ୍ୟକର ମାଣ୍ଡିଆ ଲଡୁ ପ୍ରଦାନ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ଉମା ଶଙ୍କର ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣିଙ୍କ ସମେତ ମିଶନ ଶକ୍ତିର ମହିଳା ସଦସ୍ୟା, ଅଙ୍ଗନୱାଡ଼ି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ୮ ଶ୍ରେଣୀକୁ ୨ ଶିକ୍ଷକ, ଜିଲାପାଳଙ୍କୁ ଅଭିଯୋଗ

ବନ୍ତଲା, ୧୩।୨ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ଶରଧାପୁର ପଞ୍ଚାୟତ ଶରଧାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ଅଭାବରୁ ପାଠପଢ଼ା ବିପର୍ଯ୍ୟସ୍ତ ହୋଇପଡିଛି। ଏ ନେଇ ଗ୍ରାମ ସଭପତି ବିଭୂତି ଭୂଷଣ ସାହୁ, ସମ୍ପାଦକ ଅରୁଣ ସାହୁ, ଶରତ ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ସମ୍ପିତ ପ୍ରଧାନ, ବୀରେନ୍ଦ୍ର ପ୍ରଧାନ, ଅଲେଖ ପ୍ରଧାନ, ଭୋଳେଶ୍ୱର ପ୍ରଧାନ, ପ୍ରତାପ ପ୍ରଧାନ ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ୧ମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୨୦ରୁ ଅଧିକ ଛାତ୍ରୀଛାତ୍ର ପଢୁଥିଲା ବେଳେ ମାତ୍ର ୨ଜଣ ଶିକ୍ଷକ ଅଛନ୍ତି। ପ୍ରଧାନ ଶିକ୍ଷକ ଗଦାଧର ସାହୁ ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ଜଣେ ଶିକ୍ଷୟିତ୍ରୀ ୮ଟି ଶ୍ରେଣୀର ସମସ୍ତ ପିଲାଙ୍କୁ ପଢ଼ାଇବା ସମ୍ଭବ ହେଉନାହିଁ। ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ପୂର୍ବରୁ ଅନେକଥର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରିବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# ଖାଲଗାଁ ସେବା ସମବାୟ ସମିତିରେ ଚାଷୀ ଉତ୍ତେଜନା



**ରବିବାର ସୁଦ୍ଧା ଉଠାଯିବ ଧାନ- ଏଆର୍‌ସିସି**

ବନ୍ତଲା, ୧୩।୨ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ଖାଲଗାଁ ସେବା ସମବାୟ ସମିତିରେ ଧାନ କିଣାକୁ ନେଇ ଶୁକ୍ରବାର ଉତ୍ତେଜନା ଦେଖାଦେଇଥିଲା। ସମିତିରେ ୪ ଦିନ ହେଲା ଚାଷୀମାନଙ୍କ ଧାନ ପଡ଼ି ରହିଥିବାବେଳେ ମିଲର ଧାନ ନ ଉଠାଇ ବହୁତ ହଇରାଣ କରୁଥିବା ଚାଷୀ କୈଳାସ ଚନ୍ଦ୍ର ସାହୁ, ଅଶୋକ କୁମାର ପ୍ରଧାନ, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ମୁକେଶ ସାହୁ, ରଞ୍ଜନ ସାହୁ, ନିଶ୍ଚଳ ସାହୁଙ୍କ ସମେତ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଚାଷୀ ଅଭିଯୋଗ କରିଛନ୍ତି। ଏ ନେଇ ଖାଲ ଗାଁ ସେବା ସମବାୟ ସମିତି ସମ୍ପାଦକଙ୍କ ସହ ଯୋଗାଯୋଗ କରାଯିବାକୁ ଉଦ୍ୟମ କରାଯାଇଥିଲେ ହେଁ ସେ ଫୋନ୍ କଲ୍ ରିସିଭ କରି ନ ଥିବାରୁ ମତାମତ ମିଳିପାରି ନାହିଁ। ତେବେ ଅନୁଗୋଳ ଏଆର୍‌ସିସି ନିରଞ୍ଜନ ସେଠ କହିଛନ୍ତି, ସମସ୍ୟା ସମ୍ପର୍କରେ ଅବଗତ ରହଛି। ସମିତିଗୁଡ଼ିକରେ ଦିଆଯାଉଥିବା ଟୋକନ ଅନୁଯାୟୀ ଗୋଟିଏ ଦିନର ଧାନ ଉଠିପାରୁ ନ ଥିବାରୁ କିଣିବା ପ୍ରକ୍ରିୟାକୁ ୨ଦିନ ପର୍ଯ୍ୟନ୍ତ ବଢ଼ାଯାଇଥିଲା। ତେବେ ଉପୁଜିଥିବା ସମସ୍ୟାର ସମାଧାନ କରାଯାଇ ରବିବାର ସୁଦ୍ଧା ଧାନ ଉଠିବାର ବ୍ୟବସ୍ଥା କରାଯିବ।

# ବନାଗ୍ନି ରୋକିବାକୁ ବ୍ୟାପକ ପ୍ରସ୍ତୁତି

- ଅନୁଗୋଳ ବନଖଣ୍ଡରେ ନିୟୋଜିତ ହେବ ୧୦ ସ୍କ୍ୱାଡ୍
- ୩୭୫ କି.ମି. ହେବ ଅଗ୍ନି ନିରୋଧକ ପଟି, ୩୪ ମଞ୍ଚା

ଅନୁଗୋଳ, ୧୩।୨ (ମାନସ ବିଶ୍ୱାଳ)

ମନୁଷ୍ୟକୃତ ବନାଗ୍ନି ରୋକିବା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ନିଆଁ ଲିଭାଇବାକୁ କର୍ମଚାରୀଙ୍କୁ ତାଲିମ ଦିଆଯିବା ସହ ସ୍କ୍ୱାଡ୍‌ଙ୍କୁ ନିୟୋଜିତ କରାଯାଉଛି। ମାତ୍ର ନିଆଁ ଉପରେ ରୋକ୍ ଲାଗୁ ନ ଥିବା ଅନେକ ସମୟରେ ଦେଖିବାକୁ ମିଳୁଛି। ତେବେ ଚଳିତବର୍ଷ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବାନେଇ ଅନୁଗୋଳ ବନଖଣ୍ଡ ପକ୍ଷରୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏଥିସହ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ସୂଚନା ମୁତାବକ, ଅନୁଗୋଳ ବନଖଣ୍ଡରେ ଥିବା ୬ଟି ବନାଞ୍ଚଳରେ ପ୍ରତିବର୍ଷ ନିଆଁ ଲାଗୁଛି। ପୁରୁଣାଗଡ଼, କୃଷ୍ଣଚନ୍ଦ୍ରଗଡ଼, କନ୍ଧକୋଇଲି, ଅନ୍ତୁଲିଆ, ଦେବୀନଗର, ଦୁର୍ଗାପୁର, କୋଲାର ଡେଙ୍ଗାପାଳ, ଲୁଧାଝରୀ, ରଥିପୁର, କନ୍ହେଇଜେନା, ନୂଆଖେତା ଓ ବଲଙ୍ଗ ବନାଞ୍ଚଳ ବିଭାଗର ଟାର୍ଗେଟରେ ରହିଛି। ବନ୍ୟଜନ୍ତୁ ଶିକାର, ମହୁଲ ଫୁଲ ସଂଗ୍ରହ, ବଣଭୋଜି ନିଆଁ ଲାଗିବାର କାରଣ କୁହାଯାଉଛି। ଫେବୃଆରୀ, ମାର୍ଚ୍ଚ ମାସ ପ୍ରଥମ ସପ୍ତାହରୁ ଜଙ୍ଗଲରେ ନିଆଁ ଲାଗୁଛି। ୨୦୨୪ ମସିହାରେ ଏହି ବନଖଣ୍ଡର ଛେଣ୍ଡିପଦା, କଣିହାଁ, ଜରପଡା, ବନ୍ତଲା, ଅନୁଗୋଳ, ତାଳଚେର ବନାଞ୍ଚଳର ୩୨୦ଟି ସ୍ଥାନ ସହ ୨୩ ହେକ୍ଟର ଜଙ୍ଗଲ ଜମିରେ ନିଆଁ ଲାଗିଥିଲା। ସେଥିମଧ୍ୟରୁ ୬୫ଟି ସ୍ଥାନରେ ଲାଗିଥିବା ନିଆଁ ଖଣି ଅଞ୍ଚଳର ଥିଲା। ସେହିପରି ୨୦୨୫ରେ ୩୦୭ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ୯ ହେକ୍ଟର ଜଙ୍ଗଲ ଜମି ଚିହ୍ନଟ କରାଯାଇଥିଲା। ତେବେ ଜଙ୍ଗଲ ନିଆଁକୁ ହ୍ରାସ କରିବାକୁ ଚଳିତବର୍ଷ ବନ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି। ବନ ବିଭାଗ ପକ୍ଷରୁ ୧୧୪ଟି ପତ୍ର ଉଡ଼ାଇବା ମେସିନ ଅଣାଯାଇଛି। ଏହି ମେସିନ ଦ୍ୱାରା ୩୭୫ କିଲୋମିଟର ଜଙ୍ଗଲରେ ଅଗ୍ନି ନିରୋଧକ ପଟି କରାଯାଇପାରିବ। ଏହାଦ୍ୱାରା ଅଗ୍ନି ବ୍ୟାପକତା କମିଯିବ। ସେହିପରି ପଥପ୍ରାନ୍ତ ନାଟକ, ପାଲା, ଦାସକାଠିଆ ଜରିଆରେ ଲୋକଙ୍କୁ ସଚେତନ କରାଯିବ। ପ୍ରତି ବନାଞ୍ଚଳର ୬ଟି ସ୍କ୍ୱାଡ୍‌ରେ ୬୦ ଜଣଙ୍କୁ ନିଯୋଜିତ କରାଯିବ। ମହୁଲ ଫୁଲ ସଂଗ୍ରହ ପାଇଁ ଗଛ ଚାରିପଟରେ ଲୋକମାନେ ନିଆଁଲଗାଇ ସଫା ରଖନ୍ତି, ଏହାକୁ ବାରଣ କରାଯିବ। ବନ ବିଭାଗ ପକ୍ଷରୁ ୧୧୭୦ଟି ମହୁଲ ଗଛ ମୂଳ ସଫା କରାଯିବାର ସ୍ଥିର କରାଯାଇଛି। ଜଙ୍ଗଲ ନିଆଁକୁ ଦୂରରୁ ଦେଖିପାରିବା ପାଇଁ ୩୪ଟି ମଞ୍ଚା ପ୍ରସ୍ତୁତ କରାଯିବ। ଜଙ୍ଗଲ ନିଆଁ ରୋକିବାକୁ ସବୁ ପ୍ରକାରର ଉଦ୍ୟମ ସହିତ, ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଉଛି।


**DISTRICT PROJECT OFFICE, SAMAGRA SIKSHA, JHARSUGUDA**

ସମଗ୍ର ଶିକ୍ଷା / समग्र शिक्षा / Samagra Shiksha

No.343/TE/2026 Dated 12.02.2026

**TENDER CALL NOTICE FOR SUPPLY OF BRASS AND PIPE BAND EQUIPMENTS & UNIFORM (BOYS & GIRLS)**

No.27001/18/2526: Sealed tenders under four bid systems are invited from the reputed authorized agency/ supplier/ manufacturer having valid PAN, GST & IT for supply of Brass and pipe band instruments & Uniform (Boys & Girls) for Eight (08) nos. of PM SHRI Schools of Jharsuguda District in two bid systems (Technical & Commercial Bid) as detailed below:

| Name of the Tender | Bid Processing fees | Amount of EMD | Last Date & Time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Brass and pipe band instruments & Uniform (Boys & Girls) for Eight (08) nos of PM SHRI Schools | Rs.5000/- | Rs.60,000/- | 26.02.2026, 12 P.M. | 26.02.2026, 03 PM |

The detailed BID document is available in the website http://jharsuguda.odisha.gov.in./ http://osepa.odisha.gov.in. Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/ reject any full or part/ all BID/ cancel the entire selection process at any stage without assigning any reason thereof.

By the order of Collector-cum-Chairman,
OIPR-27001/27153/1/25-26/0004 Sd./- District Project Coordinator, SS, Jharsuguda

**CUTTACK MUNICIPAL CORPORATION**

TENDER CALL NOTICE

No. 485/H.O Dt.09.02.26

No.13001/215/2526 : Cuttack Municipal Corporation invites sealed tenders from interested Manufactures/ Authorized Dealers/Suppliers for Supply of Allopathic Medicine and surgical items for Animal Birth Control Programme for the year 2026-27.

The details can be downloaded from the official website www.cmccuttack.odisha.gov.in The last date of submission of Tender documents is up to 4.00 P.M dt. 06.03.2026

Sd./- Commissioner
OIPR-13001/13031/1/25-26/0025 Cuttack Municipal Corporation

**Bhubaneswar Municipal Corporation**

Phone No.0674-2431253, e-mail: info@bmc.gov.in

Letter No.8588 Date-12.2.26

**ସର୍ବସାଧାରଣ ବିଜ୍ଞପ୍ତି**

**ପରିମଳ ସେବା ଦେୟ (ୟୁଜର ଫି) ସଂଗ୍ରହ ସମ୍ପର୍କେ**

**13001/220/2526:** ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ସମସ୍ତ ନାଗରିକ, ବ୍ୟବସାୟୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ (SWM Rule 2016) ଏବଂ ଭୁବନେଶ୍ୱର ମହାନଗର ନିଗମ ଉପବିଧି ୨୦୧୮କୁ ଭିତ୍ତିକରି ବର୍ଜ୍ୟ ସଂଗ୍ରହ ନିମନ୍ତେ ପରିମଳ ସେବା ଦେୟ (ୟୁଜର ଫି) ଆଦାୟ କରାଯାଉଅଛି । ଏହି ୟୁଜର ଫି ଆଦାୟ କରିବା ପାଇଁ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର ଏବଂ ସାନିଟାରି ଇନ୍ସପେକ୍ଟରମାନେ ଘରକୁ ଘର ଯାଇ ନିର୍ଦ୍ଧାରିତ ଦେୟ କ୍ୟୁଆର କୋଡ୍ ଏବଂ ୟୁପିଆଇ ID- commissionerbmcacuse.70504260@hdfcbank ମାଧ୍ୟମରେ ସଂଗ୍ରହ କରିଆସୁଛନ୍ତି ।

ସୂଚନାଯୋଗ୍ୟ କି, ୟୁଜର ଫି ଦେବା ଦ୍ୱାରା ବିଏମ୍‌ସି ଅଞ୍ଚଳର ବର୍ଜ୍ୟ ସଂଗ୍ରହ ତ୍ୱରାନ୍ୱିତ ହୋଇପାରିବ ଏବଂ ଚାଲୁ ରହିଥିବା ସ୍ୱଚ୍ଛ ସର୍ବେକ୍ଷଣର ମାନାଙ୍କ (ପାରାମିଟର) ଉଚ୍ଚ ହେବାରେ ସହାୟକ ହେବ । ଅନ୍ୟପକ୍ଷରେ, ଭୁବନେଶ୍ୱରର ପରିମଳ ପରିଚାଳନା ଅଧିକ ତ୍ୱରାନ୍ୱିତ ହେବ । ୟୁଜର ଫି ଏକାଥରକେ ଆର୍ଥିକ ବର୍ଷ 2025-26 ପାଇଁ ଆଦାୟ କରାଯାଉଅଛି । ଏଣୁ ବିଏମ୍‌ସି ଅଞ୍ଚଳର ପ୍ରତ୍ୟେକ ବାସିନ୍ଦା, ବ୍ୟବସାୟୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନଙ୍କୁ ଅନୁରୋଧ, ଆପଣମାନେ ନିଜ ନିଜର ୟୁଜର ଫି ଦିଅନ୍ତୁ ଏବଂ ଭୁବନେଶ୍ୱରର ପରିମଳ ପରିଚାଳନାକୁ ଅଧିକ ସୁଦୃଢ଼ କରିବାରେ ସହଯୋଗର ହାତ ବଢାନ୍ତୁ । ୟୁଜର ଫି ବାବଦରେ ଅଧିକ ବିବରଣୀ ଓ ଧାର୍ଯ୍ୟ ଦେୟ ପାଇଁ ବିଏମ୍‌ସି ୱେବ୍‌ସାଇଟ୍ www.bmc.gov.in କୁ ଅନୁସରଣ କରନ୍ତୁ ।

**ଆପଣଙ୍କ ସହଯୋଗରେ ଗଢିଉଠୁ ସ୍ୱଚ୍ଛ ସବୁଜ ଭୁବନେଶ୍ୱର**

| ହାତକୁ ହାତ ମିଳାଇ | ଆସ କରିବା ସଫେଇ । |
|---|---|

ନିବେଦନ
OIPR-13001/13002/1/25-26/0024 ଭୁବନେଶ୍ୱର ମହାନଗର ନିଗମ

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ**

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮, ଭୁବନେଶ୍ୱର-୭୫୧୦୧୨

Tel:0674-2562368/2561909, EPABX:2653800

E-mail:paribesh1@ospcboard.org, Website: www.ospcboard.org

ପତ୍ର ସଂଖ୍ୟା–୧୯୮୬/IND-I-SWM-MISC-138/2025-26 ତା.୧୧.୦୨.୨୦୨୬

No. 8001/67/2526

**ସାର୍ବଜନୀନ ସୂଚନା**

ପରିବେଶ ସୁରକ୍ଷା ନିମନ୍ତେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ ଏବଂ ପରବର୍ତ୍ତୀ ସଂଶୋଧିତ ନିୟମରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାରକୁ ନିଷେଧ କରାଯାଇଛି । ଏଣୁ ସର୍ବସାଧାରଣଙ୍କୁ ମନ୍ଦିର ପରିସରରେ ପୂଜା ସାମଗ୍ରୀ ନେବା, ପ୍ରସାଦ ସେବନ କରିବା ତଥା ଖାଦ୍ୟ ସାମଗ୍ରୀ ନେବା ନିମନ୍ତେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ କରିବାକୁ ନିର୍ଦ୍ଦେଶ ଦିଆଯାଉଛି । ପ୍ଲାଷ୍ଟିକ ଅଳିଆ ଆବର୍ଜନା ଯୋଗୁଁ ହେଉଥିବା ପ୍ରଦୂଷଣ ହ୍ରାସ କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏହି ସୂଚନାର ମୂଳ ଉଦ୍ଦେଶ୍ୟ । ତେଣୁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଉଛି ।

**ଭକ୍ତ ଏବଂ ବିକ୍ରେତାଙ୍କ ପାଇଁ**

୧) ମନ୍ଦିର ପରିସରରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବଦଳରେ ମନ୍ଦିରକୁ ପୂଜା ପ୍ରସାଦ ନେବା ପାଇଁ ବାଉଁଶ ଟୋକେଇ, ପତ୍ର ତିଆରି ଠୋଲା, ପୁନଃବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଟୋକେଇ ବ୍ୟବହାର କରନ୍ତୁ ।
୨) ମନ୍ଦିର ପରିସରରେ ଏବଂ ଆଖପାଖ ଅଞ୍ଚଳରେ କେବଳ ଉପରୋକ୍ତ ଅନୁମୋଦିତ ଜିନିଷଗୁଡିକରେ ପୂଜା ସାମଗ୍ରୀ ଓ ପ୍ରସାଦ କ୍ରୟ ବିକ୍ରୟ କରନ୍ତୁ ।

**ମନ୍ଦିର ପ୍ରଶାସକଙ୍କ ପାଇଁ–**

୧) ପୂଜା ସାମଗ୍ରୀ ପାଇଁ ବାଉଁଶ ଟୋକେଇ, ପତ୍ର ତିଆରି ଠୋଲା, ପୁନଃବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଟୋକେଇ ଉପଲବ୍ଧ କରାନ୍ତୁ ।
୨) ଶୁଖିଲା ଅଳିଆ ଏବଂ ଓଦା ଅଳିଆ ସଂଗ୍ରହ ପାଇଁ ପୃଥକ ରଙ୍ଗିନ ଡଷ୍ଟବିନ ବ୍ୟବସ୍ଥା କରାନ୍ତୁ ।
୩) ପୌରପାଳିକାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଳିଆ ସଂଗ୍ରହକାରୀଙ୍କୁ ଅଳିଆ ହସ୍ତାନ୍ତର କରାନ୍ତୁ ।
୪) ପ୍ରସାଦ/ଖାଦ୍ୟ ପରିବେଷଣ ପାଇଁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍/ ଥର୍ମକୋଲ୍ କଟଲେରୀ (ଯେପରିକି କପ୍ ଏବଂ ପ୍ଲେଟ୍, ପ୍ଲାଷ୍ଟିକ୍ ଷ୍ଟ୍ର, ଛୁରି, କଣ୍ଟା ଚାମଚ) ଏବଂ ୧୨୦ ମାଇକ୍ରୋନ୍‌ରୁ କମ୍ ପ୍ଲାଷ୍ଟିକ୍ କ୍ୟାରିବ୍ୟାଗ ବ୍ୟବହାର ନକରିବା ପାଇଁ ମନ୍ଦିର ଓ ଏହାର ନିକଟବର୍ତ୍ତୀ ହୋଟେଲ/ ରେଷ୍ଟୁରାଣ୍ଟ/ସ୍ଥାନୀୟ ବିକ୍ରେତାମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ।
୫) ଜୈବ ବିଘଟନ ଯୋଗ୍ୟ କଟଲେରୀ (ଯଥା- ପତ୍ର ପ୍ଲେଟ୍, କାଠ ଚାମଚ, କାଗଜ ଷ୍ଟ୍ର, କାଗଜ ପ୍ଲେଟ୍, ଧାତୁ ପ୍ଲେଟ୍ ଇତ୍ୟାଦି) କିମ୍ବା କମ୍ପୋଷ୍ଟେବଲ୍ ପ୍ଲାଷ୍ଟିକ୍‌ରେ ତିଆରି କଟଲେରୀ ଉପଲବ୍ଧ କରାନ୍ତୁ ।
୬) ମନ୍ଦିର ପରିସରରେ ଥିବା ପୋଖରୀ କିମ୍ବା ଜଳାଶୟରେ ଭକ୍ତଙ୍କ ଦ୍ୱାରା ନୈବେଦ୍ୟ ବିସର୍ଜନ ନିମନ୍ତେ ଏକ ଆବଦ୍ଧ ଅଞ୍ଚଳ ଚିହ୍ନଟ କରନ୍ତୁ, ଯଦ୍ୱାରା ଏହି ବିସର୍ଜନ ସାମଗ୍ରୀଗୁଡିକୁ ପରବର୍ତ୍ତୀ ସମୟରେ ସହଜରେ ନିଷ୍କାସନ କରାଯାଇପାରିବ ।
୭) ପୂଜା ପରବର୍ତ୍ତୀ ବଳକା ଅଳିଆଗୁଡିକୁ ଉପଯୁକ୍ତ ଡବା ଏବଂ ପୋଖରୀର ଆବଦ୍ଧ ଅଞ୍ଚଳରେ ବିସର୍ଜନ କରିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରନ୍ତୁ ।

**ଆସନ୍ତୁ ମନ୍ଦିର ପରିସରକୁ ସ୍ୱଚ୍ଛ ଏବଂ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ରଖିବା ପାଇଁ ପ୍ରତିଜ୍ଞାବଦ୍ଧ ହେବା ।**

OSPCB-MSW-MISC-0014-2025/4/2026 OIPR-8001/8012/1/25-26/0012 ସ୍ୱା./– ସଦସ୍ୟ ସଚିବ

# ରାସ୍ତା ଉପରୁ ହଟୁନି ବିଦ୍ୟୁତ୍ ଖୁଣ୍ଟ, ଗଛ

## ଜିଲାପାଳଙ୍କଠାରେ ଅଭିଯୋଗ କଲେ ଅଞ୍ଚଳବାସୀ

ବଇଣ୍ଡା, ୧୩।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଠାରୁ ଭାୟା ଆମ୍ବସରମୁଣ୍ଡା ଦେଇ ରଣିଆକଟା ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ପୂର୍ତ୍ତ ବିଭାଗ ରାସ୍ତା ଉପରୁ ବିଦ୍ୟୁତ୍ ଖୁଣ୍ଟ ଓ ଗଛ ହଟାଯାଉନାହିଁ। ଫଳରେ ଦୁର୍ଘଟଣା ଆଶଙ୍କା ବଢୁଥିବାରୁ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ବଇଣ୍ଡା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନ ଥିବା ଯୋଗୁ ଶୁକ୍ରବାର ଆମ୍ବସରମୁଣ୍ଡା ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ବହୁ କୋଟି ଟଙ୍କା ବ୍ୟୟରେ ଠାକୁରଗଡ଼ ଠାରୁ ଭାୟା ଆମ୍ବସରମୁଣ୍ଡା ଦେଇ ରଣିଆକଟା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଉଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଆବଶ୍ୟକ ତଦାରଖ ଅଭାବରୁ କାର୍ଯ୍ୟ ନିମ୍ନମାନର ହେଉଛି। ବିଶେଷକରି ଠାକୁରଗଡ଼ ଠାରୁ ଆମ୍ବସରମୁଣ୍ଡା ପର୍ଯ୍ୟନ୍ତ ୮ କି.ମି. ରାସ୍ତା ଉପରେ ୬ଟି ବିଦ୍ୟୁତ୍ ଖୁଣ୍ଟ ସହ ୧୨ଟି ବିଭିନ୍ନ ପ୍ରକାର ଗଛ ରହିଛି। ହେଲେ ସେଗୁଡ଼ିକ ଠିକା ସଂସ୍ଥା ପକ୍ଷରୁ ହଟାଯାଉ ନାହିଁ। କିଛିଦିନ ତଳେ ଜଣେ ବାଇକ୍ ଆରୋହୀ ବିଦ୍ୟୁତ ଖୁଣ୍ଟରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଏହି ଅଞ୍ଚଳରେ ରାସ୍ତା କାମ ସରିଥିଲେ ହେଁ ବିଦ୍ୟୁତ୍ ଖୁଣ୍ଟ ଓ ଗଛ ସ୍ଥାନାନ୍ତର କରାଯାଉ ନ ଥିବାରୁ ଦୁର୍ଘଟଣା ଆଶଙ୍କା ବୃଦ୍ଧିପାଉଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ସନ୍ତୋଷ ବେହେରା କହିଛନ୍ତି, ରାସ୍ତାରୁ ଗଛ ସହ ବିଦ୍ୟୁତ୍ ଖୁଣ୍ଟ ହଟାଇବା ପାଇଁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି।



ରାସ୍ତା ଉପରେ ଥିବା ଗଛ ଓ ବିଦ୍ୟୁତ୍ ଖୁଣ୍ଟ।


# ଦୁଇ ବାଇକ୍ ଧକ୍କା, ୨ ଗୁରୁତର

## ବିଳମ୍ବରେ ପହଞ୍ଚିଲା ୧୦୮ ଆମ୍ବୁଲାନ୍ସ

ସନ୍ନିଛକ, ୧୩।୨ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ମହୀଧରପୁର ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ୨ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ବଅଁରପାଳ ବ୍ଲକ ତଳମୂଳ ଗ୍ରାମର ମୁନା ବ୍ରହ୍ମ (୩୫) ଏବଂ ହିନ୍ଦୋଳ ବ୍ଲକ ବରଡ଼ାପାଳ ଗ୍ରାମର ପିନୁ ପ୍ରଧାନ (୨୮) ଗୁରୁତର ହୋଇଛନ୍ତି। ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲେ ହେଁ ପ୍ରାୟ ୫୦ ମିନିଟ୍ ପରେ ମଧ୍ୟ ଆମ୍ବୁଲାନ୍ସ ଆସି ନ ଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଶେଷରେ ଉଦ୍ୟକ୍ତ ଲୋକେ ପୋଲିସ ସହାୟତାରେ ଏକ ଅଟୋରେ ଗୁରୁତର ପିନୁଙ୍କୁ ସ୍ଥାନୀୟ ମେଡିକାଲ ଓ ପରେ ମୁନାଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଘଟଣାସ୍ଥଳରେ ମହୀଧରପୁର ଫାଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିବା ସହ ଅଧିକ ତଦନ୍ତ ଜାରି ରଖିଛି।

# ଅଞ୍ଚଳବାସୀଙ୍କ ସହ ଆଲୋଚନା କଲେ ବିଧାୟକ



ଗ୍ରାମବାସୀଙ୍କ ସହ ଆଠମଲ୍ଲିକ ବିଧାୟକ।

ବଇଣ୍ଡା, ୧୩।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଠେଲକନାଳି ପଞ୍ଚାୟତର ସରିଗିପାଲି, ଠେଲକନାଳି, ବିସିପାଲି, କନ୍ଧରାମୁଣ୍ଡା ଆଦି ଗ୍ରାମକୁ ଶୁକ୍ରବାର ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଗସ୍ତ କରି ଲୋକଙ୍କ ସହ ଆଲୋଚନା କରିଛନ୍ତି। କିପରି ସାଧାରଣ ଲୋକେ ସରକାରଙ୍କ ସମସ୍ତ ଯୋଜନାର ସୁଫଳ ଠିକ୍ ଭାବେ ପାଇପାରିବେ ସେ ନେଇ ଆଲୋଚନା କରିଥିଲେ। ସେହିପରି ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ହେଉଥିବା ଉନ୍ନୟନମୂଳକ କାମଗୁଡ଼ିକର ତଦାରଖ କରିଥିଲେ। ଯେଉଁ ସମସ୍ୟା ରହିଛି ସେ ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଇବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟା ଅନୁପମା ସାହୁ, ବିଜେଡି ବ୍ଲକ ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, ଅବନୀ ବିଶ୍ୱାଳ, ଚନ୍ଦ୍ରଶେଖର ସାହୁ, ସୁଶୀଳ କୁମାର ସାହୁ, କେଦାର ସାହୁ, ଅଫେତ୍ୟ ସାହୁ, ରୋହିତ ମାଝୀ, ଅଶୋକ ପ୍ରଧାନ, ବୃନ୍ଦାବନ ପ୍ରଧାନ, ମନୋଜ ପ୍ରଧାନ, ସାନନ୍ଦ ପ୍ରଧାନ, ପବିତ୍ର ସାହୁ, ଭଗବାନ ପେଣ୍ଡେଇଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।

# ବିଷିରୀ ଯାତ୍ରା ଉଦ୍‌ଯାପିତ



ପାଲଲହଡ଼ା, ୧୩।୨ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ବ୍ଲକ ପେଚାମୁଣ୍ଡି ପଞ୍ଚାୟତ ପେଚାମୁଣ୍ଡି ଗ୍ରାମରେ ମା' ବିଷିରୀଙ୍କ ଯାତ୍ରାର ଖନ୍ଦାଶାଳ ପୂଜା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ଆୟୋଜିତ ସଭାରେ ବିଧାୟକ କହିଥିଲେ, ସରକାରଙ୍କ ୧୯ ମାସରେ ପଞ୍ଚାୟତରେ ଗମନାଗମନ ସୁବିଧା ପାଇଁ ୧୨ କୋଟି ଟଙ୍କାର ୩ଟି ମୁଖ୍ୟ ରାସ୍ତାକୁ ମଞ୍ଜୁରୀ ଦିଆଯାଇଛି। ଗ୍ରାମ କୋଠଘର ନିର୍ମାଣ ପାଇଁ ବିଧାୟକଙ୍କ ଆଞ୍ଚଳିକ ବିକାଶ ପାଣ୍ଠିରୁ ୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ବରିଷ୍ଠ ନେତା ଲିଙ୍ଗରାଜ ଦାସ, ପଞ୍ଚାନନ ସାହୁ, ଭାଜପା ପାଲଲହଡା ମଣ୍ଡଳ ସଭାପତି ଆଶିଷ ସାମଲ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଆଇଆଇଏମ୍‌ସିରେ ବିଶ୍ୱ ରେଡିଓ ଦିବସ

ଢେଙ୍କାନାଳ, ୧୩।୨ (ରତନ ନାୟାର)

ରେଡିଓ ହେଉଛି ଏକ ତତ୍କାଳ ଶ୍ରାବ୍ୟ ଗଣମାଧ୍ୟମ। ସ୍ୱର ସଂରଚନା ମାଧ୍ୟମରେ ଏହା ଲୋକଙ୍କୁ ଯୋଡ଼ିଥାଏ । ଏକ ସରଳରୈଖିକ ଗଣମାଧ୍ୟମ ହୋଇଥିବାରୁ ଏହାର ପ୍ରତ୍ୟେକ ଶବ୍ଦ କିପରି ଲୋକଙ୍କ ପାଖରେ ଠିକ ଢଙ୍ଗରେ ପହଞ୍ଚିବ ସେ ନେଇ ଯତ୍ନବାନ ହେବାକୁ ପଡ଼ିଥାଏ। ଅପରପକ୍ଷରେ ନାନା ପ୍ରକାର ଗଣମାଧ୍ୟମ ମୁଣ୍ଡ ଟେକୁଥିବା ସତ୍ତ୍ୱେ ଆଗାମୀ ଦିନରେ ରେଡିଓର ଲୋକପ୍ରିୟତା ଆହୁରି ଅଧିକ ବଢ଼ିବ। ଢେଙ୍କାନାଳ ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମ୍‌ସି) ଆନୁକୂଲ୍ୟରେ ଶୁକ୍ରବାର ବିଶ୍ୱ ରେଡିଓ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଅଧ୍ୟକ୍ଷତା କରି ବିଦ୍ୟାର୍ଥୀଙ୍କ ଉଦ୍ଦେଶ୍ୟରେ ଏପରି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ସମସ୍ତ ଶିକ୍ଷକ, ବିଦ୍ୟାର୍ଥୀ ଓ କର୍ମଚାରୀ ସାମିଲ ହୋଇଥିଲେ। ଇଂଲିଶ ଓ ଓଡ଼ିଆ ସାମ୍ବାଦିକତା ବିଭାଗର ବିଦ୍ୟାର୍ଥୀମାନେ ବିଭିନ୍ନ ଗ୍ରୁପରେ ଲାଇଭ ରେଡିଓ ବୁଲେଟିନ୍ ପରିବେଷଣ କରିବା ସହ ରେଡିଓ ଦିବସ ଉପରେ ସ୍ୱତନ୍ତ୍ର ଫିଚର କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଡ. ବିରଞ୍ଚି ନାରାୟଣ ସେଠ, ଡ. ଋତସ୍ରୋତା ଜେନା ଓ ହରେକୃଷ୍ଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିବର୍ଷ ୧୩ ଫେବୃଆରୀକୁ ବିଶ୍ୱ ରେଡିଓ ଦିବସ ଭାବେ ପାଳନ କରାଯାଉଥିବା ବେଳେ ଚଳିତବର୍ଷର ଥିମ୍ 'କୃତ୍ରିମ ବୁଦ୍ଧିମତା ଏକ ଯନ୍ତ୍ରାଂଶ, ସ୍ୱର ନୁହେଁ' ରହିଛି ।



ଆଇଆଇଏମ୍‌ସିରେ ବିଶ୍ୱ ରେଡିଓ ଦିବସ ପାଳନ କରାଯାଉଛି।

# କେନ୍ଦ୍ରୀୟ ବିଦ୍ୟାଳୟ ଜଗନ୍ନାଥ କ୍ଷେତ୍ରର ବାର୍ଷିକ ଉତ୍ସବ

ତାଳଚେର, ୧୩।୨ (ମନୋଜ ନନ୍ଦ)

ତାଳଚେରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ପକ୍ଷରୁ ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ଆଶା କୁମାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏ.କେ. ଦାସ (ସାଧାରଣ ପରିଚାଳକ, ଖଣି ଖନନ ସଂସ୍ଥା) ଏବଂ ସମ୍ମାନିତ ଅତିଥି ଭାବେ ସୁଖଦେବ ସେଠ (ସାଧାରଣ ପରିଚାଳକ, ଏ.ଏଚ୍.ଆର୍.ଏମ୍.) ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଦାସ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି କହିଥିଲେ, ଶିକ୍ଷା କେବଳ ପୁସ୍ତକ ଭିତରେ ସୀମିତ ନୁହେଁ, ଏହା ଜୀବନର ପ୍ରତ୍ୟେକ ମାର୍ଗରେ ସଫଳତା ଓ ଉତ୍କର୍ଷ ହାସଲ କରିବାର ଏକ ମୁଖ୍ୟ ଉପାୟ। ଶିକ୍ଷକ କମଲ ଓ ଶିକ୍ଷୟିତ୍ରୀ ପ୍ରଜ୍ଞା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ସହରରେ ବୃଦ୍ଧି ପାଉଛି ମଶାବଂଶ

ଅନୁଗୋଳ, ୧୩।୨ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ସହରରେ ମଶାବଂଶ ବୃଦ୍ଧି ହେବାରେ ଲାଗିଛି। ସଞ୍ଜ ହେବା ମାତ୍ରେ ବାହାରେ କୌଣସି ସ୍ଥାନରେ ଛିଡ଼ା ହେବା କଷ୍ଟକର ହୋଇପଡୁଛି। ଦିନ ସମୟରେ ମଧ୍ୟ ଛାଇ ଏବଂ ସନ୍ତସନ୍ତିଆ ସ୍ଥାନରେ ମଶାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। କେତେକ ସ୍ଥାନରେ ଠିକ୍ ଭାବେ ନାଳଗୁଡ଼ିକ ସଫା ହୋଇପାରୁ ନ ଥିବାରୁ ପାଣି ଜମି ରହି ମଶା ବଂଶ ବୃଦ୍ଧି ଘଟୁଛି। ବାରମ୍ବାର ଅଭିଯୋଗ ପରେ ଏବେ କିଛି ସ୍ଥାନରେ ପୌରପାଳିକା ମଶା ତେଲ ପକାଉଥିବା ଦେଖାଯାଉଛି। ଅନୁଗୋଳରେ ଏବେ ଶୀତ କମିଥିବାବେଳେ ତାପମାତ୍ରା ବଢ଼ିବା ଆରମ୍ଭ କରିଛି। ଏହାସାଙ୍ଗକୁ ସହର ଭିତରେ ଥିବା ଭଙ୍ଗା ଡ୍ରେନ୍ ଆଦି ସ୍ଥାନଗୁଡିକରେ ମଶା ବଂଶ ବଢ଼ିବା ପାଇଁ ଉପଯୁକ୍ତ ପରିବେଶ ଥିବାରୁ ମଶା ସଂଖ୍ୟା ବଢିଥିବା କୁହାଯାଉଛି। ବର୍ତ୍ତମାନ ସୁଦ୍ଧା ଅଧାରୁ ଅଧିକ ୱାର୍ଡରେ ମଶା ମାରିବାକୁ ତେଲ ପକାଯାଇଛି। ଶୁକ୍ରବାର ୯, ୬, ୧୫ ନମ୍ବର ୱାର୍ଡରେ ତେଲ ସିଞ୍ଚନ କରାଯାଇଥିବା ବେଳେ ଏହା ପର୍ଯ୍ୟାୟ କ୍ରମେ ଚାଲୁ ରହିବ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି।

# ଉପଜିଲାପାଳଙ୍କୁ ୬ଟି ଏସ୍‌ଏଚ୍‌ଜିର ଅଭିଯୋଗ

ପାଲଲହଡା, ୧୩।୨ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ବ୍ଲକ ପବିତ୍ରପୁର ପଞ୍ଚାୟତର ଏକ ପୋଖରୀରେ ମାଛ ଯାଆଁଳ ଛାଡିବାରେ ଲକ୍ଷାଧିକ ଟଙ୍କା ଦୁର୍ନୀତି ସହ ୬ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ଅଣଦେଖା କରାଯାଇଥିବା ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରେ ଉଲ୍ଲେଖ କରାଯାଇଛି, ମାଛ ଚାଷ ପାଇଁ ଏକ ଗାଁର ଗୋଟିଏ ଏସ୍‌ଏଚ୍‌ଜି ସହ ୬ଟି ଏସ୍‌ଏଚ୍‌ଜି ୨୦୨୪ ମସିହାରେ ପୋଖରୀ ନିଲାମ ନେଇ ମାଛ ଯାଆଁଳ ଛାଡିଥିଲେ। କିନ୍ତୁ ଗୋଟିଏ ଗୋଷ୍ଠୀର ସଭାନେତ୍ରୀ ଓ ସମ୍ପାଦିକା ସବ୍‌ସିଡ୍ ଟଙ୍କା ହଡ଼ପ କରିନେଇଛନ୍ତି। ଏଥିସହ ସାମୂହିକ ନିଷ୍ପତ୍ତିକୁ ମାନୁନାହାନ୍ତି। ମତ୍ସ୍ୟ ବିଭାଗର ଜଣେ ଅଫିସର ମିଥ୍ୟା ବିଲ୍ କରୁଛନ୍ତି। ଏ ସମ୍ପର୍କରେ ମତ୍ସ୍ୟ ବିଭାଗ ଅଧିକାରୀ ଆକାଶ କୁମାର ନାଏକ କହିଛନ୍ତି, କୌଣସି ଅନିୟମିତତା ହେଇନାହିଁ। ସମ୍ପୃକ୍ତ ଗୋଷ୍ଠୀକୁ ଟଙ୍କାଟିଏ ମଧ୍ୟ ଦିଆଯାଇନାହିଁ। ଉକ୍ତ ଗୋଟିଏ ଗୋଷ୍ଠୀର ସଭାନେତ୍ରୀ କହିଛନ୍ତି, ନିଜ ହାତରୁ ଖର୍ଚ୍ଚ କରି ମାଛ ଯାଆଁଳ ସହ ମାଛ ଦାନା ଆଣିଛୁ। ଏପର୍ଯ୍ୟନ୍ତ ଟଙ୍କାଟେ ପାଇନୁ। ଆସିଥିବା ଅଭିଯୋଗ ମିଥ୍ୟା।

# ରାଇଜିଂ ଷ୍ଟୁଡେଣ୍ଟ ଫାଇନାଲରେ

ବଅଁରପାଳ, ୧୩।୨ (ସୁବାସ ସାହୁ)

ବଅଁରପାଳ ବ୍ଲକ ଗୋତମରା ଖେଳ ପଡ଼ିଆରେ ଚାଲିଥିବା ୧୩ତମ ସର୍ବ ଭାରତୀୟ ଏ.ପି. ସିଂହ ମେମୋରିଆଲ ଏବଂ ୩୩ତମ ମା ବ୍ରହ୍ମାୟଣୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍‌ଆର୍‌ସିଏ କୁଲାଡ଼ ଏବଂ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ମ୍ୟାଚ ଖେଳା ଯାଇଥିଲା। ଏଥିରେ ରାଇଜିଂ ଷ୍ଟୁଡେଣ୍ଟ କଟକ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପାଲଲହଡ଼ାର ପୂର୍ବତନ ବିଧାୟକ ମୁକେଶ ପାଳ ଏବଂ ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଅନୁଗୋଳ ବ୍ଲକ ବିଜେଡି ସଭାପତି ତଥା କୁମୁରିସିଂହା ସରପଞ୍ଚ ଦୁର୍ଯ୍ୟୋଧନ ସାହୁ, ଜିଲା ବିଜେଡିସମ୍ପାଦକ ଅଜିତ ଦ୍ୱିବେଦୀ, କାଉନସିଲର ସଦାନନ୍ଦ ପଣ୍ଡା, କାଉନସିଲର ସୁଶୀଲ ମୁଖୀ, କାଉନସିଲର ରଞ୍ଜିତ ମାଣ୍ଡୋଠିଆ, ଯୁବ ବିଜେଡି ନେତା ରଶ୍ମି ରଞ୍ଜନ ସାମଲ, ଅଶୋକ ସାହୁ, ନୀଳକଣ୍ଠ ସାହୁ, ସାମାଜିକ କର୍ମୀ ରାଜା ନାଥ, ବିଶ୍ୱଜିତ ନାଥ, ସତ୍ୟ ପ୍ରକାଶ ମିଶ୍ର ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। କ୍ଲବ ସଭାପତି ସୁବାସ ଚନ୍ଦ୍ର ପଟ୍ଟନାୟକ, ଯୁବ ନେତା ଅରୁଣାଭ ସିଂହ ଏବଂ ସମସ୍ତ ସଦସ୍ୟ ଖେଳ ପରିଚାଳନା କରିଥିଲେ।

# ପଞ୍ଚାୟତ ଭବନର ଭିତ୍ତିପ୍ରସ୍ତର ସ୍ଥାପନ

ଓଡ଼ାପଡ଼ା, ୧୩।୨ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ନୟାଭାଗୀରଥିପୁର ପଞ୍ଚାୟତ ଭବନ ଓ ପଞ୍ଚାୟତ ସଂଘ ଭବନ ନିର୍ମାଣ ପାଇଁ ୫୫ ନଂ. ଜାତୀୟ ରାଜପଥ ଗଉଡ଼କାଟେଣି ନିକଟରେ ହିନ୍ଦୋଳ ବିଧାୟିକା ସୀମାରାଣି ନାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ପାଢ଼ୀ, ଗ୍ରାମପଞ୍ଚାୟତ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ ଉପସ୍ଥିତ ଥିଲେ। ୩୫ ଲକ୍ଷ ବ୍ୟୟରେ ପଞ୍ଚାୟତ କାର୍ଯ୍ୟାଳୟ ଭବନ ଓ ୩୦ ଲକ୍ଷ ବ୍ୟୟରେ ପଞ୍ଚାୟତ ସଂଘ ଭବନ ନିର୍ମାଣ କରାଯିବ।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିକି), ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ଏବଂ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: (୧) ସିକେପି-ସେଣ୍ଟ୍ରାଲ-୨୫-୨୬-୬୪, ତାରିଖ: ୧୨।୦୨।୨୦୨୬;** ଚକ୍ରଧରପୁର ମଣ୍ଡଳର କ୍ଷେତ୍ରାଧିକାର ଅଧୀନରେ ପାକୁର/ବାକୁଡିହ/ରାଜଗ୍ରାମ/ବଡ଼ହରୱା/ପିନାରଗାରିଆ/ତଳଝରି କ୍ୱାରୀଠାରେ ୧୩୫୨୬୬ ସିୟୁଏମ୍ ୫୦ମିମି ଗେଜ୍ ମେଶିନ୍ କ୍ରଶଡ ହାର୍ଡ ଷ୍ଟୋନ୍ ବାଲାଷ୍ଟର ଯୋଗାଣ ଏବଂ ରେଳ ୱାଗନ୍/ହପର୍ସରେ ବୋଝେଇ କରିବା [ମାପ ଗନ୍ତବ୍ୟସ୍ଥଳୀରେ] । ₹୨୬,୯୮,୦୪,୨୬୮.୯୨; ₹୧୪,୯୯,୦୦୦/- । (୨) **ସିକେପି-ଇଷ୍ଟ-୨୫-୨୬-୫୩, ତାରିଖ: ୧୨।୦୨।୨୦୨୬;** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପୂର୍ବ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ (।) ଗୋଇଲକେରା ମହିଷାଣି ଷ୍ଟେଶନଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନୟନ/ଆଧୁନିକୀକରଣ । (।।) ବାହାଲଦା ରୋଡ୍‌ଠାରେ ୦୨ ୟୁନିଟ୍ ଟାଇପ୍ ।। କ୍ୱାର୍ଟର୍ସର ନିର୍ମାଣ । (।।।) ସିନିଠାରେ ଆର୍‌ପିଏଫ୍ ବାରାକ୍‌ର ଉନ୍ନତୀକରଣ/ସାମାନ୍ୟ ପରିବର୍ତ୍ତନ । ₹୧୦,୬୫,୧୦,୩୩୩.୮୧; ₹୬,୮୨,୬୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ଉଭୟ ପାଇଁ ୦.୦୦ । **ଖୋଲାଯିବା ତାରିଖ:** କ୍ର.ସଂ. ୧ ପାଇଁ ତା୦୯।୦୩।୨୦୨୬ରିଖ ଏବଂ କ୍ର.ସଂ. ୨ ପାଇଁ ତା୦୬।୦୩।୨୦୨୬ରିଖ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-।।। ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-।/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-1182)

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
Lt. No.832//Dt.9.02.2026

**CANCELLATION OF TENDER**

**No.25001/159/2526** : Due to some unavoidable circumstances tender for the road works invited vide this Office Bid Identification No.Online-EERKL-28/2025-26 by the Executive Engineer is hereby cancelled.

Sd./- Executive Engineer
R.W.Division-II, Sundargarh
OIPR-25001/25193/1/25-26/0028

**GOVERNMENT OF ODISHA** No. 8001/69/2526
**OFFICE OF THE DIVISIONAL FOREST OFFICER, GHUMSUR SOUTH DIVISION**
Bhejiput, Bhanjanagar, Ganjam, Odisha, PIN - 761126
Tele/Fax: 06821-241015, E-mail: dfo.ghumsursouth@odisha.gov.in

**1st CORRIGENDUM**

**Corrigendum of tender call notice for rate contract for supply and installation of children playing equipment and open-air Gym equipment (Including for specially abled) in Ecotourism at Maa Sankulei Peetha, Antarapada under Buguda Range and at Rolla under Badagada Range of Ghumsur South Division, Bhanjanagar.**

**No. 964** **Date: 12.02.2026**

The following corrections have been made for invites tender call notice for rate contract for supply and installation of children playing equipment and open-air Gym equipment (including for specially abled) in Ecotourism at Maa Sankulei Peetha, Antarapada under Buguda Range and at Rolla under Badagada Range of Ghumsur South Division, Bhanjanagar.

The Bid documents extended & will be available in the website: **(https://ganjam.odisha.gov.in/or & https://odishaforest.in/)** from 10.00 A.M. of dated 14.02.2026 to 05.00 P.M. of dated 19.02.2026 for offline bidding.

1. Bids shall be received only offline on or before 05.00 P.M. of dated 19.02.2026.
2. Bids received on offline shall be opened at 3.30 P.M. of 21.02.2026.
3. The other terms & conditions stipulated in the original tender call notice remain unchanged.

Sd./- Divisional Forest Officer
Ghumsur South Division
OIPR-8001/8051/1/25-26/0019

**Government of Odisha,**
**Revenue & Disaster Management Department**
(Disaster Management)
(State Port Engineering Organisation)
Rajiv Bhawan, Unit-V, Bhubaneswar-751001
NO.660/ R & DM (DM) (SPEO) Dt: 12.02 2026

**EXPRESSION OF INTEREST**

**No.24001/31/2526** : State Port Engineering Organisation, Revenue & Disaster Management (DM) Dept, Bhubaneswar is contemplating to take up minor / major repair works of the power boats of different sizes of **Steel, Fibre & Aluminium** under its control to make those operable before the flood season. Hence the State Port Engineer invites sealed EOIs from the Bona fide boat builder or the boat repairing agencies.

2. The detailed item wise schedule for repair of power boats may be down loaded from website **www.srcodisha.nic.in** & sent with their quoted rate to State Port Engineer, office of the SRC, Rajiv Bhawan, Bhubaneswar by Speed post/ Courier so as to reach by **25.02.2026 up to 05.00 PM** falling which the EOI will be liable for rejection.
3. Each EOI should be accompanied with valid GST Registration, copy of PAN card.
4. The EOI will be received up to **05.00 PM** on date **25.02.2026** and will be opened on the **26.02.2026 at 11.30 AM** in the **office of the SRC, Rajiv Bhawan, Bhubaneswar** in presence of the quotationer or their authorized representatives.
5. In case, the date of receipt / opening happens to be a holiday the EOIs shall be received / opened on the next working day at the time, already stipulated.
6. The undersigned reserves the right to reject any or all the EOIs without assigning any reason thereof.
7. The approved rates, consequent upon finalisation of such process would remain valid for two financial years from issue of the order in normal situation. Further, authority may extend the validity maximum for another one financial year.

Sd./- State Port Engineer
Revenue & Disaster Management(DM) Dept., Bhubaneswar
OIPR-24001/24168/1/25-26/0001

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ଖଣ୍ଡ, କୋରାପୁଟ
ମାଳିସାହି, ଏସବିଆଇ ବ୍ୟାଙ୍କର ପଛ ପାର୍ଶ୍ୱ, କୋରାପୁଟ, ପିନ୍ – ୭୬୪୦୨୦

**OFFICE OF THE SUPERINTENDING ENGINEER**
**RURAL WATER SUPPLY & SANITATION DIVISION, KORAPUT**
At: Malisahi, Back side of SBI Bank, Koraput, PIN - 764020
Email: eerwss_kpt@rediffmail.com

**Tender Identification No. 20/SE/RWSS/KPT/2025-26/07.02.2026**

No. 25001/138/2526: The Superintending Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single Cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted online in the website **www.tenderorissa.gov.in** separately for the works.

| | | | |
|---|---|---|---|
| 1 | Nature of Work | : | Rural piped water supply projects under Koraput district |
| 2 | Estimated cost | : | Varies from 29.37 Lakhs to 45.27 lakhs |
| 3 | Total Nos. of Works | : | 2 Nos. |
| 4 | Tender Cost | : | Rs.6000.00 |
| 5 | Class of Contractor | : | "C" & "B" |
| 6 | Availability of bid document in the website | : | Dt.16.02.2026 at 17.00 hours to 27.02.2026 upto 17.00 hours |
| 7 | Date of seeking clarification | : | During the office hours of 16.02.2026 to 26.02.2026 |
| 8 | Date of opening of Bid | : | Dt.02.03.2026 at 11.00 hours |

Further deetails can be seen in the bidding documents which is available in the e-procurement portal **https/www.tendersorissa.gov.in**. Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

Sd./- Addl. Chief Engineer
RWS&S Division, Koraput
OIPR-25001/25034/1/25-26/0002

झारखण्ड सरकार
कार्यपालक अभियंता का कार्यालय पेयजल एवं स्वच्छता प्रमंडल, खूँटी

ई० प्रोक्योरमेन्ट अति अल्पकालीन निविदा आमंत्रण सूचना (प्रथम कॉल)
**T. Reference No. :- DWSD/KHUNTI-07(WEIR)/2025-26, Date 13.02.2026**

| S. No. | Name of work:- | Estimated cost (In Lakh) | Earnest Money (In Lakh) | Cost of BOQ (In Rs.) | Time of Completion |
|---|---|---|---|---|---|
| 1 | Detailed Survey, designing and drawing, Construction of Weir with allied work etc. All complete job for **Construction of Weir/Check Dam on Banai River for Murhu Block (H.Q.) Rural Water Supply Scheme** under D.W. & S. Division, Khunti on turnkey basis for the Year 2025-26. | 333.94 | 3.34 | 10000.00 | 09 Months |
| 2 | Date of Tender uploading on website | 14.02.2026 at 05.00 PM | | | |
| 3 | Last Date/Time of Online Biding | 21.02.2026 at 05.00 PM | | | |
| 4 | Last Date/Time of Online Payment for Cost of BOQ & Earnest Money (As Per direction of Secretary, IT & e Governance, Jharkhand Government vide Memo No.- 120, Dt.- 03.10.2023) | 21.02.2026 at 05.00 PM | | | |
| 5 | Date/Time of Opening of Tender | 23.02.2026 at 11:00 PM | | | |
| 6 | Name & address of Opening Officer | Executive Engineer, Drinking Water and Sanitation Division, Khunti | | | |
| 7 | Name & address of office inviting Tender | Executive Engineer, Drinking Water and Sanitation Division, Khunti | | | |
| 8 | Contact No. of office inviting Tender | 06528-299928 | | | |
| 9 | Contact No. of Procurement Office | 0651-2480345 | | | |

नोट:– केवल ई निविदा ही स्वीकार किये जायेंगे एवं निविदा की राशि घट–बढ़ सकती है।
अधिक जानकारी के लिए देखें www.jharkhandtender.gov.in

Executive Engineer
D.W.& S. Division, Khunti.
PR 372954 (Drinking Water and Sanitation)25-26*D

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ଭଞ୍ଜନଗର ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ଭଞ୍ଜନଗର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭଞ୍ଜନଗର ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଶ୍ରୀ ସୋମନାଥ ପଣ୍ଡା, ୨) ଶ୍ରୀମତୀ ରିଙ୍କୁ ପଣ୍ଡା,** ଉଭୟଙ୍କ ଠିକଣା- ସା.: ଗାଙ୍ଗପୁର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୩ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ମଞ୍ଜୁଳା ସାହୁ,** ସ୍ୱାମୀ: ଶ୍ରୀ ସୁବାଷ ଚନ୍ଦ୍ର ସାହୁ, ସା: ବାଲିସିରା, ଥାନା: ଆସ୍କା, ଜିଲ୍ଲା: ଗଞ୍ଜାମ-୭୬୧୧୧୫ | ୩୦.୦୯.୨୦୨୫ ସୁଦ୍ଧା ଟ.୯,୩୪,୪୪୨.୩୩ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୭.୧୧.୨୦୨୫ / ୧୦.୦୨.୨୦୨୬ | **ଶ୍ରୀମତୀ ମଞ୍ଜୁଳା ସାହୁ,** ସ୍ୱାମୀ: ଶ୍ରୀ ସୁବାଷ ଚନ୍ଦ୍ର ସାହୁ ଏବଂ **ଶ୍ରୀମତୀ ରିଙ୍କୁ ସାହୁ,** ସ୍ୱାମୀ: ଶ୍ରୀ ସୋମନାଥ ପଣ୍ଡାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୪୨/୪୮୪, ପ୍ଲଟ୍ ନଂ.: ୧୭୫୪, କ୍ଷେତ୍ର: ଏକର ୦.୦୧୯ଡିସିମିଲି, ମୌଜା: ବାଲିସିରା, ଥାନା: ଆସ୍କା, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ରମିଳା ରଥ, ଦକ୍ଷିଣ: ରାସ୍ତା, ପୂର୍ବ: ଉପେନ୍ଦ୍ର ରଥ, ପଶ୍ଚିମ: ପ୍ରଫୁଲ୍ଲ ରଥଙ୍କ ଗୃହ ସମ୍ପତ୍ତି |
| **ଋଣଗ୍ରହୀତାମାନେ: ୧) ଶ୍ରୀ ସୋମନାଥ ପଣ୍ଡା, ୨) ଶ୍ରୀମତୀ ରିଙ୍କୁ ପଣ୍ଡା,** ସ୍ୱାମୀ: ଶ୍ରୀ ସୋମନାଥ ପଣ୍ଡା, ଉଭୟଙ୍କ ଠିକଣା- ସା.: ଗାଙ୍ଗପୁର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୩ | ୩୦.୦୯.୨୦୨୫ ସୁଦ୍ଧା ଟ.୧୯,୨୯,୬୨୩/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୭.୧୧.୨୦୨୫ / ୧୦.୦୨.୨୦୨୬ | **ଶ୍ରୀମତୀ ରିଙ୍କୁ ପଣ୍ଡା**ଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୪୩/୩୯୪, ପ୍ଲଟ୍ ନଂ.: ୬/୨୦୧୩, କ୍ଷେତ୍ର: ଏକର ୦.୦୨୧ଡିସିମିଲି, ମୌଜା: ଜିଲୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଡ୍ରେନ୍, ଦକ୍ଷିଣ: ରାସ୍ତା, ପୂର୍ବ: ଜମି ବିକ୍ରେତା ସନ୍ତୋଷ କୁମାର ପାଳ, ପଶ୍ଚିମ: ରାଜଲକ୍ଷ୍ମୀ ଚୌଧୁରୀଙ୍କ ଗୃହ ସମ୍ପତ୍ତି |
| **ଋଣଗ୍ରହୀତା: ଇରସାଦ୍ ମହମ୍ମଦ,** ପିତା: ୰ ଆମିର ମହମ୍ମଦ, ସା.: ବାଟା ଲେନ୍ ଷ୍ଟ୍ରିଟ୍, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୬ | ୩୦.୦୧.୨୦୨୪ ସୁଦ୍ଧା ଟ.୧୭,୬୯,୦୧୮.୨୦ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୮.୧୧.୨୦୨୪ / ୧୦.୦୨.୨୦୨୬ | **ଇରସାଦ୍ ମହମ୍ମଦ**ଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୩୫୯/୬୭୦, ପ୍ଲଟ୍ ନଂ.: ୨୦୩୪, କ୍ଷେତ୍ର: ଏକର ୦.୦୩୯ଡିସିମିଲି, ମୌଜା: ଭଞ୍ଜନଗର, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ଉତ୍ତର: ମହମ୍ମଦ ଇକ୍‌ବାଲଙ୍କ ପ୍ଲଟ୍, ଦକ୍ଷିଣ: ଏମ୍. କ୍ରୀଷ୍ଣା ରାଓଙ୍କ ପ୍ଲଟ୍, ପୂର୍ବ: ଏନ୍‌ଏସି ରାସ୍ତା, ପଶ୍ଚିମ: ଏନ୍‌ଏସି ରାସ୍ତା |


ସ୍ଥାନ: ଭୁବନେଶ୍ୱର
ତାରିଖ : ୧୩.୦୨.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

# ଆଜିର କବିମାନଙ୍କୁ ବେଶୀ ଘାରୁଛି ହିଂସା

ଭାରତ-ଭାରତୀ

– ଅରୁଣ କମଲ



ଅରୁଣ କମଲ ସାମ୍ପ୍ରତିକ ହିନ୍ଦୀ କବିତାର ଅନ୍ୟତମ ଉଜ୍ଜ୍ୱଳ ପରିଚୟ। ପାଟନା ବିଶ୍ୱବିଦ୍ୟାଳୟରେ ଇଂଲିଶ୍ ଭାଷା-ସାହିତ୍ୟର ପ୍ରାଧାପକ ଥାଇ ୨୦୧୯ରେ ସେବାନିବୃତ୍ତ। ପ୍ରକାଶିତ ପ୍ରମୁଖ କବିତାଗ୍ରନ୍ଥ: 'ଅପନୀ କେବଲ ଧାର' (୧୯୮୦), 'ସବୁତ୍' (୧୯୮୯), 'ନୟେ ଇଲାକେ ମେଁ' (୧୯୯୬), 'ପୁତଲି ମେଁ ସଂସାର' (୨୦୦୪), 'ପ୍ରତିନିଧି କବିତାଏଁ' (୨୦୧୩)। ଦୈନନ୍ଦିନ ଜୀବନ ସହ ଗଭୀର ଭାବେ ଜଡ଼ିତ ତାଙ୍କ କବିତା। ଶ୍ରମ, ସାମାଜିକ ପରିବର୍ତ୍ତନ, ବିସ୍ମୃତ ସୌନ୍ଦର୍ଯ୍ୟ ଓ ସାଧାରଣ ମଣିଷର ଜୀବନ-ଯୁଦ୍ଧ ତାଙ୍କ କବିତାରେ ରୂପ ଘେନେ। ଗଭୀର ବୈଚାରିକତା ଓ ପରିଚ୍ଛନ୍ନ ଅଭିବ୍ୟକ୍ତି ସମକାଳର ହିନ୍ଦୀ କବିତାରେ ତାଙ୍କୁ ଅଲଗା କରି ଚିହ୍ନାଇଥାଏ। ଭାରତୀୟ କବିତାକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ ବହୁ ସମ୍ମାନରେ ସମ୍ମାନିତ, ଯହିଁରେ ସାମିଲ 'ଭାରତ ଭୂଷଣ ଅଗ୍ରୱାଲ ପୁରସ୍କାର' (୧୯୮୦), 'ସୋଭିଏତ୍ ଲ୍ୟାଣ୍ଡ୍ ନେହରୁ ପୁରସ୍କାର' (୧୯୮୯), 'ଶ୍ରୀକାନ୍ତ ବର୍ମା ସ୍ମୃତି ପୁରସ୍କାର' (୧୯୯୦), 'ଶମଶେର ସମ୍ମାନ' (୧୯୯୭), 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' (୧୯୯୮) ଓ 'ନିରାଲା ସମ୍ମାନ' (୨୦୨୩)। କମଲ୍ ଓ କବି ପ୍ରଫେସର ଆଶିଷ ତ୍ରିପାଠୀଙ୍କ ଆଭାସୀ-ଆଳାପ ଭିତ୍ତିରେ ଏହି ଆଲେଖ୍ୟଟି ପ୍ରସ୍ତୁତ କରିଛନ୍ତି ଡ. ହୃଷୀକେଶ ମଲ୍ଲିକ।

**ପ୍ରଃ** ଯେତେବେଳେ ଜଣାନଥିଲା ଯେ ଆପଣ ଦିନେ କବି ହେବେ, ସେଇ ସୁଦୂର ଶୈଶବର ସ୍ମୃତି କିପରି ଥିଲା?

**ଉଃ** 'ଅନ୍ଧାର' ଓ 'ଡର'- ଏ ଦୁଇଟି ଶୈଶବରେ ମୋତେ ଆବୋରି ବସିଥିଲେ। ପିଲାବେଳେ ଦିନେ ଘର ଦୁଆରବନ୍ଧରେ ବସିଥାଏ। କିଏ ଜଣେ ମୋ' ଆଡ଼କୁ ମାଡ଼ିଆସିଲା ପରି ଲାଗିଲା। ମୁଁ ଡରରେ ଘର ଭିତରକୁ ପଶିଗଲି। ସେହି ଡର ଏଯାଏଁ ମୋତେ ଗୋଡ଼ାଇଛି, ଯଦିଓ ତା'ର ସ୍ୱରୂପ ଭିନ୍ନ ଭିନ୍ନ। କେବେ ବାହାରର ଡର ତ କେବେ ଭିତରର ମୃତ୍ୟୁ ଡର।

**ପ୍ରଃ** ପାଟନାକୁ ଆସିବା ଆଗର ଜୀବନ ଆପଣ କଟାଇଛନ୍ତି ଗାଁରେ। ତା'ପରେ ସହର ପରେ ସହରରେ ରହଣି। ଏସବୁ ଆପଣଙ୍କ ଜୀବନକୁ କିପରି ଗଢ଼ିଛି?

**ଉଃ** ୧୫/୧୬ ବର୍ଷ ବୟସ ପର୍ଯ୍ୟନ୍ତ ମୁଁ ଗାଁରେ ଥିଲି। କଲେଜ ପଢ଼ିବାକୁ ପାଟନା ଆସିଲି ୧୯୬୯ ଜୁଲାଇରେ। ଟି.ଏସ୍. ଏଲିୟଟ୍ ଦୁଇ ପ୍ରକାର ଜୀବନ ସମ୍ବନ୍ଧର କଥା କହିଛନ୍ତି। ପିଲାଦିନର ଓ ବୃତ୍ତି-ଜୀବନର ସମ୍ବନ୍ଧ। ଔରଙ୍ଗାବାଦରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର କର୍ମଚାରୀ ଭାବେ ମୋ' ଚାକିରି ଜୀବନ ଆରମ୍ଭ। ପ୍ରଥମେ ମୋତିହାର ପରେ ପାଟନାରେ ଅଧ୍ୟାପନା। ଏଇ ତିନୋଟି ସହର ସହ ମୋ' ଜୀବନ ଛନ୍ଦି ହେଇଛି। ବାପା ସ୍କୁଲ୍ ଶିକ୍ଷକ ଥିଲେ। ତାଙ୍କ ବଦଳି ସହିତ ମୁଁ ଏ ଜାଗାରୁ ସେ ଜାଗା ଘୁରିଛି। ଔରଙ୍ଗାବାଦ ଜିଲାରେ ମୋ' ଗାଁ ନନୀହାଲ। ଗାଁରେ ସେତେବେଳେ ରାସ୍ତା ନ ଥାଏ। ନଈ ପାରିହୋଇ ଯିବାକୁ ହୁଏ। ଗୟା, ମୋତିହାର ସହର ଉପରେ ମୋର କବିତା ଅଛି। ମୁଁ ସେରଘାଟିର ଯେଉଁ ସ୍କୁଲ୍‌ରେ ପଢୁଥିଲି, ସେଠି ଅନ୍ଧାର ହେବା ମାତ୍ରେ ସାପ ଓ ଜନ୍ତୁଜୁନ୍ତା ବାହାରନ୍ତି। ଏସବୁ ମିଶାମିଶି ମୋ' ଜୀବନ ଗଢ଼ିଛନ୍ତି।

**ପ୍ରଃ** ଆପଣଙ୍କ କବିତାରେ ଥାଏ ଅସବଳ ଲୋକଙ୍କ ପ୍ରତି ବେଶୀ ଦରଦ। ଏ ବିଷୟରେ କ'ଣ କହିବେ?

**ଉଃ** ଆମ ଦେଶରେ ବହୁ ଲୋକ ଅଛନ୍ତି, ଯେଉଁମାନେ ଗ୍ରାମହରା। ଜୀବନଯାପନ ଦୁଃସାଧ୍ୟ। ଅନିଶ୍ଚିତତା, ଅସ୍ଥିରତା ଓ ଭୟ ଏମାନଙ୍କ ଜୀବନକୁ ତ୍ରସ୍ତ କରେ। ଏହା ମୋତେ ଦୁର୍ବଳ ଶ୍ରେଣୀର ଲୋକଙ୍କ ପ୍ରତି ଆକୃଷ୍ଟ କରିଛି। ସୋଭିଏତ୍ ସଂଘର ବିଲୟ ପରେ ସେଠାକାର କର୍ମଚାରୀମାନେ ପାଉଥିବା ପେନ୍‌ସନ ବ୍ୟବସ୍ଥାର ବିଲୋପ ହେଲା। ଆମ ଦେଶରେ ବି ଯେଉଁମାନେ ଏବେ ପେନ୍‌ସନ ପାଉଛନ୍ତି, ତାହା ଯଦି ବନ୍ଦ ହୋଇଯାଏ, ତେବେ ଅବସ୍ଥା କ'ଣ ହେବ! ନାନା ଆଶଙ୍କାରେ ଜୀବନ ବିତାଏ ଏ ମଣିଷ। ସେମାନଙ୍କ ଆଡ଼କୁ ସ୍ୱତଃ ଢଳିଛି ମୋ' କବିତା।

**ପ୍ରଃ** ଆପଣଙ୍କ ଘରର ଭାଷା ଆପଣଙ୍କ କବିତାକୁ କିପରି ପ୍ରଭାବିତ କରିଛି?

**ଉଃ** ମୋ' ମାଆ ମଘୀ ଭାଷୀ ଓ ବାପା ଭୋଜପୁରୀ। ଘରେ ବାପାଙ୍କ ସହ ମୁଁ ମଘୀ ଭାଷାରେ କଥା ହୁଏ। କବି ବା ଲେଖକର ଭାଷାଗତ ବିଚରଣ ଯେତେ ଅଧିକ ହେବ, ତାହା ସାହିତ୍ୟରେ ସେତେ ବୈଚିତ୍ର୍ୟ ଆଣିବ। ମୁଁ ବାହା ହୋଇଛି ମିଥିଳାରେ। ଏହି ସୂତ୍ରରେ ମୈଥିଳୀ ଭାଷା ସହ ମୋର ସମ୍ବନ୍ଧ। କବୀର କହିଥିଲେ- "ମେରେ କଟୋରେ ମେଁ ବହୁତ ଘର୍‌କୀ ଅନ୍ନ ହୈ।" ବହୁ ଘରର ଅନ୍ନ ପରି ବହୁ ଭାଷାର ସଂସର୍ଗ କବିତାର ମିଠା ବଢ଼ାଏ।

**ପ୍ରଃ** ସମାଜ, ନାଗରିକତା, ଭାଷା, ସଂସ୍କୃତି, ମଣିଷର ପ୍ରକୃତି ଓ ସଂରଚନା (Infrastructure)ରେ ପରିବର୍ତ୍ତନ ଆସେ। ସମାଜ ଓ ସମୟର କେଉଁ ପରିବର୍ତ୍ତନକୁ ଆପଣ ବଡ଼ ମନେକରନ୍ତି।

**ଉଃ** ଏଇ ଦେଖନ୍ତୁ- ଆପଣ ଠାଏଁ, ମୁଁ ଆଉ ଠାଏଁ। ଆମ ଭିତରେ ଗପସପ ଚାଲିଛି। ବୈଷୟିକ କୌଶଳ ଏହା ସମ୍ଭବ କରିଛି। ସମୟ ଓ ସ୍ଥାନର ସ୍ଥିତି ଆଜି ସାରା ବିଶ୍ୱରେ ବଦଳିଛି। ମାଟ୍ରିକ୍ ପଢ଼ିବା ପର୍ଯ୍ୟନ୍ତ ମୋ' ଗାଁରେ ବିଜୁଳି ନଥିଲା। ପୋଷ୍ଟକାର୍ଡ଼ରେ ଚିଠି ଲେଖାଯାଉଥିଲା। ରାସ୍ତାଘାଟରେ କାଁ ଭାଁ ସ୍ତ୍ରୀଲୋକ ଚଳପ୍ରଚଳ ହେଉଥିଲେ। ଏବେ ସବୁ ବଦଳିଛି। ଜାତି ଆଧାରିତ ସମାଜ ଆଉ ପ୍ରାୟ ନାହିଁ। ଏସବୁ ହେଲା ଭୌତିକ ପରିବର୍ତ୍ତନ। ଚାରିତ୍ରିକ ପରିବର୍ତ୍ତନରେ ଆମେ ଆଜି ଦେଖୁଛେ ହିଂସାର ଅଭିବୃଦ୍ଧି। ଆମ ପିଲାଦିନେ ହିଂସା ଥିଲା କାଁ ଭାଁ। ବୈଷମ୍ୟ ସବୁଠି କାୟା ବିସ୍ତାର କରିଛି। ଖାଦ୍ୟ ଓ ବାସଗୃହ ଯଦିଓ ପ୍ରାୟ ଲୋକଙ୍କୁ ଉପଲବ୍ଧ, କିନ୍ତୁ ବଢ଼ି ବଢ଼ି ଚାଲିଛି ହିଂସା।

**ପ୍ରଃ** ଆପଣଙ୍କ କବିତାରେ 'ହିଂସା'ର ବର୍ଣ୍ଣନା ପ୍ରଚୁର। ମନକୁ ବିଚଳିତ କରୁଥିବା ଏ ହିଂସାର ହେତୁ କ'ଣ ବୋଲି ଆପଣ ମନେକରନ୍ତି?

**ଉଃ** ଏହାର ସ୍ଥୂଳ କାରଣଟି ହେଲା- ପୁଞ୍ଜିବାଦର ବିସ୍ତାର। ହିଂସା ବିନା ପୁଞ୍ଜିବାଦ ତିଷ୍ଠିପାରେନା। ଲୁଟ୍‌ତରାଜ, ଶୋଷଣ କଷଣ- ଏହା ଇ ତ ହିଂସା। ମନୋରମ ସନ୍ଧ୍ୟା, ସୁକୁମାର ଜହ୍ନରାତିର ଗାଁଟିଏ ଆଜି ଅଚିନ୍ତନୀୟ। ପୁଞ୍ଜିବାଦର ପ୍ରାବଲ୍ୟ ଥିବା ଯାକେ ନା ଶାନ୍ତି ନା ସୁଖ! 'ମହାଭାରତ' ଓ 'ଇଲିୟାଡ୍' ଏହି ହିଂସାର କଥା କହେ।

**ପ୍ରଃ** ଆପଣଙ୍କର ଶେଷ ମନ୍ତବ୍ୟ ତେବେ କ'ଣ ହେବ?

**ଉଃ** ଲେଖକ କୁଆଡ଼େ ଗଲା ବଡ଼ କଥା ନୁହେଁ, ବଡ଼ କଥା ସମାଜ କୁଆଡ଼େ ଯାଉଛି, ମନୁଷ୍ୟତାର ଗତି କୁଆଡ଼କୁ। "ଯୋ ଆଦ୍‌ମୀକୋ ପ୍ୟାର୍ ନହୀଁ କର୍‌ତା ହୈ, ଉନ୍‌କା କୋଇ ଗଙ୍ଗା ନହୀଁ/ କୋଇ ମାତୃଭୂମି ନହୀଁ।"

ସୌଜନ୍ୟ: ପ୍ରଗତିଶୀଳ ଲେଖକ ସଂଘ

## ପୁସ୍ତକ ପରିଚୟ

### ସୃଜନ ଗଳ୍ପସମ୍ଭାର



**ସମ୍ପାଦନା:** ଦେଶବନ୍ଧୁ ସ୍ୱାଇଁ, ଦେବଶ୍ରୀ ଧଳ
**ପ୍ରକାଶକ:** ସୃଜନସ୍ୱପ୍ନ, ବଡ଼ଗଡ଼, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୬୩୦/-

ଆଲୋଚ୍ୟ ଗଳ୍ପ-ସଂକଳନରେ ମୋଟ ୫୧ଟି ଗଳ୍ପ ସ୍ଥାନିତ। ଏଥିରେ ଯେଉଁମାନଙ୍କ ଗଳ୍ପ ରହିଛି, ସେମାନଙ୍କ ମଧ୍ୟରୁ କେତେକ ପ୍ରତିଷ୍ଠିତ ଓ ଆଉ କେତେକ ପାଠକ ମହଲରେ ଊଣାଅଧିକେ ପରିଚିତ। ପ୍ରତିଷ୍ଠିତଙ୍କ ମଧ୍ୟରେ ଅଛନ୍ତି ଆଦିକନ୍ଦ ସାହୁ, ରମେଶ ପଟ୍ଟନାୟକ, ନିବାରଣ ଜେନା, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଆଭାସ କୁମାର ବରାଳ, କମଳା ଶତପଥୀ, ନୃପରାଜ ସାହୁ, ଅରବିନ୍ଦ ରାୟ, ମୌସୁମୀ ପରିଡ଼ା ଓ ବିବିଧ ବିଶ୍ୱ। ୧୯୯୯ ମହାବାତ୍ୟାର ଠିକ୍ ପରବର୍ଷ ଅର୍ଥାତ୍ ୨୦୦୦ ମସିହାରେ ଜନ୍ମ ନେଇଥିବା ତ୍ରୈମାସିକ ସାହିତ୍ୟ ପତ୍ରିକା 'ସୃଜନସ୍ୱପ୍ନ'ର ରଜତ ଜୟନ୍ତୀ ଅବକାଶରେ 'ସୃଜନ ଗଳ୍ପସମ୍ଭାର'ର ପରିକଳ୍ପନା। ଗ୍ରନ୍ଥସ୍ଥ ଗଳ୍ପଗୁଡ଼ିକୁ କେଉଁ ଆଧାରରେ ବଛାଯାଇଛି, ସେ ସମ୍ପର୍କରେ ସମ୍ପାଦକ ଦ୍ୱୟ ନିରବ। କିନ୍ତୁ ଗଳ୍ପଗୁଡ଼ିକୁ ପଢ଼ିଲେ ମନେହୁଏ, ଅଧିକାଂଶ ଗଳ୍ପ ସମକାଳର ସମାଜ ଓ ଜୀବନ ଆଧାରିତ। ବିଷୟବସ୍ତୁର ବିବିଧତା ଓ ପରିବେଶଗତ ସ୍ୱାତନ୍ତ୍ର୍ୟକୁ ବିଚାରକୁ ନେଲେ ସମ୍ପାଦିତ ଏହି ଗଳ୍ପଗ୍ରନ୍ଥଟି ସମକାଳର କଥାସାହିତ୍ୟରେ ଏକ ଅଭିନବ ପରିକଳ୍ପନା। ଆଦିକନ୍ଦଙ୍କ 'କେହି ଜଣେ ଆସିନି ତଥାପି', ଦୁର୍ଯ୍ୟୋଧନ କାଠୁଆଙ୍କ 'ବଢ଼ିପାଣି', ଦେଶବନ୍ଧୁଙ୍କ 'ଫୁଲ ଫୁଟିବାର ବେଳ', ରମେଶଙ୍କ 'ସ୍ମୃତିରେଖା ପେଡ଼ି', ନିବାରଣଙ୍କ 'ଯୂପକାଠ', ଗାୟତ୍ରୀ ପାଣିଗ୍ରାହୀଙ୍କ 'ଆସ୍ତେ ଆସ୍ତେ ସକାଳ', ରାଜ୍ୟବର୍ଦ୍ଧନଙ୍କ 'ମନେଇ ଆଈ', ଆଭାସଙ୍କ 'ମନ', ନିରଞ୍ଜନ ସାହୁଙ୍କ 'ମାୟାମୃଗ', ଭାନୁମତୀଙ୍କ 'ନିଜ ସତ୍ତା ଭିତରେ', ଅରବିନ୍ଦ ଦାସଙ୍କ 'ଅସାଧାରଣ ସ୍ୱାମୀ', କମଳାଙ୍କ 'ଉଦାସ ଅପରାହ୍ଣ', ଅରବିନ୍ଦଙ୍କ 'ଛାଇ ଆଲୁଅ', ନୃପରାଜଙ୍କ 'ପାଟଶାଢ଼ି' ମୌସୁମୀଙ୍କ 'ଈପ୍‌ସିତ ଦୁଃଖର ଅନୁସନ୍ଧାନରେ' ଓ ବିବିଧ ବିଶ୍ୱଙ୍କ 'ସଞ୍ଜ ନଇଁଗଲେ' ଗଳ୍ପର ଗଳ୍ପକାରିତା ଉଲ୍ଲେଖନୀୟ। କୁମ୍ଭକାରର ହାଣ୍ଡିଗଢ଼ା ଓ ପରଲଗା କଲମ ବହିଟିର ପ୍ରଚ୍ଛଦକୁ ପ୍ରତୀକାତ୍ମକ କରିଛି।

### ଛାୟା ଚନ୍ଦ୍ରିକା



**ଲେଖିକା:** ପ୍ରଣତି ପଟ୍ଟନାୟକ
**ପ୍ରକାଶକ:** କାବ୍ୟଲୋକ, ଲୁଇସ୍‌ରୋଡ଼, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ଉପନ୍ୟାସର ପ୍ରଚ୍ଛଦଲେଖରେ କୁହାଯାଇଛି: 'ଛାୟା ଚନ୍ଦ୍ରିକା' ସଂସ୍କାର, ସାଂସାରିକ ମଣିଷ ଓ ମାନବୀୟ ସମ୍ପର୍କର ଅନୁବନ୍ଧନ। ଏଥିରେ ପ୍ରତୀକାତ୍ମକ ଜଟିଳତା ନାହିଁ, ବୋଧଗମ୍ୟ ସରଳ ଭାଷା ଗୁରୁତ୍ୱ ଲାଭ କରିଛି। ବୌଦ୍ଧିକତା ଅପେକ୍ଷା ହୃଦୟାବେଗ ପ୍ରାଧାନ୍ୟ ପାଇଛି। ଉପନ୍ୟାସଟିର ଭାଷିକ କୋମଳତା ପାଠକର ଅନ୍ତଃଚେତନାକୁ ସ୍ପର୍ଶ କରିବ ବୋଲି ଆଶା ରଖିବା। 'ଅଗ୍ରଲେଖ'ରେ ପ୍ରଫେସର ଟହଲୁ ସାହୁ କହନ୍ତି: "ପାଣ୍ଡୁଲିପିଟି ପଢ଼ି ମୋର ହୃଦ୍‌ବୋଧ ହେଲା ଅନ୍ୟାୟର ଫଳ ନିଶ୍ଚିତ ଭାବେ ଫଳେ।" ଉପନ୍ୟାସର ଘଟଣା ପ୍ରବାହରେ ଦେଖାଯାଏ, 'ସୁଚେତା' ଜୀବନ-ଯନ୍ତ୍ରଣାରେ ଜର୍ଜରିତ ହେଲେ ମଧ୍ୟ ଯୁବ କଲ୍ୟାଣ ଓ ସାମାଜିକ ସ୍ତରରେ ଶିକ୍ଷାର ସୁସ୍ଥ ଓ ନିର୍ମଳ ପରିବେଶଟିଏ ସୃଷ୍ଟି କରନ୍ତି। ସେ ବୁଝନ୍ତି ଯେ ଶିକ୍ଷା ସମାଜର ଆଲୋକବର୍ତ୍ତିକା। ସ୍ୱରୂପ ଓ ସୁଚେତା ଏହି ପ୍ରୟାସରେ ସଫଳତା ହାସଲ କରନ୍ତି। ଜୀବନର ଛାଇ-ଆଲୁଅ ଖେଳ ଭିତରେ ଅସୀମ ଧୈର୍ଯ୍ୟ, ପ୍ରଗାଢ଼ ଆତ୍ମବିଶ୍ୱାସ, ମୁଖର ମଧୁ ଓ ବୁକୁର ମମତା ଦେଇ ଆଗକୁ ବଢ଼ିଲେ ଜୀବନରେ ସଫଳତା ହାସଲ କରିହୁଏ, ଏହି ଚିତ୍ର ଉପନ୍ୟାସରେ ପ୍ରତିଫଳିତ ହୋଇଛି। ଯେଉଁମାନେ ପ୍ରତିହିଂସା ପରାୟଣ, ସର୍ବସ୍ୱ ଲୁଣ୍ଠନ କରି ଅନ୍ୟ ପରିବାରର ସୁଖଶାନ୍ତିରେ ବ୍ୟାଘାତ ସୃଷ୍ଟି କରନ୍ତି, ସେମାନେ ଭବିଷ୍ୟତରେ କିଭଳି ଅନୁତାପ ନିଆଁରେ ଜଳି ପଙ୍ଗୁ ଜୀବନଯାପନ କରନ୍ତି, ତାହାର କରୁଣ ରୂପ ଉପନ୍ୟାସଟିରେ ସଯତ୍ନ ଅଙ୍କିତ। ଆଶା, ଏହା ସବୁ ବର୍ଗର ପାଠିକାପାଠକଙ୍କ ଶ୍ରଦ୍ଧା ହାସଲ କରିବ।

## ଭିଜା କୁହୁଡ଼ି

**ସଚ୍ଚିଦାନନ୍ଦ ପାଢ଼ୀ**

କୁହୁଡ଼ି ଆସେ କେବେ
ଆକାଶର ଚାଦର ହୋଇ
କେବେ ପୁଣି ପ୍ରିୟାର ଓଢ଼ଣି ହୋଇ
ଅବା କେବେ ହୋଇ ମା'ର ପଣତ

କୁହୁଡ଼ି ଯେବେ ଆସେ ଆକାଶର ଚାଦର ହୋଇ
ସୂର୍ଯ୍ୟକୁ ଢାଙ୍କିଦିଏ
ଯେମିତି ଶିଶୁକୁ ଶୋଇ ଦେଲାବେଳେ
ମା' ବତି ଲିଭାଇଦିଏ
ସେଇ ଆକାଶ
ଯାହାର ସୀମା ଅଟେ ଅସୀମ
ଏଇ ଚାଦର ତଳେ ହୋଇଯାଏ ସୀମାବଦ୍ଧ
ମୋ' ଦୃଷ୍ଟିରେ

କୁହୁଡ଼ି ଯେବେ ଆସେ
ପ୍ରିୟାର ଓଢ଼ଣି ହୋଇ
ମୋ' ସହର ହଠାତ୍ ନୀରବିଯାଏ
ମୋ' ମନରେ ଥିବା ମାନ, ଅଭିମାନ
ଧୀରେ ଧୀରେ ମିଳେଇଯାଏ
ତା' ଓଢ଼ଣି ପରି କୁହୁଡ଼ି ବି କିଛି କୁହେନି
କିନ୍ତୁ ତା' ନୀରବତା କୁହେ
ତା' ଭଲପାଇବା ମୋ' ପାଖେ ସବୁବେଳେ ଥାଏ
ଶୀତ ସକାଳର ଭିଜା କୁହୁଡ଼ିରେ

ଯେବେ ଆସେ ମୋ' ମାଆ
ମେଲେଇଦିଏ ତା' ଛିଣ୍ଡା ପଣତ
ଫେରି ଚାହେଁ ମୋ' ପିଲାଦିନକୁ
ଯାହା ତଳେ କୁଙ୍କୁରିକାଙ୍କିରି ହୋଇ
ବସିଥାଏ ମୁଁ ଅଗଣା ପିଣ୍ଡାରେ
ଶୀତରେ କମ୍ପିଯାଉଥାଏ ମୋ' ଦେହ
ମୋର ଛୋଟ ଛୋଟ ସ୍ୱପ୍ନମାନଙ୍କ ସହ
ହାଡ଼ଭଙ୍ଗା ଶୀତ ବି ଥମିଯାଏ
ମୋ' ମାଆ ଶ୍ୱାସର ଉଷ୍ମତାରେ

ଆଜି...
ଶୀତ ସକାଳର ଭିଜା କୁହୁଡ଼ିର
ଶିଶିର ବିନ୍ଦୁରେ ଦେଖେ
ଆକାଶର ଚାଦର, ପ୍ରିୟାର ଓଢ଼ଣି
ଓ ମୋ' ମାଆର ଛିଣ୍ଡା ପଣତ
ଆସିଛନ୍ତି ମୋ' କାଗଜକଲମରେ
କବିତା ହୋଇ, ନିରବ କବିତା।

ମୋ: ୭୯୭୮୦୭୮୫୭୫

କବିତା

## ମୃତ୍ୟୁ ପରେ

**ଦୀପ୍ତି ମିଶ୍ର**

ଶୋଷରେ ତା'ର ମୃତ୍ୟୁ ହେଲା...
ତା' ସହ ଶେଷ ହେଲା
ବସନ୍ତ ଆଉ ନିଦାଘର କାହାଣୀ,
ବେଳାଭୂମି ଓ ସାଗରର ମିଳନ ପର୍ବ,
ଗଭୀର ରାତ୍ରିରେ ଆଖି ଓ ସ୍ୱପ୍ନର ସମ୍ପର୍କ।
ବିଶ୍ୱାସ ଓ ଭରସା ଭାସିଗଲେ
ବିକ୍ଷୁବ୍ଧ ସାଗରର ଅଦିନ ଝଡ଼ରେ...
ହଜିଗଲା ଆମ୍ରକୁଞ୍ଜରେ କୋଇଲିର
ମଧୁର କୁହୁକୁହୁ ତାନ,
ସ୍ତବ୍ଧ ହୋଇଗଲା ବନଭୂମି...
ନୃତ୍ୟରତା ପାହାଡ଼ୀ ଝରଣାର ଅପୂର୍ବ
ନିରବତା ଦେଖି,
ଏହାର କାରଣ ଅନୁସନ୍ଧାନ କରି ଦେଖାଗଲା
ଏକମାତ୍ର ଜଣଙ୍କର ମୃତ୍ୟୁ ଘଟିଛି।

ହେଲେ ଏଇଟା କୋଉ ଗୋଟେ
ଚିନ୍ତାର କଥା ଯେ... ?
ଆରମ୍ଭ ପୂର୍ବରୁ ଶେଷ
ଜନ୍ମ ପୂର୍ବରୁ ମୃତ୍ୟୁ, ହସ ପୂର୍ବରୁ ଲୁହ,
ଯୋଡ଼ାଥାଏ ଏଇଠି...
ମରୁରେ ମରୁଦ୍ୟାନର ଆଶା,
ରୌଦ୍ରରେ ବୈଶାଖୀ ଝଡ଼ର ଆଗମନ,
ଧ୍ୱଂସ ପଛକୁ ରଚିଥାଏ ନୂଆ ସୃଷ୍ଟିଟିଏ...
ଏଥିରେ ବିସ୍ମୟ ବା କ'ଣ ?
କିଛି ବି ତ ଅସମ୍ଭବ ନୁହେଁ ଏଠି।

ମୃତ୍ୟୁ ଆବଶ୍ୟକ... ନୂଆ ଜନ୍ମ ପାଇଁ
ଯନ୍ତ୍ରଣାର ଅନୁଭବ ଦିଏ
ଦିବ୍ୟ ଆନନ୍ଦର ଆଶା,
ଆଶଙ୍କାର ମୃତ୍ୟୁ ହୁଏ...
ନୂତନ ଉଷାର ପୃଷ୍ଠାରେ ଇତିହାସ ରଚିବାକୁ।

ମୋ: ୯୪୩୮୪୦୪୩୦୮

ଗୀତି-କବିତା

## ଚାଲିଛି ତ ଚାଲିଥିବି

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ପଛକୁ ଚାହିଁଲେ କ୍ଷତ ଯେତେ ଦିଶେ
ଉଖାରିଲେ ଝରେ ରକ୍ତ,
ବିନ୍ଦୁ ବିନ୍ଦୁ ରକ୍ତକଣାରେ ଦିଶଇ
ବିକଟାଳ ନଖ ଦନ୍ତ।


କିଳିକିଳା ହସ, ପୁଳାପୁଳା ମାଂସ
ଭିଣି ଖାଇବାର ଛବି,
ଆଗକୁ ଚାହିଁଲେ ଦିବସ ଅନ୍ଧାର
ଆଉ ହୁଏ ନାହିଁ ଭାବି।

ଚାଲିବାକୁ ହେବ ବାଟ ଅସରନ୍ତି
ସମୟ ନଈର ଧାରେ,
ଭେଟିବାକୁ ନୀଳ ସାଗର ଲହରୀ
ଶତ କଷାଘାତ ପରେ।

ସୁରୁଯ ଢଳିବ, ସଞ୍ଜ ନଇଁବିବ
ନୀଡ଼କୁ ଫେରିବ ପକ୍ଷୀ,
ବାଲୁକା ଶେଯରୁ ପାଦଚିହ୍ନ ଯେତେ
ଅନ୍ଧାର ନେବ ପୋଛି।

– ବାଲିଡିହି, ବାଣପୁର
ମୋ: ୬୩୭୦୧୬୬୨୦୪

## କାଳକାଳକୁ



"ପ୍ରେମ ଖୋଜେ ଧୈର୍ଯ୍ୟ,
କାମନା ଚିର-ଅଧୀରା।"
– ମିର୍ଜା ଗାଲିବ୍

**ମିର୍ଜା ଗାଲିବ୍‌ଙ୍କ** ଜନ୍ମ ୨୭ ଡିସେମ୍ବର ୧୭୯୭ରେ ଆଗ୍ରାରେ ଓ ପରଲୋକ ୧୫ ଫେବୃଆରୀ ୧୮୬୯ରେ, ଦିଲ୍ଲୀରେ। ପୂରା ନାଁ ମିର୍ଜା ଅସଦୁଲ୍ଲହା ବେଗ୍ ଖାନ୍। ହେଲେ ମିର୍ଜା ଗାଲିବ୍ ନାମରେ ସେ ଜଣାଶୁଣା। ସେ ଥିଲେ ପ୍ରେମ, ପରାଭବ ଓ ଦର୍ଶନର କବି। ସମାଜ-ରାଜନୈତିକ ପ୍ରସଙ୍ଗ ତାଙ୍କ ଲେଖନୀରେ ଘେନେ ଗଭୀର ବାକ୍-ରୂପ। ତାଙ୍କ ଲେଖାରେ କେବଳ ସମକାଳ ନୁହେଁ, ପରକାଳ ବି କଥାକହେ। ତେଜସ୍କ୍ରିୟ ଚିତ୍ରକଳ୍ପ ଓ ବହୁସ୍ତରୀୟ ଅର୍ଥ ଦ୍ୟୋତନା ତାଙ୍କ କବିତାକୁ କରିଥାଏ ଲୋଭନୀୟ। ଉର୍ଦ୍ଦୁ ଓ ପାର୍ଶୀ ସାହିତ୍ୟକୁ ତାଙ୍କର ଦାନ ଅସୀମ। ପ୍ରଖର ପ୍ରତିଭାଧର ମିର୍ଜାଙ୍କ ପ୍ରମୁଖ କୃତି ହେଉଛି 'ଦିୱାନ୍-ଇ-ଗାଲିବ୍'।

## ଲଘୁ ଗଳ୍ପ

# ଧନ୍ୟବାଦ ସାଙ୍ଗ

**ଘନଶ୍ୟାମ ପଲେଇ**

ଏକ ଅଜଣା ନମ୍ବରରୁ ଲମ୍ବା ରିଂ ହେଲା ମୋବାଇଲରେ... ପୁଣି ରାତି ସାଢ଼େ ଏଗାରଟାରେ। ଚମକି ପଡ଼ିଲେ ଚନ୍ଦ୍ରକାନ୍ତ। ଘରଟାରେ ଏକୁଟିଆ ଅଛନ୍ତି ସିଏ। ସ୍ତ୍ରୀ ସୁରଭି ପିଲାମାନଙ୍କୁ ନେଇ ବାପଘରକୁ ଯାଇଛନ୍ତି ଏଇ ଦଶହରା ଛୁଟିରେ। ମାଆ ବି ଏକୁଟିଆ ରହୁଥିଲେ ଗାଁରେ... ତେଣୁ ରାତିରେ ମୋବାଇଲ ସାଇଲେଣ୍ଟ ନ କରି ଶୁଅନ୍ତି। କାଳେ କାହାର କ'ଣ ଅସୁବିଧା ହେଲା କି... ମନ ଭିତରେ ଶଙ୍କା ଆସିବା ସ୍ୱାଭାବିକ। ଡରି ଡରି ଫୋନ୍ ଉଠେଇଲେ। କହିଲେ- ହେଲୋ... ସେପଟୁ ଜଣେ ନାରୀର କଣ୍ଠସ୍ୱର... ଖିଲି ଖିଲି ହସ ସହ କହିଲା- ଓ! ହ୍ୟାଲୋ ମିଃ... ଚନ୍ଦ୍ରକାନ୍ତ! ମୋତେ ଚିହ୍ନି ପାରୁଛ...

ବଡ଼ ଚିନ୍ତାରେ ପଡ଼ିଗଲେ ଚନ୍ଦ୍ରକାନ୍ତ। କିଏ...! କାହାର ଏ କଣ୍ଠସ୍ୱର...! ଚିହ୍ନା ଚିହ୍ନା ଲାଗିଲେ ବି କାଇଁ ମନେପକେଇ ପାରିଲେନି। ପୁଣି ଚିନ୍ତାକଲେ ଆଜିକାଲି ଫ୍ରଡ୍ କଲ୍ ବି ବହୁତ ଆସୁଛି... ମିଠାମିଠା କଥା କହି ସର୍ବସ୍ୱ ଲୁଟିନେଉଛନ୍ତି ଏପରି ଠକ ଗ୍ୟାଙ୍ଗ୍। ତେଣୁ ଫୋନ୍‌ଟି କାଟିବାକୁ ଯାଉଥିଲେ... ସେପଟୁ ପୁଣି ଶୁଣାଗଲା- ଆରେ ଡରିଗଲ ନା କ'ଣ... ମୁଁ ପା... ତୁମ ସୁନୟନା କହୁଛି... ଜାଣିପାରିଲ!

ସୁନୟନା ନାଁଟା ଶୁଣି ପରସ୍ତେ ଚମକି ଉଠିଲେ ନିଜ ଭିତରେ। ଦୀର୍ଘ ପନ୍ଦର ବର୍ଷ ତଳର ସୁନୟନା, ଯାହାକୁ ସେ ଏତେ ଭଲ ପାଉଥିଲେ; ସିଏ ଫୋନ୍ କରିଛି। ଭାବି ପାରୁ ନ ଥିଲେ। ଖୁସିରେ ଭାବବିହ୍ୱଳ ହେଲା ଭଳି ଅନୁଭବ କଲେ। କହିଲେ- ସୁନୟନା... ତୁମେ ଏବେ କେଉଁଠି... ଏତେ ରାତିରେ କଲ୍ କରୁଛ ଯେ...!

ସେ ପୁଣି ଖିଲିଖିଲି ହସିଉଠିଲା। ଠିକ୍ ପନ୍ଦର ବର୍ଷ ତଳେ ଯେମିତି ମନମୋହିନୀ ହସ ହସୁଥିଲା। କହିଲା- ମୁଁ ଏବେ ଆମେରିକାରେ... ହଷ୍ଟନ ସହରରୁ କହୁଛି... ଆଉ ରାତି...! ଆମର ତ ଏବେ ଦିନ ଗୋଟାଏ...।

ଘରେ ପିଲାମାନେ ନ ଥିବାରୁ ଟିକିଏ ଚନ୍ଦ୍ରକାନ୍ତବାବୁ ଆରାମରେ କଥା ହେବାକୁ ଚାହିଁଲେ। ଦିହେଁ ଦିହିଁଙ୍କ ଭଲମନ୍ଦ କଥା ପଚାରି ବୁଝିଲେ। ନିଜ ନିଜ ପିଲାମାନେ କେଡ଼େବଡ଼ ହେଲେଣି... କେଉଁ କ୍ଲାସ୍‌ରେ ପଢୁଛନ୍ତି ଜାଣିଲେ। ସୁନୟନା ବି ଜାଣିଲେ ଯେ ଚନ୍ଦ୍ରକାନ୍ତବାବୁଙ୍କ ସ୍ତ୍ରୀ ସୁରଭି ନାହିଁ, ତେଣୁ ସେ ବି ଗପ ବଢ଼େଇ ଚାଲିଲେ। ଦିହେଁ ଗପିବାରେ ଏମିତି ମଜ୍ଜିଗଲେ ଯେ, ଯେମିତି ସେମାନେ ଦୁହେଁ କଲେଜପଢୁଆ ପିଲା... କେଉଁ ଏକ ପାର୍କରେ ବସି ଗପୁଛନ୍ତି। ଗପୁଗପୁ ରାତି ତିନିଟା ବାଜିଗଲା। ଚନ୍ଦ୍ରକାନ୍ତ ଜଣେ ସରକାରୀ ଅଧିକାରୀ, କାଲି ଡ୍ୟୁଟି ଯାଇ ପାରିବେ ତ... ତେଣୁ କହିଲେ ରାତି ଢେର୍ ହେଲାଣି... ରଖୁଛି।

ଏଣିକି ପ୍ରତିଦିନ ରାତି ବଢ଼ିଲେ ଆସିଲା ଫୋନ୍ ସୁନୟନାର। ଦୁହେଁ ଦୁହିଁଙ୍କ ପ୍ରତି ଚୁମ୍ବକ ଟାଣିଲା ଭଳି ହେଉଥିଲେ ଆକର୍ଷିତ... ଦୁର୍ବଳତା ବଢୁଥିଲା ନିଜ ନିଜ ଭିତରେ।

ଆଜି ଥିଲା ମା'ଲକ୍ଷ୍ମୀଙ୍କ ପୂଜା। ପୂଜା ପେଣ୍ଡାଲ ପାଖରେ ଛିଡ଼ାହୋଇ ସନ୍ଧ୍ୟା ଆଳତି ଦେଖୁଥିଲେ ଚନ୍ଦ୍ରକାନ୍ତ। ତାଙ୍କ ସ୍ତ୍ରୀଙ୍କ ଫୋନ୍ ଆସିଲା। କହିଲେ ଆମକୁ ଆଉ ନେବାକୁ ଆସିବ ନାହିଁ କି... ଆମେ ବି ଗଲେ ସେଇଠି ମିଶିକି ସନ୍ଧ୍ୟା ଆଳତି ଦେଖନ୍ତେ!

ମା'ଙ୍କ ମୃଣ୍ମୟ ମୂର୍ତ୍ତି ଆଖିକୁ ନଜର ଗଲା ଚନ୍ଦ୍ରକାନ୍ତବାବୁଙ୍କର। ପ୍ରଶ୍ନଭରା ଆଖି ଅଟକିଗଲା ମା'ଙ୍କ ପାଖରେ। ସମାଧାନ ଖୋଜୁଥିଲେ... କରିବେ କ'ଣ, ମୁକୁଳିବେ କିପରି ଏ ଜଟିଳ ସ୍ଥିତିରୁ। ପ୍ରେମ ଆଗ ନା ପରିବାର ଆଗ। କ'ଣ କରିବା ଠିକ୍! ନା ଲୁଚାଛପା ପୀରତି ଚାଲିଥିବ... ଧାଇଁଥିବେ ମରୀଚିକା ପଛେ।

ସେଦିନ ରାତି ଏଗାରକୁ ପୁଣି ଆସିଗଲା ଫୋନ୍। ଏଣିକି ଖିଲିଖିଲି ହସ ନୁହେଁ... ସୁ ସୁ ଗର୍ଜନ ବାହାରୁଥିଲା ଠିକ୍ ସାପ ପରି ସୁନୟନାର କଣ୍ଠସ୍ୱରରୁ। କହିଲା- ତମେ ଜଣେ ଭୀରୁ କାପୁରୁଷ। ତମେ ଲୁଚେଇପାରନା ପ୍ରେମକୁ। ତମକୁ ଆଜିଠୁ ସତରେ ଘୃଣା କରୁଛି... ଦୂରେଇ ଦେଉଛି ମନରୁ, କହି କାଟିଦେଲା ଫୋନ୍ ସବୁଦିନ ପାଇଁ।

ଚନ୍ଦ୍ରକାନ୍ତଙ୍କ ଆଖିରୁ ଦୁଇଟୋପା ଲୁହ ଖସିପଡ଼ିଲା। ଆଉ ଦରଦଭରା ହସଟିଏ ହସିଲେ ଜୋର୍‌ରେ। କହିଲେ- ସତରେ ସଚ୍ଚା ପ୍ରେମକୁ ଭୁଲିବା କଷ୍ଟ। ହୃଦୟ ଭାଙ୍ଗି ଟୁକୁଡ଼ା ଟୁକୁଡ଼ା ହେଇଯାଉ ପଛେ ବଞ୍ଚିଯାଉ ଦୁଇ ପରିବାର। ଏଇସବୁ ସମ୍ଭବ ହେଲା କେବଳ ତା'ର ପ୍ରିୟ ସାଙ୍ଗ ପାଇଁ। ମନେମନେ କହି ଉଠିଲେ- ଧନ୍ୟବାଦ ସାଙ୍ଗ।

ଏଇଠି ପୁଣି ସାଙ୍ଗ କିଏ? କାହାକୁ ଧନ୍ୟବାଦ ଦେଉଛି...! ଚନ୍ଦ୍ରକାନ୍ତ। ତା' ପ୍ରେମିକାକୁ ସାଙ୍ଗ କହିଲା ନା ଆଉ କେଉଁ ବନ୍ଧୁକୁ!

ଏଇଠି କହି ରଖେ... ଜଣେ ସାଙ୍ଗର ପରାମର୍ଶରେ ଭାଙ୍ଗିଥିଲା ସେଦିନ ସୁନୟନା ଆଉ ଚନ୍ଦ୍ରକାନ୍ତର ବାହାଘର। ଠିକ୍ ପନ୍ଦର ବର୍ଷ ତଳର ସେ ଭୁଲ୍‌କୁ ଦୋହରାଇବାକୁ ଚାହୁଁ ନ ଥିଲେ ଚନ୍ଦ୍ରକାନ୍ତ। ଯେତେବେଳେ ପୁଣି ଯୋଡ଼ିବାର ପରିସ୍ଥିତି ଆସିଲା, ସେଇ ସାଙ୍ଗ କଥା ମନେପଡ଼ିଲା। ସେତେବେଳେ ସିନା ତା'ର ପରାମର୍ଶରେ ହେଉ ବା ନିଜ ଭିତରେ ଭଲ ପାଇବାର କମି ହେଉ... ସିଧା ମନା କରିଦେଇଥିଲେ ବାହା ହବାକୁ। ସେଦିନ ସୁନୟନା କାନ୍ଦିଥିଲା ଢେର୍। ଜୀବନରୁ ସବୁଦିନ ଦୂରେଇ ଗଲାବେଳେ କହିଥିଲା- ତମର ଯେପରି କିଛି ଅସୁବିଧା ନ ହୁଏ... ମୁଁ ଧ୍ୟାନ ଦେବି... ଦୂରରୁ ଥାଇ ବି ଭଲପାଇହୁଏ। ତେଣୁ ଆଉ ସିଧା ମନା କରିବାକୁ ସାହସ କିମ୍ବା ଇଚ୍ଛା ହେଲା ନାହିଁ। ସେଇ ସାଙ୍ଗର କଥା ମନେପଡ଼ିଲା। ଯାହାର କି ଘରଟା ଥିଲା ସୁନୟନା ଘର ପାଖାପାଖି। ସାଙ୍ଗ ହିସାବରେ ଖୋଲି କି ସୁନୟନା ରାତିରେ ଫୋନ୍ କରୁଥିବା କଥା କହିଲା।

ଏସବୁ ଗୋପନ କଥା ତାକୁ କହିବାର ଉଦ୍ଦେଶ୍ୟ ଥିଲା- ଏହା ତା' ଦେହରେ ହଜମ ହେବ ନାହିଁ। ସୁନୟନାର ମା'ବାପା କାନରେ ଯାଇ ପହଞ୍ଚାଇବ କେଉଁ ନା କେଉଁ ମାଧ୍ୟମରେ। ଆଉ ସତ ବି ହେଲା। ଦିନକ ଭିତରେ ଫଳ ଫଳିଲା। ପ୍ରେମିକାଠାରୁ ଗାଳି ଶୁଣି କଷ୍ଟ ହେଲା ଚନ୍ଦ୍ରକାନ୍ତକୁ। ସେ ଗାଳିଦେଉ ପଛେ... ଫାଟିଯାଉ ପଛେ ଚନ୍ଦ୍ରକାନ୍ତର ଛାତିଟା... ଭଲ ହିଁ ହେଲା ଉଭୟଙ୍କ ପାଇଁ।

ସତରେ ପ୍ରକୃତ ପ୍ରେମ ଅନ୍ୟର ମଙ୍ଗଳରେ ହିଁ ଲୁଚିଥାଏ... ଠିକ୍ ଚନ୍ଦ୍ରକାନ୍ତଙ୍କ ପ୍ରେମ ଭଳି।



ଟେନ୍‌ସା, ସୁନ୍ଦରଗଡ଼
ମୋ: ୯୪୩୭୭୧୮୫୦୦

# ବଢୁଛି ବଜେଟ ଖର୍ଚ୍ଚ: ୧୧ ମାସରେ ୯.୬% ବୃଦ୍ଧି

ଭୁବନେଶ୍ୱର,୧୩।୨ (ରବିନାରାୟଣ ଜେନା)


ଅନୁ ଗର୍ଗ

ରାଜ୍ୟକୁ ବିକଶିତ ଶୀର୍ଷରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯିବା ସହିତ ସେହି ଅନୁସାରେ ରାଜ୍ୟ ବଜେଟର ଆକାର ବଢୁଛି। କେବଳ ବଜେଟର ଆକାର ବଢୁଛି ତାହା ନୁହେଁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ଭିତ୍ତିଭୂମି ବାବଦ ଖର୍ଚ୍ଚ ଗତବର୍ଷ ତୁଳନାରେ ଅଧିକ ହୋଇଛି। ୨୦୨୪-୨୫ ଆର୍ଥିକବର୍ଷ ଜାନୁଆରୀ ୩୧ ସୁଦ୍ଧା ଯେତିକି ବଜେଟ ଅର୍ଥ ଖର୍ଚ୍ଚ ହୋଇଥିଲା ତାହା ତୁଳନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ୯.୬ ପ୍ରତିଶତ ବଜେଟ ଅର୍ଥ ଅଧିକ ଖର୍ଚ୍ଚ ହୋଇଛି ବୋଲି ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ସମୀକ୍ଷା ବୈଠକରୁ ଜଣାପଡ଼ିଛି।

ଏ ସଂକ୍ରାନ୍ତରେ ଫେବୃଆରୀ ୧୦ରେ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ସବୁ ବିଭାଗକୁ ଅତିରିକ୍ତ ସଚିବ ପ୍ରଦାନ କରିଥିବା ବିବରଣୀ ଅନୁଯାୟୀ, ୨୦୨୪-୨୫ ଆର୍ଥିକବର୍ଷରେ କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚ ୫୨ପ୍ରତିଶତ ହୋଇଥିଲା। ମାତ୍ର ଚଳିତ ଆର୍ଥିକବର୍ଷ ଏହା ୫୪ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା କି ୨ପ୍ରତିଶତ ଅଧିକ ହୋଇଛି। ଗତଥର କାର୍ଯ୍ୟକ୍ରମ ବାବଦ ୮୬ହଜାର ୭୩୧କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଚଳିତବର୍ଷ ଏହି ଅବଧି ମଧ୍ୟରେ ଏହା ୧ଲକ୍ଷ ୭୧୧କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଚଳିତ ମାର୍ଚ୍ଚ୩୧ ସୁଦ୍ଧା ଏହି ପ୍ରତିଶତ ଆହୁରି ଅଧିକ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବା ସହିତ ମାନବସମ୍ବଳ ବାବଦ ଖର୍ଚ୍ଚ ବଢ଼ାଇବାକୁ ମୁଖ୍ୟଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସମୁଦାୟ ନିଜସ୍ୱ ରାଜସ୍ୱ, ଟିକସ ଓ ଅଣ ରାଜସ୍ୱ କ୍ଷେତ୍ରରୁ ଜାନୁଆରୀ ସୁଦ୍ଧା ୧ଲକ୍ଷ ୫୪ହଜାର ୧୯୫କୋଟି ଟଙ୍କା ପାଇଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ବିକାଶକୁ ତ୍ୱରାନ୍ୱିତ କରିବାକୁ ପାଇଁ ଏହି ପରିମାଣକୁ ଅଧିକ ବଢ଼ାଇବାକୁ ହେବ ବୋଲି ମୁଖ୍ୟସଚିବ କହିଛନ୍ତି।

ତଥ୍ୟ ଅନୁଯାୟୀ, ରାଜ୍ୟ ସରକାରଙ୍କ ନିଜସ୍ୱ ରାଜସ୍ୱ ଗତ ଆର୍ଥିକବର୍ଷ ତୁଳନାରେ ମନ୍ଥର ଗତିରେ ବୃଦ୍ଧି ପାଉଛି। ଜାନୁଆରୀ ଶେଷ ସୁଦ୍ଧା ରାଜ୍ୟର ନିଜସ୍ୱ ରାଜସ୍ୱ ୪୪ହଜାର ୧୪୭କୋଟି ଟଙ୍କା ହୋଇଛି, ଯାହାକି ପୂର୍ବବର୍ଷ ତୁଳନାରେ ମାତ୍ର ୦.୬୭% ଅଧିକ। ଏହି ସମୟରେ ରାଜ୍ୟ ସରକାରଙ୍କ ନିଜସ୍ୱ ଅଣ ଟିକସ ରାଜସ୍ୱ ୧୪.୨୧ ପ୍ରତିଶତ ବଢ଼ିଛି। ଜାନୁଆରୀ ୨୦୨୬ ସୁଦ୍ଧା ରାଜ୍ୟ ସରକାର ୪୭ହଜାର ୭୫୦କୋଟି ଟଙ୍କାର ଅଣ ରାଜସ୍ୱ ପାଇଛନ୍ତି ବୋଲି ବୈଠକରୁ ଜଣାପଡ଼ିଛି।

ବୈଠକରେ ସୂଚନା ଅନୁଯାୟୀ, ପୂର୍ତ୍ତ, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ ଓ ଶକ୍ତି ବିଭାଗ ସହିତ ସାମାଜିକ କ୍ଷେତ୍ରର ଭିତ୍ତିଭୂମି ବିକାଶ ଲାଗି ଶ୍ରମ, ପଞ୍ଚାୟତିରାଜ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଖର୍ଚ୍ଚ କିଭଳି ତ୍ୱରାନ୍ୱିତ ହୋଇପାରିବ ଏବଂ ଭିତ୍ତିଭୂମିର ବିକାଶ ହେବ ତାହାକୁ ନିୟମିତ ଭାବେ ସମୀକ୍ଷା କରିବାପାଇଁ ରାଜ୍ୟ ଉନ୍ନୟନ କମିଶନ ଦେଓରଞ୍ଜନ କୁମାର ସିଂହଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

# ବ୍ୟାନର ମାରି ଉପସ୍ଥିତି ଦର୍ଶାଇଲେ ମାଓବାଦୀ

- ଉତ୍କଳ ଆଲୁମିନା, ଆଦିତ୍ୟ ବିର୍ଲାକୁ ଆଦିବାସୀ ଶୋଷଣ ବନ୍ଦ ଚେତାବନୀ
- ସବ୍ୟସାଚୀ, ଆଜାଦ୍, ଉଦୟ, ନିଖିଲ ଆଦିବାସୀଙ୍କ ଉପରେ ଅତ୍ୟାଚାର କରୁଥିଲେ
- ଆତଙ୍କିତ ନ ହେବାକୁ ପୋଲିସର ଖବରଦାତା ସମ୍ମିଳନୀ

ରାୟଗଡ଼ା/କଲ୍ୟାଣସିଂହପୁର,୧୩।୨ (ଆଶିଷ ରଞ୍ଜନ ପଣ୍ଡା/ଦୀପକ କୁମାର ପରିଡ଼ା)

ଗତ ଶୁକ୍ରବାର ମାଓବାଦୀ ନେତା ନିଖିଲ ଓ ଇନ୍ଦୁଙ୍କ ସମେତ ୧୫ଜଣ ମାଓବାଦୀ ଆତ୍ମସମର୍ପଣ ପରେ ରାୟଗଡ଼ା ଜିଲା ଏକ ପ୍ରକାର ମାଓମୁକ୍ତ ଅଞ୍ଚଳ ହୋଇଥିବା ନେଇ ପୋଲିସ ଆଶ୍ୱସ୍ତି ପ୍ରକାଶ କରିଥିଲା। ହେଲେ ଠିକ୍ ଏହାର ସପ୍ତାହ ପରେ ଶୁକ୍ରବାର ପୁଣି ଥରେ ରାୟଗଡ଼ା ଜିଲାର ୩ଟି ସ୍ଥାନରେ ମାଓବାଦୀ ବ୍ୟାନର ଲାଗିଥିବା ଦେଖିବାକୁ ମିଳିଛି। ଏହି ବ୍ୟାନର ମାରି ମାଓବାଦୀମାନେ ଜିଲାରେ ନିଜ ଉପସ୍ଥିତି ଜାହିର କରିଛନ୍ତି।

ରାୟଗଡ଼ା ସହର ଉପକଣ୍ଠ ବାଇସିଂ ପଞ୍ଚାୟତ ଧୁମାଗୁଡ଼ା ବସ୍‌ଷ୍ଟପ, ଚାନ୍ଦିଲି ଥାନା ଅଧୀନ ପାଇକପଡ଼ା ଓ କଲ୍ୟାଣସିଂହପୁର ବ୍ଲକର ବୁଢ଼ାଗୁଡ଼ା ପଞ୍ଚାୟତ କୁମ୍ଭାଗୁଡ଼ା ଛକରେ ମାଓବାଦୀ ବ୍ୟାନର ଲାଗିଥିଲା। ଭୁଆଁ ପଏଣ୍ଟକୁ ଲୋକେ ମର୍ନିଂ ୱାକ୍‌ରେ ଯିବା ସମୟରେ ଧୁମାଗୁଡ଼ା ବସ୍‌ଷ୍ଟପ୍‌ରେ ସିପିଆଇ ମାଓବାଦୀ ସଂଗଠନ ପକ୍ଷରୁ ବ୍ୟାନର ଲାଗିଥିବା ଦେଖିବାକୁ ପାଇଥିଲେ। ସମସ୍ତ ବ୍ୟାନରରେ ଏକପ୍ରକାର ତଥ୍ୟ ରହିଛି। ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା, ଆଜାଦ୍, ଉଦୟ ଓ ନିଖିଲ ଆଦିବାସୀ ନ ଥିଲେ। ସେମାନେ ଆଦିବାସୀଙ୍କୁ ମାଓବାଦୀ ସଙ୍ଗଠନରେ ସାମିଲ କରାଇ ତାଙ୍କ ଉପରେ ଅତ୍ୟାଚାର କରୁଥିଲେ ବୋଲି ଉକ୍ତ ବ୍ୟାନରରେ ଉଲ୍ଲେଖ ରହିଛି। ଏହାର ଜବାବ ଏବେ ଦେବା ପାଇଁ ପ୍ରସ୍ତୁତ ଅଛୁ ବୋଲି ସିପିଆଇ ମାଓବାଦୀ ରାଜ୍ୟ ସମ୍ପାଦକ ମେଘ ଜାନୀ ଏବଂ ଡଂବାଇ ମାଝି ଦାବି କରିଥିବା ଉକ୍ତ ବ୍ୟାନରରେ ଉଲ୍ଲେଖ ରହିଛି। ଏଥିସହ କେବିକେ ଡିଭିଜନରେ ରହିଥିବା ଉତ୍କଳ ଆଲୁମିନା ଏବଂ ଆଦିତ୍ୟ ବିର୍ଲା ସମେତ ଅନ୍ୟ କମ୍ପାନୀ ଆଦିବାସୀଙ୍କୁ ଶୋଷଣ କରିବାରୁ ନିବୃତ୍ତ ରୁହନ୍ତୁ ବୋଲି ଚେତାବନୀ ଦିଆଯାଇଛି। ମାଓବାଦୀ ବ୍ୟାନର ଲାଗିଥିବା ଖବରପାଇ ସିଆର୍‌ପିଏଫ୍ ଯବାନଙ୍କ ସମେତ ବମ୍ ସ୍କ୍ୱାଡ୍ ସେଠାରେ ପହଞ୍ଚି ବ୍ୟାନରକୁ ବାହାରକରିବା ସହ ଆଖପାଖ ସ୍ଥାନରେ ତନାଘନା କରିଥିଲେ। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା। ଶେଷଖାଲ ପୋଲିସ ମଧ୍ୟ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଯାଞ୍ଚକରିବା ସହ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ପାଇକପଡ଼ା ଏବଂ କୁମ୍ଭାରଗୁଡ଼ା ଛକରେ ଲାଗିଥିବା ମାଓବାଦୀ ବ୍ୟାନର ମଧ୍ୟ ପୋଲିସ ଜବତ କରିଛି। ମାଓବାଦୀ ବ୍ୟାନର ଜବତ ପରେ ଅତିରିକ୍ତ ଏସ୍‌ପି ଅମୂଲ୍ୟ ଧର ଏକ ଖବରଦାତା ସମ୍ମିଳନୀ କରିଥିଲେ। ଏହା ଅସଲି କି ନକଲି ତାହାର ତଦନ୍ତ କରାଯାଉଛି। କେହି ଆତଙ୍କିତ ନ ହେବା ପାଇଁ ସେ ଅନୁରୋଧ କରିଛନ୍ତି।


ଚାନ୍ଦିଲି ଥାନା ଅଧୀନ ପାଇକପଡ଼ାରେ ଲାଗିଥିବା ମାଓବାଦୀ ବ୍ୟାନର।

ପ୍ରଥମ ପୃଷ୍ଠାରୁ...

## ହାସିନାଙ୍କ ପ୍ରତ୍ୟର୍ପଣ...


ଆଇନ ଅନୁଯାୟୀ ଭାରତ ତାଙ୍କୁ ପ୍ରତ୍ୟର୍ପଣ କଲେ ହାସିନା ନିଜ ଦେଶରେ ବିଚାରର ସମ୍ମୁଖୀନ ହେବେ। ବାଂଲାଦେଶ ଭାରତ ସହ ସ୍ୱାଭାବିକ ସମ୍ପର୍କ ଚାହେଁ, କିନ୍ତୁ ସମାନ ସର୍ତ୍ତରେ। ପାରସ୍ପରିକ ବିଶ୍ୱସ୍ତପୂର୍ଣ୍ଣ ସମ୍ପର୍କ ପାଇଁ ଏହା ଜରୁରୀ ବୋଲି ସେ ମତ ଦେଇଛନ୍ତି। ବିଏନ୍‌ପିର ଷ୍ଟାଣ୍ଡିଂ କମିଟି ସଦସ୍ୟ ତଥା ୨୦୨୬ ନିର୍ବାଚନର ଦଳର ମୁଖ୍ୟ କୋ-ଅର୍ଡିନେଟର ନଜରୁଲ ଇସ୍‌ଲାମ ଖାନ୍ ମୋଦି ନୂଆ ନେତା ରହମାନ୍ ଏବଂ ଲୋକଙ୍କ ବିଜୟକୁ ସ୍ୱୀକୃତି ଦେଇଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଇତିମଧ୍ୟରେ ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ଉଗ୍ରରୂପ ଧାରଣ କରିବା ସହ ବହୁ ହିନ୍ଦୁଙ୍କୁ ହତ୍ୟା କରାଯାଇଥିବାରୁ ନୂଆ ସରକାରଙ୍କ ସହ ନୂଆଦିଲ୍ଲୀର ସମ୍ପର୍କ କିଭଳି ରହିବ ତା' ଉପରେ ଏସିଆ ସମେତ ବିଶ୍ୱର ନଜର ରହିବ।

## ସ୍ୱାମୀଙ୍କୁ ଫାଶୀ...

କ୍ଷତବିକ୍ଷତ ହୋଇଥିଲେ। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବନିତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ୬ଦିନ ପରେ ବନିତାଙ୍କ ମୃତ୍ୟୁ ହୋଇଥିଲା। ଏନେଇ ବାପା କାର୍ତ୍ତିକ ସିଂଙ୍କ ଅଭିଯୋଗକ୍ରମେ ସହଦେବଖୁଣ୍ଟା ଥାନାରେ ଏକ ମାମଲା (ନଂ. ୫୬/୨୩) ରୁଜୁ ହୋଇଥିଲା। ପୋଲିସ ଚନ୍ଦନଙ୍କ ସମେତ ୭ଜଣଙ୍କୁ ଗିରଫ କରିଥିଲା। ଏନେଇ କୋର୍ଟରେ ସ୍ପେଶାଲ କେସ୍ (ନଂ. ୩୬/୨୩) ରୁଜୁ ହୋଇ ମାମଲା ବିଚାରାଧୀନ ଥିଲା। ଗତ ୪ତାରିଖରେ ଏହି ମାମଲାର ରାୟ ପ୍ରକାଶ କରି ସ୍ୱାମୀ ଚନ୍ଦନଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିଲେ। ସାକ୍ଷ୍ୟ ପ୍ରମାଣ ଆଧାରରେ ୬ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା। ଏହି ମାମଲାରେ ଶୁକ୍ରବାର ୩୪ଜଣ ସାକ୍ଷୀ, ୧୧୦ ଦସ୍ତାବିଜ ଓ ୩୩ଗୋଟି ମାଟେରିଆଲକୁ ଆଧାର କରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ଏଥିରେ ଡାକ୍ତରଙ୍କ ପ୍ରେସ୍କ୍ରିପସନ ବାଲେଶ୍ୱର ଦମ୍ପତିରଞ୍ଜନ ସେଣ୍ଟଙ୍କ ପ୍ରତ୍ୟକ୍ଷ ତଦାରଖରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସଞ୍ଜୟ କୁମାର ମହାନ୍ତି ଏବଂ ଅଭିଯୋଗକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୁଲଳିତ କର ମାମଲା ପରିଚାଳନା କରୁଥିଲେ।

# ନୀଳଗିରି ରାଜକୁମାର କିରେନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ ଦେହାନ୍ତ

ନୀଳଗିରି,୧୩।୨ (ପ୍ରଶାନ୍ତ କୁମାର ବିଶ୍ୱାଳ)



ଶେଷରାଜା କିଶୋରଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ କନିଷ୍ଠପୁତ୍ର

ବାଲେଶ୍ୱର ଜିଲ୍ଲା ନୀଳଗିରି ରାଜପରିବାରର ୩୩ତମ ତଥା ଶେଷରାଜା କିଶୋରଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ ୧୯୪୬ମସିହାରେ ଜନ୍ମିତ କନିଷ୍ଠପୁତ୍ର ରାଜକୁମାର କିରେନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ୮୦ବର୍ଷ ବୟସରେ ପରଲୋକ ଘଟିଛି। ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ତାଙ୍କୁ ୧୨ତାରିଖରେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଅକାଳବିୟୋଗ ଘଟିଛି। ରାଜକୁମାର ନୀଳଗିରି କେ. ସି. ହାଇସ୍କୁଲରେ ଶିକ୍ଷାପ୍ରାପ୍ତ କରିଥିଲେ। ପରେ କଲେଜଶିକ୍ଷା ପରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ଚାକିରି କରିଥିଲେ। ଚାକିରି ଜୀବନ ସମୟରେ ନିଜର କର୍ତ୍ତବ୍ୟ, ସମୟାନୁବର୍ତ୍ତିତା ସହିତ ଲୋକଙ୍କ ସ୍ୱାସ୍ଥ୍ୟସେବା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ଏଥିସହ ବନ୍ୟପ୍ରାଣୀଙ୍କୁ ଭଲ ପାଉଥିବାରୁ ତାଙ୍କର ଜ୍ୟେଷ୍ଠପୁତ୍ର ପ୍ରକାଶ ମର୍ଦ୍ଦରାଜ ମଧ୍ୟ ପିତାଙ୍କ ପଥ ଅନୁସରଣ କରି ୱାର୍ଡେନ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ଅକାଳ ବିୟୋଗରେ ରାଜପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତାଙ୍କର ଅନ୍ତିମ ସତ୍କାର ନୀଳଗିରିରାଜବାଟୀରେ ସମ୍ପନ୍ନ ହୋଇଛି। ସାନପୁଅ ବିକାଶ ମର୍ଦ୍ଦରାଜ ମୁଖାଗ୍ନି ଦେଇଛନ୍ତି।

# ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

**ଟେକ୍ସଟାଇଲ ପାର୍କର ଶିଳାନ୍ୟାସ କରିବେ**

କେନ୍ଦୁଝର,୧୩।୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଦିନିକିଆ କେନ୍ଦୁଝର ଗସ୍ତରେ ଆସିବେ। ଏହି ଅବସରରେ ସଦର ବ୍ଲକ୍ ବଳଭଦ୍ରପୁର ଗ୍ରାମରେ ଏକ ଟେକ୍ସଟାଇଲ ପାର୍କ ଓ ଧରଣୀଧର ବିଶ୍ୱବିଦ୍ୟାଳୟର ଦକ୍ଷିଣ କ୍ୟାମ୍ପସରେ ଏକ ଡାଟା ରିକଭରି କମ୍ ଡାଟା ସେଣ୍ଟରର ଶିଳାନ୍ୟାସ କରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପୋଷାକ ତିଆରି ୟୁନିଟ୍‌ଟି ହିଣ୍ଡାଲ୍‌କୋ କମ୍ପାନୀ ଦ୍ୱାରା ନିର୍ମାଣ ହେବ। ପ୍ରକଳ୍ପରେ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏଥିରେ ୧୨୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ପାଇବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରକଳ୍ପ ବଳଭଦ୍ରପୁର ଅଞ୍ଚଳରେ ୬.୬ ଏକର ଜମିରେ ପ୍ରତିଷ୍ଠା କରାଯିବ ବୋଲି ଜଣାପଡ଼ିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଚେନ୍ନାଇ (ତାମିଲନାଡୁ)ର ଏକ ଚିକେନ୍ ଦୋକାନ ପାଇଁ ଅଭିଜ୍ଞ ଲୋକ ଆବଶ୍ୟକ।
ଯୋଗାଯୋଗ
86800 00062

**WANTED**
Wanted male To male massage therapists for spa centre at Bhubaneswar. Age limit 20yrs to 25yrs. Contact: 9861550765

See Career Appointment on every Wednesday & Saturday

**REQUIRED**
Required 2 Nos. of MARKETING (FEMALE) for a Educational Institute at Unit - 8, Bhubaneswar.
Cont.: 7609065707 (M)
email: msujata82@gmail.com

**WALK-IN-INTERVIEW**
Date: 18th & 19th Feb. 2026 | Time Starts from 11 A.M.
1.GNM: B.Sc. Nursing
2.Lab. Technician: DMLT/B.Sc. MLT
SUN HOSPITAL PVT. LTD.
Jubuli Town, Kantanali Bypass, Dhenkanal
Contact: 8249206554 | 7978091292 | 7735098892

**GOVERNMENT OF ODISHA**
**DEPARTMENT OF WATER RESOURCE**
**OFFICE OF THE SUPERINTENDING ENGINEER, NABARANGPUR IRRIGATION DIVISION**
NABARANGPUR, DIST-NABARANGPUR (ODISHA)
Email ID : senidivision@gmail.com

No.32001/87/2526
Lr no.224
Dated : 10.02.2026

**E-PROCUREMENT NOTICE**
**BID IDENTIFICATION NO-SE-NID-08/2025-26 (01-02)**

1. Nature of the work : **Bank Protection work**, 2. Total Nos. of works : **02 (Two) Nos.**, 3. Tender cost of the works : **From Rs.43.41 lakhs to Rs.31.51 lakhs (excluding GST)**, 4. Class of Contractor : **'C' & 'B' Class**, 5. Period of completion : **01 (One) Month & 02 (Two) month**, 6. Other details as follows :

| Procurement Officer | Bid Identification No. | Availability of Bid pn-line | | Last date & time of seeking tender clarification | Date & Time & Place of opening of Tender |
|---|---|---|---|---|---|
| Superintending Engineer, Nabarangpur Irrigation Division, Nabarangpur | SE-NID-08/2025-26 (01-02) | 16.02.2026 (10.00 A.M.) | 25.02.2026 (up to 05.00 P.M.) | 20.02.2026 up to 5.00 P.M. | 26.02.2026 at 11.00 A.M. in the O/o the Superintending Engineer, Nabarangpur Irrigation Division, Nabarangpur |

Further details can be seen from the Government website www.tendersodisha.gov.in. Addendum/Corrigendum/Cancellation if any required will be published in Govt. website only.

Sd./- Superintending Enigneer
Nabarangpur Irrigation Division, Nabarangpur
OIPR-32001/32361/1/25-26/0001

**ODISHA HYDRO POWER CORPORATION LTD.**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/P.O : BARINIPUT, DIST. : KORAPUT - 764006
Phone : (06854) 242001, Fax : (06854) 242038, e-mail : sgmel_ukhep@ohpcltd.com

**NOTICE INVITING TENDER No.45/2025-26 date : 07.02.2026**

**No.4001/15/2526** : Sealed Tenders are invited in TWO PART i.e. (i) Techno Commercial Bid & (ii) Price Bid in separate sealed envelopes from Reputed Registered Firms having minimum 5(five) years of experience in the field of diving works in large Hydro Power Stations for Under Water Diving & Salvage Works for Upper Kolab Power House, Bariniput, Dist. : Koraput, Odisha.

The firm should consist of one Head Diver / Supervisor and at least 04 Nos. of competent skilled divers having at least 05 (five) years of diving experience in Hydro Power Stations. The firm should have valid GST Registration Certificate, IT PAN & requisite certificate from recognize diving institute etc.

| Sl. No. | Description of Work | Cost of Tender Specification (Non-Refundable) | EMD in Rs. (Refundable) |
|---|---|---|---|
| 1 | Under water diving & Salvage Works of Upper Kolab Power House, Bariniput, Dist. : Koraput, Odisha | Rs.4720/- (Rs.4000/- + GST@18%) | Rs.10,000/- |

Sale of tender paper : **From 13.02.2026 to 11:00 Hrs. of 27.02.2026**
Last date of submission of tender : **12:00 Hrs. of 27.02.2026**
Date & Time of opening of tender : **12:30 Hrs. of 27.02.2026**
**For details of the tender documents, terms and conditions, corrigendum etc. please visit our website www.ohpcltd.com.**
**OIPR-4001/4002/1/25-26/0001** **Sd./- C & P Head, UKHEP, Bariniput**

**SBI** The banker to every Indian
**ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା**
ନାଗାଲାଣ୍ଡ ହାଉସ୍, ୮ମ ମହଲା, ୧୧ ଓ ୧୩, ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦ ୩୦୯୮, ଫାକ୍ସ: ୦୩୩ ୨୨୮୧ ୦୬୨୨, ଇ-ମେଲ୍: sbi.04151@sbi.co.in

**[ନିୟମ ୮(୧)]**
**ଦଖଲ ନୋଟିସ**
**(ସ୍ଥାବର ସମ୍ପତ୍ତି ପାଇଁ)**

ଯେହେତୁ:

ନିମ୍ନସ୍ୱାକ୍ଷରକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, ନାଗାଲାଣ୍ଡ ହାଉସ୍ (୮ମ ମହଲା), ୧୧ ଓ ୧୩, ସେକ୍ସପିୟର୍ ସରଣୀ, କୋଲକାତାର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୩ ସହ ପଠନପୂର୍ବକ ଧାରା ୧୩ (୧୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ସରଫାଏସି ଅଧିନିୟମ, ୨୦୦୨ର ଧାରା ୧୩(୨) ଅଧୀନରେ ତା୦୧।୧୧।୨୦୨୫ରିଖରେ ଏକ ଡିମାଣ୍ଡ ନୋଟିସ ଜାରି କରି ଋଣଗ୍ରହୀତା **ମେସର୍ସ ଜଗନ୍ନାଥ ରାଇସ୍ ମିଲ୍ସ,** କାର୍ଯ୍ୟାଳୟ ସ୍ଥାନ: ଗୁପ୍ତା ନିବାସ, ଓଲ୍ଡ ଷ୍ଟେଶନ ରୋଡ୍, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬ ଏବଂ ବ୍ୟକ୍ତିଗତ ଗ୍ୟାରେଣ୍ଟି ଦେଇଥିବା **ଗ୍ୟାରେଣ୍ଟିଦାତା** i) ଶ୍ରୀ ସୁଭାଷ ଚନ୍ଦ୍ର ଗୁପ୍ତା, ପିତା: ଜଗଦୀଶ ରାୟ ଗୁପ୍ତା, ii) ଶ୍ରୀ ମହେନ୍ଦ୍ର କୁମାର ଗୁପ୍ତା, ପିତା: ଜଗଦୀଶ ରାୟ ଗୁପ୍ତା, iii) ଶ୍ରୀ ମନମୋହନ ଗୁପ୍ତା, ପିତା: ଭଗତ ରାମ ଗୁପ୍ତା, iv) ଶ୍ରୀମତୀ ସୁଶୀଳା ଗୁପ୍ତା, ସ୍ୱାମୀ: ସୁବାସ ଚନ୍ଦ୍ର ଗୁପ୍ତା, v) ଶ୍ରୀମତୀ ସୁନୀତା ଗୁପ୍ତା, ସ୍ୱାମୀ: ଆଦି ନାରାୟଣ ଗୁପ୍ତା, vi) ଶ୍ରୀମତୀ ରୀତୁ ଗୁପ୍ତା, ସ୍ୱାମୀ: ଜିତେନ୍ଦ୍ର ମୋହନ ଗୁପ୍ତା, vii) ଶ୍ରୀ ଆର୍ଯ୍ୟମାନ ଗୁପ୍ତା, ପିତା: ଅଭିଷେକ ଗୁପ୍ତାଙ୍କୁ ନୋଟିସରେ ଦର୍ଶାଯାଇଥିବା ତା୩୧।୧୦।୨୦୨୫ରିଖର ରାଶି, ଅର୍ଥାତ୍ ଟ.୨୪,୮୫,୬୯,୪୫୧.୬୦ (ଚବିଶ କୋଟି ପଞ୍ଚାଅଣୀ ଲକ୍ଷ ଅଣଷଠି ହଜାର ଚାରିଶହ ଏକାବନ ଟଙ୍କା ଷାଠିଏ ପଇସା ମାତ୍ର) ସମେତ ତା୦୧।୧୧।୨୦୨୫ରିଖଠାରୁ ସୁଧ ସହ ଖର୍ଚ୍ଚ, ବ୍ୟୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଶୁଳ୍କକୁ ଉକ୍ତ ନୋଟିସ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ପୁନଶ୍ଚ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, ନାଗାଲାଣ୍ଡ ହାଉସ୍ (୮ମ ମହଲା), ୧୧ ଓ ୧୩, ସେକ୍ସପିୟର୍ ସରଣୀ, କୋଲକାତା ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ର ଧାରା ୧୩(୨) ଅଧୀନରେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୩ ସହ ପଠନପୂର୍ବକ ଧାରା ୧୩(୧୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ତା୦୧।୧୧।୨୦୨୫ରିଖରେ ଏକ ଡିମାଣ୍ଡ ନୋଟିସ ଜାରି କରି ଋଣଗ୍ରହୀତା **ମେସର୍ସ ମା' ଭୁଆଷୁଣି ରୋଲର୍ ଫ୍ଲାଓର ମିଲ୍ସ,** କାର୍ଯ୍ୟାଳୟ ସ୍ଥାନ: ଗୁପ୍ତା ନିବାସ, ଓଲ୍ଡ ଷ୍ଟେଶନ ରୋଡ୍, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬ ଏବଂ ବ୍ୟକ୍ତିଗତ ଗ୍ୟାରେଣ୍ଟି ଦେଇଥିବା ଗ୍ୟାରେଣ୍ଟିଦାତା i) ସୁଭାଷ ଚନ୍ଦ୍ର ଗୁପ୍ତା, ପିତା: ଜଗଦୀଶ ରାୟ ଗୁପ୍ତା, ii) ମହେନ୍ଦ୍ର କୁମାର ଗୁପ୍ତା, ପିତା: ଜଗଦୀଶ ରାୟ ଗୁପ୍ତା, iii) ମନମୋହନ ଗୁପ୍ତା, ପିତା: ଭଗତ ରାମ ଗୁପ୍ତା, iv) ସୁଶୀଳା ଗୁପ୍ତା, ସ୍ୱାମୀ: ସୁବାସ ଚନ୍ଦ୍ର ଗୁପ୍ତା, v) ସୁନୀତା ଗୁପ୍ତା, ସ୍ୱାମୀ: ଆଦି ନାରାୟଣ ଗୁପ୍ତା, vi) ହର୍ଷ ମୋହନ ଗୁପ୍ତା, ପିତା: ସୁବାସ ଚନ୍ଦ୍ର ଗୁପ୍ତା, vii) ପଦ୍ମା ଗୁପ୍ତା, ସ୍ୱାମୀ: ମହେନ୍ଦ୍ର କୁମାର ଗୁପ୍ତା, viii) କିରଣ ଗୁପ୍ତା, ସ୍ୱାମୀ: ଭଗତ ରାମ ଗୁପ୍ତା, ix) ମନୀଷା ଗୁପ୍ତା, ସ୍ୱାମୀ: ହର୍ଷ ମୋହନ ଗୁପ୍ତା, x) ରଶ୍ମି ଗୁପ୍ତା, ସ୍ୱାମୀ: ଭିନିତ୍ ମୋହନ ଗୁପ୍ତା, xi) ରୀତୁ ଗୁପ୍ତା, ସ୍ୱାମୀ: ଜିତେନ୍ଦ୍ର ମୋହନ ଗୁପ୍ତା, xii) ଆର୍ଯ୍ୟମାନ ଗୁପ୍ତା, ପିତା: ଅଭିଷେକ ଗୁପ୍ତା ଏବଂ କର୍ପୋରେଟ୍ ଗ୍ୟାରେଣ୍ଟି (i) ମା' ଭୁଆଷୁଣି ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃଙ୍କୁ ନୋଟିସରେ ଦର୍ଶାଯାଇଥିବା ରାଶି ଅର୍ଥାତ୍ ତା୩୧।୧୦।୨୦୨୫ରିଖ ସୁଦ୍ଧା ଥିବା ଟ.୧୯,୩୩,୯୭,୬୬୩.୬୮ (ଉଣେଇଶ କୋଟି ତେତିଶ ଲକ୍ଷ ସତାନବେ ହଜାର ଛଅଶହ ତେଷଠି ଟଙ୍କା ଅଠଷଠି ପଇସା ମାତ୍ର) ସମେତ ତା୦୧।୧୧।୨୦୨୫ରିଖଠାରୁ ସୁଧ ସହ ଖର୍ଚ୍ଚ, ବ୍ୟୟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଶୁଳ୍କକୁ ଉକ୍ତ ନୋଟିସ ପ୍ରାପ୍ତି ତାରିଖରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଋଣଗ୍ରହୀତା(ଗଣ)/ବନ୍ଧକଦାତା(ଗଣ)/ଗ୍ୟାରେଣ୍ଟିଦାତା(ଗଣ) ଉକ୍ତ ରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ଏତଦ୍ୱାରା ଋଣଗ୍ରହୀତା(ଗଣ)/ବନ୍ଧକଦାତା(ଗଣ)/ଗ୍ୟାରେଣ୍ଟିଦାତା(ଗଣ) ଏବଂ ସର୍ବସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ ନିମ୍ନସ୍ୱାକ୍ଷରକାରୀ ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ଉକ୍ତ ଅଧିନିୟମର ଧାରା ୧୩(୪) ସହ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଅଧୀନରେ ଅଦ୍ୟ ୧୦ ଫେବୃଆରୀ, ୨୦୨୬ ଦିନ ଦଖଲକୁ ନେଇଛନ୍ତି।

ଋଣଗ୍ରହୀତା(ଗଣ)/ବନ୍ଧକଦାତା(ଗଣ)/ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ବିଶେଷ ଭାବରେ ଏବଂ ଜନସାଧାରଣଙ୍କୁ ସାଧାରଣ ଭାବରେ ଏତଦ୍ଦ୍ୱାରା ସତର୍କ କରିଦିଆଯାଉଛି ଯେ ଉକ୍ତ ସମ୍ପତ୍ତି/ଗୁଡ଼ିକ ସହ କୌଣସି କାରବାର କରନ୍ତୁ ନାହିଁ ଏବଂ ଉକ୍ତ ସମ୍ପତ୍ତି/ଗୁଡ଼ିକ ସହ କୌଣସି କାରବାର କରାଗଲେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, ନାଗାଲାଣ୍ଡ ହାଉସ୍ (୮ମ ମହଲା), ୧୧ ଓ ୧୩, ସେକ୍ସପିୟର୍ ସରଣୀ, କୋଲକାତା ୭୦୦୦୭୧ଙ୍କ ଦ୍ୱାରା ଟ.୪୪,୧୯,୫୭,୧୧୫.୨୮ (ଚଉରାଳିଶ କୋଟି ଉଣେଇଶ ଲକ୍ଷ ସତାବନ ହଜାର ଏକଶହ ପନ୍ଦର ଟଙ୍କା ଅଠେଇଶ ପଇସା ମାତ୍ର) ରାଶି ଏବଂ ତା୦୧।୧୧।୨୦୨୫ରିଖଠାରୁ ତାହା ଉପରେ ଲାଗୁ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଆଦି ଚାର୍ଜ କରାଯିବ।

***ଅଧିନିୟମର ଧାରା ୧୩ର ଉପ-ଧାରା (୮)ର ବ୍ୟବସ୍ଥାପନ ଅନୁଯାୟୀ ସୁରକ୍ଷିତ ପରିସମ୍ପତ୍ତିଗୁଡ଼ିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସଂକ୍ରାନ୍ତରେ ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।***

**ସମ୍ପତ୍ତିର ବର୍ଣ୍ଣନା**

୧. ମେସର୍ସ ଜଗନ୍ନାଥ ରାଇସ୍ ମିଲ୍ ନାମରେ ଥିବା ଜମି ଓ ଭବନର ନ୍ୟାୟୋଚିତ ବନ୍ଧକ (ଡିଡ୍ ନଂ. ୩୯୦୦, ତା ୧୪।୦୭।୧୯୭୪ ଓ ୬୦୦୭, ତା୧୩।୧୧।୧୯୭୨) ସହ ସମ୍ପତ୍ତିର ଅନୁସୂଚୀ ଯାହା "ମୌଜା-ଲକ୍ଷ୍ମୀସାଗର, ୟୁନିଟ୍-୩୦, ଖାତା ନଂ.-୧୦୯୬, ପ୍ଲଟ୍ ନଂ.-୬୮୯ ଏବଂ ୭୯୦, ଭୁବନେଶ୍ୱର, ଯଥାକ୍ରମେ ରକବା: ଏ୦.୪୩୩ ଡିସିମିଲ ଓ ଏ.୦.୯୨୦ ଡିସିମିଲ। କିସମ: ହୋମଷ୍ଟିଡ୍, ତାହା ଉପରେ ସାବକ ଖାତା ନଂ.୩୬୪, ପ୍ଲଟ୍ ନଂ.-୩୮(ପି), ପ୍ଲଟ୍ ନଂ.-୪୫/୧୪୧୬ (ପି) ଏବଂ ପ୍ଲଟ୍ ନଂ.-୩୯(ପି) ଏବଂ ସାବକ ଖାତା ନଂ.-୬୩, ପ୍ଲଟ୍ ନଂ.-୪୦ ଅନୁରୂପ" ଭାବେ ବର୍ଣ୍ଣିତ (ଅନୁସୂଚୀ B ଅଧୀନସ୍ଥ ଦସ୍ତାବିଜଗୁଡ଼ିକରେ ଦର୍ଶାଯାଇଥିବା ଅନୁଯାୟୀ)।

ଚଉହଦୀ:
- ପୂର୍ବ: ପ୍ଲଟ୍ ନଂ.: କଟକ ରୋଡ୍ ଓ ପ୍ଲଟ୍ ୭୯୧, ୭୯୩ ଓ ୨୮୯୬
- ପଶ୍ଚିମ: ରାଜସ୍ୱ ପ୍ଲଟ୍ ନଂ. ୭୮୮ ଓ ୭୦୫
- ଉତ୍ତର: ରାଜସ୍ୱ ପ୍ଲଟ୍ ନଂ. ୭୯୧
- ଦକ୍ଷିଣ: ପ୍ଲଟ୍ ନଂ.-୨୮୯୬, ୭୦୦, ୭୦୧, ୩୦୯୮, ୭୦୩ ଓ ୭୦୫

**(ମେସର୍ସ ଜଗନ୍ନାଥ ରାଇସ୍ ମିଲ୍ସ ଏବଂ ମେସର୍ସ ମା ଭୁଆଷୁଣି ରୋଲର୍ ଫ୍ଲାଓର ମିଲ୍ସ ପାଇଁ ସୃଷ୍ଟି ବନ୍ଧକ, ଅର୍ଥାତ୍ ଉଭୟ ଋଣ ଖାତା ପାଇଁ ସାଧାରଣ ବନ୍ଧକ ଭାବେ ପ୍ରଦତ୍ତ ସମ୍ପତ୍ତି)**

୨. ଶ୍ରୀ ସୁବାସ ଚନ୍ଦ୍ର ଗୁପ୍ତାଙ୍କ ନାମରେ ଥିବା ଜମି ଓ ଭବନ {(ମାଲିକାନା ଦଲିଲ (ପ୍ରମାଣୀକୃତ ନକଲ) ନଂ.୩୨୧୫, ତା୧୯।୦୪।୧୯୭୯)}ର ନ୍ୟାୟୋଚିତ ବନ୍ଧକ ସହ ସମ୍ପତ୍ତିର ଅନୁସୂଚୀ ଯାହା "ମୌଜା- ଲକ୍ଷ୍ମୀସାଗର, ୟୁନିଟ୍-୩୦, ଖାତା ନଂ.-୧୪୫୯, ପ୍ଲଟ୍ ନଂ.-୭୯୦/୨୮୯୬, ଭୁବନେଶ୍ୱର, ରକବା: ଏ୦.୨୬୫ ଡିସିମିଲ। କିସମ: ହୋମଷ୍ଟିଡ୍, ତାହା ଉପରେ ସାବକ ଖାତା ନଂ.୨୫୩, ପ୍ଲଟ୍ ନଂ.-୧୫୧(ପି) ଏବଂ ପ୍ଲଟ୍ ନଂ.୪୫/୧୪୧୬(ପି) ଅନୁରୂପ" ଭାବେ ବର୍ଣ୍ଣିତ (ଅନୁସୂଚୀ B ଅଧୀନସ୍ଥ ଦସ୍ତାବିଜଗୁଡ଼ିକରେ ଦର୍ଶାଯାଇଥିବା ଅନୁଯାୟୀ)

ଚଉହଦୀ:
- ପୂର୍ବ: ପ୍ଲଟ୍ ନଂ. ୭୦୧ ଓ ୭୦୨
- ପଶ୍ଚିମ: ରାସ୍ତା
- ଉତ୍ତର: ରାଜସ୍ୱ ପ୍ଲଟ୍ ନଂ. ୭୯୦
- ଦକ୍ଷିଣ: ପ୍ଲଟ୍ ନଂ. ୭୦୦ ଓ ୭୯୨

**(ମେସର୍ସ ଜଗନ୍ନାଥ ରାଇସ୍ ମିଲ୍ସ ଏବଂ ମେସର୍ସ ମା ଭୁଆଷୁଣି ରୋଲର୍ ଫ୍ଲାଓର ମିଲ୍ସ ପାଇଁ ସୃଷ୍ଟି ବନ୍ଧକ, ଅର୍ଥାତ୍ ଉଭୟ ଋଣ ଖାତା ପାଇଁ ସାଧାରଣ ବନ୍ଧକ ଭାବେ ପ୍ରଦତ୍ତ ସମ୍ପତ୍ତି)**

**ପ୍ରାଧିକୃତ ଅଧିକାରୀ**
**ତାରିଖ: ୧୦।୦୨।୨୦୨୬** **ପଦବୀ: ସହାୟକ ମହାପ୍ରବନ୍ଧକ ଏବଂ ସିଏଲ୍‌ଓ-ଭି**
**ସ୍ଥାନ: ଭୁବନେଶ୍ୱର** **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଏସ୍‌ଏଏମ୍ ଶାଖା-୧, କୋଲକାତା**

**SBI** The banker to every Indian
**ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା**
ନାଗାଲାଣ୍ଡ ହାଉସ୍, ୮ମ ମହଲା, ୧୧ ଓ ୧୩, ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦ ୩୦୯୮, ଫାକ୍ସ: ୦୩୩ ୨୨୮୧ ୦୬୨୨, ଇ-ମେଲ୍: sbi.04151@sbi.co.in

**[ନିୟମ ୮(୧)]**
**ଦଖଲ ନୋଟିସ**
**(ସ୍ଥାବର ସମ୍ପତ୍ତି ପାଇଁ)**

**ଯେହେତୁ:**

ନିମ୍ନ ସ୍ୱାକ୍ଷରକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, ନାଗାଲାଣ୍ଡ ହାଉସ୍ (୮ମ ମହଲା), ୧୧ ଓ ୧୩, ସେକ୍ସପିୟର୍ ସରଣୀ, କୋଲକାତାର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୩ ସହ ପଠନପୂର୍ବକ ଧାରା ୧୩ (୧୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ସରଫାଏସି ଅଧିନିୟମ, ୨୦୦୨ର ଧାରା ୧୩(୨) ଅଧୀନରେ ତା୨୯।୦୯।୨୦୨୫ରିଖରେ ଏକ ଡିମାଣ୍ଡ ନୋଟିସ ଜାରି କରି ଋଣଗ୍ରହୀତା **ମେସର୍ସ ଶ୍ରୀ ଜଗନ୍ନାଥ ରୋଲର୍ ଫ୍ଲାୱର ମିଲ୍ସ,** କାର୍ଯ୍ୟାଳୟ ସ୍ଥାନ: ଗୁପ୍ତା ନିବାସ, ଓଲ୍ଡ ଷ୍ଟେଶନ ରୋଡ୍, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬ ଏବଂ ବ୍ୟକ୍ତିଗତ ଗ୍ୟାରେଣ୍ଟି ଦେଇଥିବା **ଗ୍ୟାରେଣ୍ଟିଦାତା** (୧) ଶ୍ରୀ ସୁଭାଷ ଚନ୍ଦ୍ର ଗୁପ୍ତା, (୨) କିରଣ ଗୁପ୍ତା, (୩) ହର୍ଷ ମୋହନ ଗୁପ୍ତା, (୪) ପଦ୍ମା ଗୁପ୍ତା, (୫) ଜିତେନ୍ଦ୍ର ମୋହନ ଗୁପ୍ତା, (୬) ଆଦି ନାରାୟଣ ଗୁପ୍ତା, (୭) ରୀତୁ ଗୁପ୍ତା ଏବଂ କର୍ପୋରେଟ୍ ଗ୍ୟାରେଣ୍ଟି (୧) ମା ଭୁଆଷୁଣି ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃକୁ ନୋଟିସରେ ଦର୍ଶାଯାଇଥିବା ତା୨୮।୦୯।୨୦୨୫ରିଖର ରାଶି, ଅର୍ଥାତ୍ **ଟ.୪୧,୫୨,୦୮,୨୩୧.୧୩ (ଏକଚାଳିଶ କୋଟି ବାଉନ ଲକ୍ଷ ଆଠ ହଜାର ଦୁଇଶହ ଏକତିରିଶ ଟଙ୍କା ତେର ପଇସା ମାତ୍ର)** ସମେତ ତା୨୯।୦୯।୨୦୨୫ରିଖଠାରୁ ସୁଧ ସହ ଖର୍ଚ୍ଚ, ବ୍ୟୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଶୁଳ୍କକୁ ଉକ୍ତ ନୋଟିସ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଋଣଗ୍ରହୀତା(ଗଣ)/ବନ୍ଧକଦାତା(ଗଣ)/ଗ୍ୟାରେଣ୍ଟିଦାତା(ଗଣ) ଉକ୍ତ ରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ଏତଦ୍ୱାରା ଋଣଗ୍ରହୀତା(ଗଣ)/ବନ୍ଧକଦାତା(ଗଣ)/ଗ୍ୟାରେଣ୍ଟିଦାତା(ଗଣ) ଏବଂ ସର୍ବସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ ନିମ୍ନସ୍ୱାକ୍ଷରକାରୀ ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ଉକ୍ତ ଅଧିନିୟମର ଧାରା ୧୩(୪) ସହ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଅଧୀନରେ ଅଦ୍ୟ ୧୦ ଫେବୃଆରୀ, ୨୦୨୬ ଦିନ ଦଖଲକୁ ନେଇଛନ୍ତି।

ଋଣଗ୍ରହୀତା(ଗଣ)/ବନ୍ଧକଦାତା(ଗଣ)/ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ବିଶେଷ ଭାବରେ ଏବଂ ଜନସାଧାରଣଙ୍କୁ ସାଧାରଣ ଭାବରେ ଏତଦ୍ଦ୍ୱାରା ସତର୍କ କରିଦିଆଯାଉଛି ଯେ ଉକ୍ତ ସମ୍ପତ୍ତି/ଗୁଡ଼ିକ ସହ କୌଣସି କାରବାର କରନ୍ତୁ ନାହିଁ ଏବଂ ଉକ୍ତ ସମ୍ପତ୍ତି/ଗୁଡ଼ିକ ସହ କୌଣସି କାରବାର କରାଗଲେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, ନାଗାଲାଣ୍ଡ ହାଉସ୍ (୮ମ ମହଲା), ୧୧ ଓ ୧୩, ସେକ୍ସପିୟର୍ ସରଣୀ, କୋଲକାତା ୭୦୦୦୭୧ଙ୍କ ଦ୍ୱାରା **ଟ.୪୧,୫୨,୦୮,୨୩୧.୧୩ (ଏକଚାଳିଶ କୋଟି ବାଉନ ଲକ୍ଷ ଆଠ ହଜାର ଦୁଇଶହ ଏକତିରିଶ ଟଙ୍କା ତେର ପଇସା ମାତ୍ର)** ରାଶି ଏବଂ ତା୨୯।୦୯।୨୦୨୫ରିଖଠାରୁ ତାହା ଉପରେ ଲାଗୁ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଆଦି ଚାର୍ଜ କରାଯିବ।

***ଅଧିନିୟମର ଧାରା ୧୩ର ଉପ-ଧାରା (୮)ର ବ୍ୟବସ୍ଥାପନ ଅନୁଯାୟୀ ସୁରକ୍ଷିତ ପରିସମ୍ପତ୍ତିଗୁଡ଼ିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସଂକ୍ରାନ୍ତରେ ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।***

**ସମ୍ପତ୍ତିର ବର୍ଣ୍ଣନା**

୧) ମେସର୍ସ ଶ୍ରୀ ଜଗନ୍ନାଥ ରୋଲର ଫ୍ଲାଓର୍ ମିଲ୍ସ ନାମରେ ଥିବା ଜମି ଓ ଭବନର ନ୍ୟାୟୋଚିତ ବନ୍ଧକ ସହ ସମ୍ପତ୍ତିର ଅନୁସୂଚୀ ଯାହା ମୌଜା- ଜେମାଦେଈ, ତହସିଲ- ଖୋର୍ଦ୍ଧା, ଇଡ୍‌କୋ ପ୍ଲଟ୍ ନଂ.: ଏଫ୍/୨୨, ରକବା: ଏ୩.୩୨୭ ଅନୁଯାୟୀ ବର୍ଣ୍ଣିତ ଓ ରାଜସ୍ୱ ଖାତା ନଂ.: ୨୮୯, ରାଜସ୍ୱ ପ୍ଲଟ୍ ନଂ.: ୮୩୧ (ପି) ବିଷୟକ, ଲିଜ୍ ହୋଲ୍ଡ ମେସର୍ସ ଶ୍ରୀ ଜଗନ୍ନାଥ ରୋଲର୍ ଫ୍ଲାଓର ମିଲ୍ସ ସପକ୍ଷରେ, ଲିଜ୍ ଦଲିଲ ନଂ. ୧୦୮୧୧୩୨୨୨୧, ତାରିଖ: ୦୧।୧୨।୨୦୧୧ ମାଧ୍ୟମରେ ପଞ୍ଜୀକୃତ।

ଚଉହଦୀ ନିମ୍ନ ଅନୁଯାୟୀ:
- ଉତ୍ତର: ଇଡ୍‌କୋ ଜମି
- ଦକ୍ଷିଣ: ଇଡ୍‌କୋ ପ୍ଲଟ୍ ନଂ.ଏଫ୍/୨୧
- ପୂର୍ବ: ଇଡ୍‌କୋ ରାସ୍ତା
- ପଶ୍ଚିମ: ଇଡ୍‌କୋ ପ୍ଲଟ୍ ନଂ. ଏଫ୍/୨୧ ଓ ରାଜସ୍ୱ ପ୍ଲଟ୍ ନଂ.୮୩୭

**ପ୍ରାଧିକୃତ ଅଧିକାରୀ**
**ତାରିଖ: ୧୦।୦୨।୨୦୨୬** **ପଦବୀ: ସହାୟକ ମହାପ୍ରବନ୍ଧକ ଏବଂ ସିଏଲ୍‌ଓ-ଭି**
**ସ୍ଥାନ: ଖୋର୍ଦ୍ଧା** **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଏସ୍‌ଏଏମ୍ ଶାଖା-୧, କୋଲକାତା**

**ADITY BIRLA PRIMARY SCHOOL, LAPANGA**

The Aditya Birla Primary School, Lapanga invites application from eligible and competent candidates for the Pre Primary Teacher and Clerical Post.

| LOCATION | REQUIREMENT | REQUIREMENT |
|---|---|---|
| Aditya Birla Primary School, Lapanga Odisha | Mother Teacher For Pre Primary Class. To teach all subjects. | Graduate with NTT/B.Ed. Experience of 4 years in a reputed school. |
| Aditya Birla Primary School, Lapanga Odisha | Graduate with DCA/PGDCA | Well versed in handling Government portals. > UDISE > RTE > CBSE > Computer Proficiency is necessary. |

Those interested candidates with 5-10 years of experience in a reputed school as a pre-primary teacher, fluent in English and well versed with NEP guidelines and computer knowledge is must. The office assistant must be well versed in online data entry and record management excellent communication skills. Organized, detail oriented and capable of handling school office document efficiently can apply within 10 days of the advertisement at abps.lapanga@adityabirla.com. Last date for submitting your application /Resume is February 25, 2026 the shortlisted candidates will be informed for the interview.

**Principal**
**Aditya Birla Primary School**

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages:

1. **TPWODL/HS/O/SER/25000011133: Customer Care Centers Operations across TPWODL, Odisha.**
2. **TPWODL/HS/O/SER/25000011136: Hospitality Services at Various Guest Houses and Offices across TPWODL, Odisha.**
3. **TPWODL/HS/O/SER/25000011135: RC for Providing Security Services across TPWODL, Odisha.**

Interested bidders are to submit Tender Participation Fee and Authorization Letter through email on or before **21st Feb. 2026, 15:00Hrs** (for Srl No.-1 & 2) and **24th Feb. 2026, 15:00Hrs,** (for Srl No.-3) respectively, after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

**Sd /- Head-Contracts and Procurement**

ଧରିତ୍ରୀ
DHARITRI
52 Years
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୪/୨୦୨୬ Bhubaneswar, Saturday, February 14/ 2026

## ଦିଲ୍ଲୀରେ ଆଜି



ଏପଷ୍ଟିନ୍ ଫାଇଲ୍‌ରେ ନାଁ ଥିବାରୁ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ଇସ୍ତଫା ଦାବିରେ ଯୁବ କଂଗ୍ରେସ କର୍ମୀମାନେ ଶୁକ୍ରବାର ଦିଲ୍ଲୀର ୫ ରାଇସିନା ରୋଡ୍‌ରେ ବିକ୍ଷୋଭ କରୁଛନ୍ତି। (ଫଟୋ- ଚମନ ଗୌତମ)

# ହରଦୀପ ପୁରୀଙ୍କ ଇସ୍ତଫା ଦାବିରେ କଂଗ୍ରେସ ଏମ୍‌ପିଙ୍କ ବିକ୍ଷୋଭ

ନୂଆଦିଲ୍ଲୀ, ୧୩।୨



ଆମେରିକା ନ୍ୟାୟ ବିଭାଗ ପ୍ରକାଶ କରିଥିବା ଏପଷ୍ଟିନ୍ ଫାଇଲ୍‌ରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ନାଁ ଥିବାରୁ କଂଗ୍ରେସ ଏମ୍‌ପିମାନେ ଶୁକ୍ରବାର ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସରେ ବିକ୍ଷୋଭ କରିବା ସହ ତାଙ୍କ ଇସ୍ତଫା ଦାବି କରିଛନ୍ତି। ସଂସଦ ଭବନ ବାହାରେ ବହୁସଂଖ୍ୟାରେ କଂଗ୍ରେସ ଏମ୍‌ପି ଏକାଠି ହୋଇ ପୁରୀଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ତାଙ୍କୁ ଜବାବ ମାଗିଥିଲେ। ପୁରୀ ଏବଂ ଜାଫ୍ରି ଏପଷ୍ଟିନ୍‌ଙ୍କ ଫଟୋ ଥିବା ଏକ ବଡ଼ ବ୍ୟାନର ସେମାନେ ଧରିଥିବା ଦେଖାଯାଇଛି।

ପୁରୀ ଅଳ୍ପ କେତେକ ଘଟଣାରେ ଏପଷ୍ଟିନ୍‌ଙ୍କୁ ଭେଟିଥିଲେ ମଧ୍ୟ ସେ ଜଡ଼ିତ ଥିବା କୌଣସି ଅପରାଧ ଉପରେ କଥା ହୋଇ ନ ଥିଲେ ବୋଲି ବୁଧବାର କହିଥିଲେ। ଅନ୍ୟପକ୍ଷରେ ଏପଷ୍ଟିନ୍ ସମ୍ପର୍କିତ ଫାଇଲରେ ଅମ୍ବାନୀଙ୍କ ନାଁ ଥିଲାବେଳେ ତାଙ୍କୁ କାହିଁକି ଜେଲ ପଠାଯାଉନାହିଁ ବୋଲି ରାଏବରେଲି ଏମ୍‌ପି ପ୍ରଶ୍ନ କରିଥିଲେ। ଏପଷ୍ଟିନ୍ ଫାଇଲରେ ହରଦୀପ ପୁରୀ ଏବଂ ଅନିଲ ଅମ୍ବାନୀଙ୍କ ନାଁ ଥିବାର ପ୍ରମାଣୀକୃତ ତଥ୍ୟ ପାଇଥିବା ରାହୁଲ ଅଭିଯୋଗ କରିଥିଲେ। ଭାରତ-ଆମେରିକା ପରମାଣୁ ଚୁକ୍ତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଚାପ ପକାଯାଉଥିବା ରାହୁଲ କହିବା ସହ ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକରେ ସରକାରଙ୍କ ପରିଚାଳନାଗତ ବିଫଳତାକୁ ସମାଲୋଚନା କରିଥିଲେ। ଅନ୍ୟପକ୍ଷରେ ରାହୁଲଙ୍କ ଅଭିଯୋଗ ଭିତ୍ତିହୀନ ବୋଲି ପୁରୀ କହିବା ସହ ତାହାକୁ ଖଣ୍ଡନ କରିଛନ୍ତି।

ଏପଷ୍ଟିନ୍ ଫାଇଲ୍‌ରେ ନାଁ ଥିବାରୁ ପେଟ୍ରୋଲିୟମ ମନ୍ତ୍ରୀ ପୁରୀଙ୍କ ଇସ୍ତଫା ଦାବିରେ ଯୁବ କଂଗ୍ରେସ କର୍ମୀମାନେ ମଧ୍ୟ ଶୁକ୍ରବାର ଦିଲ୍ଲୀର ୫ ରାଇସିନା ରୋଡ୍‌ରେ ବିକ୍ଷୋଭ କରିଛନ୍ତି। ବ୍ୟାରିକେଡ୍ ନିକଟରେ ଦିଲ୍ଲୀ ପୋଲିସ ସେମାନଙ୍କୁ ଅଟକାଇବାରୁ ଠେଲାପେଲା ହୋଇଥିଲା। ବିକ୍ଷୋଭରେ ଉଦ୍‌ବୋଧନ ଦେଇ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ କହିଛନ୍ତି, ଯୌନ ଅପରାଧୀ ଏପଷ୍ଟିନ୍‌ଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ସମ୍ପୃକ୍ତି ଅତ୍ୟନ୍ତ ଗମ୍ଭୀର ଏବଂ ଲଜ୍ଜାଜନକ ଘଟଣା।

## ମଣିପୁର ହିଂସା : ସିବିଆଇକୁ ଷ୍ଟାଟସ୍ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୩।୨

୨୦୨୩ ମଣିପୁର ହିଂସା ସହ ସମ୍ପୃକ୍ତ ୧୧ଟି ମାମଲାରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ୨ ସପ୍ତାହ ମଧ୍ୟରେ ସିବିଆଇ ଏହି ରିପୋର୍ଟ ଦାଖଲ କରିବ। ଏଥିସହିତ ହିଂସା ପ୍ରପୀଡ଼ିତ ଲୋକଙ୍କ ଥଇଥାନ ପାଇଁ ସୁପ୍ରିମକୋର୍ଟ କେନ୍ଦ୍ର ଏବଂ ମଣିପୁର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଗୀତା ମିତ୍ତଲଙ୍କ କମିଟି ଦେଇଥିବା ପରାମର୍ଶ ଅନୁଯାୟୀ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ସେମାନଙ୍କ ଥଇଥାନ ନିଶ୍ଚିତ କରିବାକୁ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## ବିଜୟଙ୍କ ରାଲିରେ ଜଣେ ମୃତ

ସାଲେମ୍, ୧୩।୨ (ପି.ଟି.)

ଅଭିନେତାରୁ ରାଜନେତା ହୋଇଥିବା ବିଜୟଙ୍କ ଦଳ ଟିଭିକେର ଶୁକ୍ରବାର ତାମିଲନାଡୁର ସାଲେମଠାରେ ଏକ ରାଲି ବେଳେ ଜଣେ ୩୭ ବର୍ଷୀୟ ବ୍ୟକ୍ତି ମୂର୍ଚ୍ଛା ଯିବା ସହ ପ୍ରାଣ ହରାଇଛନ୍ତି। ବିଜୟ ରାଲି ସ୍ଥଳରେ ପହଞ୍ଚିବା ପୂର୍ବରୁ ଏଭଳି ଅଘଟଣ ଘଟିଛି। ମୃତକ ସୂରଜଙ୍କ ଘର ମହାରାଷ୍ଟ୍ର ହୋଇଥିବାବେଳେ ସେ ସାଲେମରେ ରହୁଥିଲେ। ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂରଜ ଜଣେ ହୃଦ୍‌ରୋଗୀ ଏବଂ ପୂର୍ବରୁ ତାଙ୍କର ଆଞ୍ଜିଓପ୍ଲାଷ୍ଟ ହୋଇଥିବା ଜଣାପଡ଼ିଛି।

# ତାରିକ୍ ରହମାନ: ନିର୍ବାସିତ ନେତାରୁ ପ୍ରଧାନମନ୍ତ୍ରୀ



ବିଏନ୍‌ପି ନେତା ତାରିକ୍ ରହମନଙ୍କ ନିର୍ବାଚନ ପ୍ରଚାର ସମୟର ଦୃଶ୍ୟ।

ଢାକା, ୧୩।୨

ଦୀର୍ଘ ୧୭ ବର୍ଷ ବିଦେଶରେ କଟାଇ ନିର୍ବାଚନର ମାତ୍ର ଦୁଇ ମାସ ପୂର୍ବରୁ ନିଜ ଦେଶକୁ ଫେରିଥିବା ତାରିକ୍ ରହମାନ ବାଂଲାଦେଶର ରାଜନୈତିକ ପଶାପାଲିକୁ ଯେଭଳି ଓଲଟାଇ ଦେଇଛନ୍ତି ତାହା କ୍ୱଚିତ୍ ଦେଖିବାକୁ ମିଳେ। ବାଂଲାଦେଶର ସାମ୍ପ୍ରତିକ ରାଜନୈତିକ ସ୍ଥିତି ଏବଂ ନିର୍ବାଚନରେ ଶେଖ୍ ହାସିନାଙ୍କ ଆୱାମୀ ଲିଗ୍ ଦଳକୁ ବ୍ୟାନ୍ କରାଯିବା ଦ୍ୱାରା ଦେଖାଯାଇଥିବା ଜନଅସନ୍ତୋଷ ସତ୍ତ୍ୱେ ୧୭ କୋଟି ଜନସଂଖ୍ୟା ବିଶିଷ୍ଟ ବାଂଲାଦେଶରେ ବିଏନ୍‌ପି ଦୁଇ ତୃତୀୟାଂଶରୁ ଅଧିକ ଭୋଟ ପାଇ ବିଜୟ ହେବା ଘଟଣା ନିଶ୍ଚିତ ଭାବେ ତାରିକ୍‌ଙ୍କ ଲୋକପ୍ରିୟତା ଏବଂ ଦୃଢ଼ ନେତୃତ୍ୱର ପରିଚୟ ଦେଇଛି। ୧୯୭୧ରେ ପ୍ରଥମେ ବାଂଲାଦେଶର ସ୍ୱାଧୀନତା ଘୋଷଣା କରିଥିବା ସେନାଧିକାରୀ ତଥା ପୂର୍ବତନ ରାଷ୍ଟ୍ରପତି ଜିଆଉର୍ ରହମାନଙ୍କ ଜ୍ୟେଷ୍ଠପୁତ୍ର ହେଉଛନ୍ତି ତାରିକ୍। ମାଆ ଖଲିଦା ଜିଆ ମଧ୍ୟ ଦୁଇ ଦୁଇଥର ପ୍ରଧାନମନ୍ତ୍ରୀ ରହି ଆସିଛନ୍ତି। କିନ୍ତୁ ମାଆଙ୍କ ଶାସନକାଳରେ ତାରିକ୍ କୌଣସି ରାଜନୈତିକ ପଦ ପଦବୀରେ ଅଧିଷ୍ଠିତ ନ ଥିଲେ କି ତାଙ୍କର ଶାସନତନ୍ତ୍ରକୁ ନେଇ ସେଭଳି କିଛି ଅନୁଭୂତି ନଥିଲା। ତେବେ ୨୦୦୦ ପ୍ରାରମ୍ଭରେ ଖାଲିଦା ଜିଆଙ୍କ ଶାସନ କାଳରେ ରହମାନ ରାଜନୀତିକୁ ଗୁରୁତ୍ୱ ଦେଇ ଆଗକୁ ଯିବାକୁ ଚାହିଁଥିଲାବେଳେ ୨୦୦୮ରେ ବିଏନ୍‌ପିକୁ ହରାଇ ଆୱାମୀ ଲିଗ୍ କ୍ଷମତା ଦଖଲ କରିଥିଲା। ଏହାପରେ ରହମାନ ଦେଶ ଛାଡ଼ି ଲଣ୍ଡନ ପଳାଇଥିଲେ ଏବଂ ନିର୍ବାଚନର ମାତ୍ର ଦୁଇ ମାସ ପୂର୍ବରୁ ଦେଶକୁ ଫେରିଥିଲେ। ନିର୍ବାସନରୁ ପ୍ରଧାନମନ୍ତ୍ରୀ ହୋଇଥିବା ରହମାନ ବାଂଲାଦେଶ ରାଜନୈତିକ ଇତିହାସରେ ପ୍ରଥମ ପୁରୁଷ ପ୍ରଧାନମନ୍ତ୍ରୀ ହେବା ସହିତ ଶନିବାର ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି।

## ଦିଲ୍ଲୀ-ଢାକା ସମ୍ପର୍କ ଉପରେ ନଜର

ନୂଆଦିଲ୍ଲୀ, ୧୩।୨

ଦିଲ୍ଲୀ ଏବଂ ଢାକା ମଧ୍ୟରେ ଫେବୃଆରୀ ୧୨ ମଧ୍ୟରାତ୍ରିରୁ ୧୩ ମଧ୍ୟରେ ଯେତିକି ଥର ଟେଲିଫୋନ ଏବଂ ମେସେଜ୍ ଆଦାନପ୍ରଦାନ ହୋଇଛି ତାହା ଗତ ଦୁଇ ବର୍ଷ ମଧ୍ୟରେ ହୋଇ ନ ଥିଲା। ବାଂଲାଦେଶ ନିର୍ବାଚନରେ ବାଂଲାଦେଶ ନ୍ୟାଶନାଲ ପାର୍ଟି(ବିଏନପି)ର ବିପୁଳ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳୀୟ ମୁଖ୍ୟ ତାରିକ୍ ରହମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଭାରତ-ବାଂଲାଦେଶ ସମ୍ପର୍କକୁ ଆଗାମୀ ଦିନରେ ମଜଭୁତ କରିବାକୁ ସନ୍ଦେଶ ଦେଇଛନ୍ତି। କେବଳ ପ୍ରଧାନମନ୍ତ୍ରୀ ନୁହନ୍ତି, ଉଭୟ ପଟୁ କୂଟନୈତିକ ସ୍ତରରେ ମଧ୍ୟ ମେସେଜ୍ ମାଧ୍ୟମରେ ଆଦାନପ୍ରଦାନ ବଢ଼ିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ରହମାନଙ୍କୁ ଶୁଭେଚ୍ଛା ଜଣାଇ ଭାରତ-ବାଂଲାଦେଶ ସମ୍ପର୍କକୁ ଆହୁରି ମଜଭୁତ କରିବାକୁ ବାର୍ତ୍ତା ଦେଇଛନ୍ତି। ବାଂଲାଦେଶରେ ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠା କରାଯାଇ ସାମାଜିକ ଶାନ୍ତି ସୌହାର୍ଦ୍ଦ୍ୟ ଫେରି ଆସିଲେ କେବଳ ଭାରତ ନୁହେଁ, ଏହାର ପ୍ରଭାବ ଦକ୍ଷିଣ ଏସିଆ ରାଜନୀତିକୁ ମଧ୍ୟ ପ୍ରଭାବିତ କରିବ ବୋଲି ଭାରତ ଅନୁଭବ କରୁଛି। ଏହି ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ମୋଦି ବାଂଲାଦେଶ ସହ କୂଟନୈତିକ ସମ୍ପର୍କ ବଢାଇବାକୁ ଇଙ୍ଗିତ କରି ରହମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତେବେ ଆଗାମୀ ଦିନରେ ଭାରତ ପ୍ରତି ରହମାନଙ୍କ ଆଭିମୁଖ୍ୟ କ'ଣ ରହିବ ତାହା ଏବେଠାରୁ ଆକଳନ କରିବା କଷ୍ଟକର। କାରଣ ପୂର୍ବରୁ ବିଏନ୍‌ପି ଭାରତ କିମ୍ବା ପାକିସ୍ତାନ ସହ କୂଟନୈତିକ ସମ୍ପର୍କ ନ ବଢାଇ ଚାଇନା ସହ ସମ୍ପର୍କ ବୃଦ୍ଧି କରିଆସିଥିଲା। ସାମ୍ପ୍ରତିକ ଭୂ-ରାଜନୈତିକ ପରିପ୍ରେକ୍ଷୀରେ ରହମାନଙ୍କ ଆଭିମୁଖ୍ୟ ଭାରତ ପାଇଁ ବହୁ ଗୁରୁତ୍ୱ ବହନ କରିବ ବୋଲି କୁହାଯାଉଛି।

## ଏକାଦଶ ଶ୍ରେଣୀ ଛାତ୍ରୀଙ୍କୁ କାର୍‌ରେ ବଳାତ୍କାର, ବ୍ଲାକ୍‌ମେଲିଂ


ଭୋପାଳ, ୧୩।୨

ଭୋପାଳରେ ଜଣେ ଏକଦାଶ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ସହ ବ୍ଲାକ୍‌ମେଲ୍ କରାଯାଇଛି। ବଳାତ୍କାର ସମୟର ଭିଡିଓ ଶୁଟିଂ କରି ତାଙ୍କ ଠାରୁ ଟଙ୍କା ଦାବି କରାଯିବା ସହ ଧର୍ମ ପରିବର୍ତ୍ତନ ପାଇଁ ବାଧ୍ୟ କରାଯାଇଥିଲା। ପୋଲିସ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରିଛି। ପୀଡ଼ିତା ଛାତ୍ରୀ ଜଣଙ୍କ ଭୋପାଳର ଶାହାପୁରା ଅଞ୍ଚଳରେ ଏକ ପ୍ରତିଷ୍ଠିତ ସ୍କୁଲରେ ପଢୁଥିଲେ। ଅଉସଫ୍ ଅଲ୍ଲୀ ଖାନ୍ ନାମକ ଯୁବକଙ୍କ ସହ ପରିଚିତ ହୋଇଥିଲେ। ଉଭୟଙ୍କ ମଧ୍ୟରେ ବନ୍ଧୁତା ବଢିଥିଲା ବେଳେ ଅଉସଫ୍ ଛାତ୍ରୀଙ୍କୁ ବାହାରକୁ ବୁଲିଯିବାକୁ କହିଥିଲେ। ବୁଲିବା ନାମରେ ଅଉସଫ୍ ଛାତ୍ରୀଙ୍କୁ ଖାନୁଗାଁଓ ଅଞ୍ଚଳର ଏକ ନିଛାଟିଆ ସ୍ଥାନକୁ ନେଇ ତାଙ୍କ କାର୍‌ରେ ବଳାତ୍କାର କରିଥିଲେ। ବଳାତ୍କାର ବେଳେ ମାଜ୍ ଖାନ୍ କାର୍ ବାହାରେ ଥାଇ ଏହାର ଭିଡିଓ ରେକର୍ଡ କରିଥିଲେ। ସେମାନେ ଛାତ୍ରୀଙ୍କୁ ଏହି ଭିଡିଓ ଦେଖାଇ ୧ ଲକ୍ଷ ଟଙ୍କା ଦାବି କରିଥିଲେ। ଛାତ୍ରୀ ୪୦ ହଜାର ଯୋଗାଡ଼ କରଥିଲେ ହେଁ ଏହି ଦୁଇ ଜଣ ଅଧିକ ଟଙ୍କା ଦାବି କରି ଭିଡିଓ ଭାଇରାଲ କରିବାକୁ ଧମକ ଦେଇଥିଲେ। ଅଉସଫ୍ ଏବଂ ମାଜ୍ ଛାତ୍ରୀଙ୍କ ଅନ୍ୟ ସାଙ୍ଗମାନଙ୍କୁ ଫୋନ କରି ଛାତ୍ରୀଙ୍କୁ ଇସଲାମ୍ ଧର୍ମ ଗ୍ରହଣ କରିବାକୁ ବାଧ୍ୟ କରିଥିଲେ। ଛାତ୍ରୀ ନିଜ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଥାନାରେ ଏତଲା ଦିଆଯିବା ପରେ ପୋଲିସ ଅଉସଫ୍ ଏବଂ ମାଜ୍ ଖାନଙ୍କୁ ଗିରଫ କରିଛି। ଏହି ଛାତ୍ରୀଙ୍କ ବ୍ୟତୀତ ଅଉସଫ୍ ପୂର୍ବରୁ ଅନ୍ୟ କୌଣସି ମହିଳାଙ୍କୁ ଟାର୍ଗେଟ କରିଥିଲେ କି ନାହିଁ ସେ ସମ୍ପର୍କରେ ତଦନ୍ତ କରିବାକୁ ଏସ୍‌ଆଇଟି ଗଠନ କରାଯାଇଛି।

# ୧ମ ପର୍ଯ୍ୟାୟ ବଜେଟ ଅଧିବେଶନ ଶେଷ

ନୂଆଦିଲ୍ଲୀ, ୧୩।୨

ଜାନୁଆରୀ ୨୮ରେ ଆରମ୍ଭ ହୋଇଥିବା ସଂସଦର ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। ଏହି ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ରେ ଆରମ୍ଭ ହେବ। ୬୫ ଦିନ ଭିତରେ ମୋଟ ୩୦ କାର୍ଯ୍ୟଦିବସ ସହ ବଜେଟ ଅଧିବେଶନ ଏପ୍ରିଲ ୨ରେ ଶେଷ ହେବ।



ପାର୍ଲାମେଣ୍ଟରେ ବଜେଟ ଅଧିବେଶନ ପ୍ରଥମ ପର୍ଯ୍ୟାୟରେ ଭାରତ-ଆମେରିକା ଅନ୍ତରୀଣ ବାଣିଜ୍ୟ ଚୁକ୍ତି ଏବଂ ପୂର୍ବତନ ସେନାମୁଖ୍ୟ ଏମ୍.ଏମ୍. ନରୱଣେଙ୍କ ଅପ୍ରକାଶିତ ପୁସ୍ତକକୁ ନେଇ ଉଠିଥିବା ବିବାଦ ପରିପ୍ରେକ୍ଷୀରେ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବର୍ତ୍ତମାନ ଛୁଟି ସମୟରେ ବିଭାଗ ସମ୍ପର୍କିତ ସ୍ଥାୟୀ କମିଟିଗୁଡ଼ିକ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ଲେଖାନୁଦାନ ପାଇଁ ଦାବି ଉପରେ ଯାଞ୍ଚ କରିବେ।

## ରାହୁଲଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିବନି କେନ୍ଦ୍ର

ନୂଆଦିଲ୍ଲୀ, ୧୩।୨

ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅଣସଂସଦୀୟ ଭାଷା ବ୍ୟବହାର କରିଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିବା ଯୋଜନାକୁ କେନ୍ଦ୍ର ସରକାର ସ୍ଥଗିତ ରଖିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଶୁକ୍ରବାର କହିଛନ୍ତି। ଉପରୋକ୍ତ ପ୍ରସଙ୍ଗରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଗୁରୁବାର କଂଗ୍ରେସ ନେତାଙ୍କ ବିରୋଧରେ ସ୍ୱତନ୍ତ୍ର ପ୍ରସ୍ତାବ ଆଣିବା ପାଇଁ ନୋଟିସ ଦେଇଥିବାରୁ ସରକାର ତାଙ୍କ ପୂର୍ବ ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି।



ଶ୍ରୀଲୀଲା

## ଅଭିନୟ ପରେ ଏମ୍‌ବିବିଏସ୍

ମୁମ୍ବାଇ

'ପୁଷ୍ପା-୨'ର ଆଇଟମ୍ ଗୀତରେ ଅଭିନୟ କରିଥିବା ନାୟିକା ଶ୍ରୀଲୀଲା ରାତାରାତି ନ୍ୟାଶନାଲ କ୍ରଶ୍ ପାଲଟିଯାଇଥିଲେ। ତାଙ୍କର ସୁନ୍ଦର ଲୁକ ଏବଂ ଚମତ୍କାର ଅଭିନୟ ବ୍ୟତୀତ, ଶ୍ରୀଲୀଲା ଜଣେ ଭଲ ଛାତ୍ରୀ। ଏବେ ସେ ଏମ୍‌ବିବିଏସ୍ ଡିଗ୍ରୀ ସମାପ୍ତ କରି ଆନୁଷ୍ଠାନିକ ଭାବରେ ଜଣେ ଡାକ୍ତର ହୋଇଛନ୍ତି। ୨୦୦୧ରେ ଆମେରିକାର ଡେଟ୍ରଏଟରେ ଏକ ତେଲୁଗୁ ପରିବାରରେ ତାଙ୍କ ଜନ୍ମ। ସେ ବେଙ୍ଗାଲୁରୁରେ ପାଳିତ ହୋଇଥିଲେ। ତାଙ୍କ ମାଆ ସ୍ୱର୍ଣ୍ଣଲତା ବେଙ୍ଗାଲୁରୁରେ ଜଣେ ସ୍ତ୍ରୀରୋଗ ବିଶେଷଜ୍ଞ, ତେଣୁ ଶ୍ରୀଲୀଲା ତାଙ୍କ କ୍ୟାରିଅର ଭାବରେ ଡାକ୍ତରୀ ବାଛିଥିଲେ। ସେ ୨୦୧୭ ତେଲୁଗୁ ଚଳଚ୍ଚିତ୍ର ଚିତ୍ରାଙ୍ଗଦାରେ ଅଭିନୟ କରିଥିଲେ। ମୁଖ୍ୟ ଅଭିନେତ୍ରୀ ଭାବରେ ତାଙ୍କର ଡେବ୍ୟୁ ୨୦୧୯ କନ୍ନଡ ଚଳଚ୍ଚିତ୍ର କିସ୍ ସହିତ ହୋଇଥିଲା। ଦକ୍ଷିଣ ସିନେମାରେ ଏକ ଛାପ ଛାଡ଼ିବା ପରେ ଏହି ସୁନ୍ଦରୀ ଏବେ ବଲିଉଡକୁ ଚାଲିଆସିଛନ୍ତି। ଏବେ ସେ ଅନୁରାଗ ବାସୁଙ୍କ ଏକ ଫିଲ୍ମରେ କାର୍ତ୍ତିକ ଆର୍ଯ୍ୟନଙ୍କ ସହ ନଜର ଆସିବେ।

# ନୂଆ ପିଏମ୍‌ଓ 'ସେବା ତୀର୍ଥ' ଉଦ୍‌ଘାଟିତ

ନୂଆଦିଲ୍ଲୀ, ୧୩।୨ (ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆ ପିଏମ୍‌ଓ 'ସେବା ତୀର୍ଥ'କୁ ଉଦ୍‌ଘାଟନ କରୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ସେବାତୀର୍ଥ କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରିଛନ୍ତି, ଯେଉଁଥିରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ସମେତ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଏବଂ କ୍ୟାବିନେଟ ସଚିବାଳୟ ରହିଛି। ନୂଆ କମ୍ପ୍ଲେକ୍ସ ଉଦ୍‌ଘାଟନ ପରେ ରାଇସିନା ହିଲ୍‌ରେ ରାଷ୍ଟ୍ରପତି ଭବନ ନିକଟରେ ଥିବା ଉପନିବେଶ ଅମଳର ସାଉଥ୍ ବ୍ଲକ୍‌ରୁ ପ୍ରଧାନମନ୍ତ୍ରୀ ସେବା ତୀର୍ଥରେ ଥିବା ତାଙ୍କ ନୂଆ ଅଫିସ୍‌କୁ ଯାଇଛନ୍ତି। ଶୁକ୍ରବାର ମୋଦି କେନ୍ଦ୍ରମନ୍ତ୍ରୀ ମନୋହର ଲାଲ୍, ଜିତେନ୍ଦ୍ର ସିଂ ଏବଂ ପିଏମ୍‌ଓର ଶୀର୍ଷ ଅଧିକାରୀମାନଙ୍କ ସହ ମୋଟରକେଡ୍‌ରେ ସେବାତୀର୍ଥ କମ୍ପ୍ଲେକ୍ସରେ ପହଞ୍ଚି ଏହାକୁ ଉଦ୍‌ଘାଟନ କରିବା ପରେ ସେଠାରେ ମହିଳା, କୃଷକ, ଯୁବବର୍ଗ ଏବଂ ଅସୁରକ୍ଷିତ ନାଗରିକମାନଙ୍କ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ, ପିଏମ୍‌ଓ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ, ପ୍ରମୁଖ ସଚିବ ପି.କେ. ମିଶ୍ର ଏବଂ ଶକ୍ତିକାନ୍ତ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ପିଏମ୍ ରାହାତ ଯୋଜନାର ଶୁଭାରମ୍ଭକୁ ଅନୁମୋଦନ କରିବା ଲାଗି ଫାଇଲ୍‌ରେ ସ୍ୱାକ୍ଷର କରିବା ସହ ଲକ୍ଷପତି ଦିଦି ସଂଖ୍ୟା ଦ୍ୱିଗୁଣିତ କରି ୬ କୋଟିରେ ପହଞ୍ଚାଇବା ଯୋଜନା ଫାଇଲ୍‌ରେ ସ୍ୱାକ୍ଷର କରିଥିଲେ।

ପିଏମ୍ ରାହତ ଯୋଜନାରେ ଦୁର୍ଘଟଣା ପୀଡ଼ିତଙ୍କୁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦବିହୀନ ଚିକିତ୍ସା ସୁବିଧା ମିଳିବ, ଫଳରେ ତୁରନ୍ତ ଚିକିତ୍ସା ଅଭାବରୁ କାହାର ଜୀବନ ଯିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ